ଆଜି -ମଙ୍ଗଳବାର
ତାରିଖ - ୨୧ ଜୁଲାଇ ୨୦୨୬
ମାସ - କର୍କଟ, ଦିନ - ୦୫
ତିଥି - ଅଷ୍ଟମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଚିତ୍ରା, କନ୍ୟା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୨: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି




ବ୍ୟାସଂ ବଶିଷ୍ଠନପ୍ତାରଂ ଶକ୍ତେଃ ପୌତ୍ରମ୍ କଲ୍ମଷମ୍ ।
ପରାଶରାତ୍ମଜଂ ବନ୍ଦେ ଶୁକତାତଂ ତପୋନିଧିମ୍ । ।


E-News : www.Ajikali epaper.com

Vol.- 41 ISSUE- 98 R.N.I. REGD. No. 44026/86 ବାଲେଶ୍ୱର ୨୧ ଜୁଲାଇ ୨୦୨୬ ମଙ୍ଗଳବାର BALASORE 21 JULY 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ହେରାପଂଚମୀରେ ରଥକାଠ ଭାଙ୍ଗିଲେ ମା' ଲକ୍ଷ୍ମୀ

ପୁରୀ : ନବଦିନାତ୍ମକ ରଥଯାତ୍ରାର ପଂଚମ ଦିବସରେ ସୋମବାର



ରାତିରେ ତିଥି ଅନୁଯାୟୀ ହେରାପଂଚମୀ ନୀତି ଅନୁଷ୍ଠିତ ହୋଇଛି । ନନ୍ଦିଘୋଷ ରଥକାଠ ଭାଙ୍ଗିଛନ୍ତି କ୍ରୋଧ ଜର୍ଜରିତ ମା ଲକ୍ଷ୍ମୀ । ମହାପ୍ରଭୁଙ୍କ ରଥଯାତ୍ରାରେ ମାନବୀୟଲୀଳା ଦେଖିବାକୁ ମିଳିଥାଏ । ଶ୍ରୀଜଗନ୍ନାଥ ଏତେ ବଡ଼ ଘୋଷଯାତ୍ରାରେ ବାହାରି ନିଜ ସ୍ତ୍ରୀ ମା ଲକ୍ଷ୍ମୀଙ୍କୁ ନନେଇ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଜନ୍ମବେଦିକୁ ରଥଯାତ୍ରାରେ ଯାଇଛନ୍ତି । ଏହି ପ୍ରସଙ୍ଗକୁ ନେଇ ମା ଲକ୍ଷ୍ମୀ ରାଗରେ ଜର୍ଜରିତ ହୋଇ ମା ବିମଳାଙ୍କୁ ସମସ୍ତ ଘଟଣା ଜଣାଇଥିଲେ । ମା ବିମଳାଙ୍କ ପରାମର୍ଶ କ୍ରମେ ମା ଲକ୍ଷ୍ମୀ ମୋହଚୂର୍ଣ୍ଣ ଧରି ଆଜି ହେରାପଂଚମୀରେ ସନ୍ଧ୍ୟା ଆଳତୀ ପରେ ବିମାନରେ ପଟୁଆରରେ ଶ୍ରୀମନ୍ଦିରରୁ ବାହାରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଶ୍ରୀଗୁଣ୍ଡିଚା ମନ୍ଦରକୁ ମହାଲକ୍ଷ୍ମୀ ଯିବାବେଳେ ମହାପ୍ରଭୁଙ୍କ ଠାରୁ ମୁଖଚୁମ୍ବିତ ଅଧରମାଳ ମହାଲକ୍ଷ୍ମୀଙ୍କୁ ପ୍ରଦାନ କରାଯାଇଥିଲା । ଦର୍ଶନ ସମୟରେ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ଫେରିବା ପାଇଁ ମା ଲକ୍ଷ୍ମୀ ମୋହଚୂର୍ଣ୍ଣ ପକାଇଥିଲେ । ବାଟରେ ଦେଢଶୁର ଥିବାରୁ ମା ଲକ୍ଷ୍ମୀଙ୍କୁ ଚାଲିଯିବାକୁ କହି ଶ୍ରୀଜଗନ୍ନାଥଙ୍କ ଆଦେଶମତେ ମୁଖ୍ୟ ଦ୍ୱାର ବନ୍ଦ କରି ଦେଇଥିଲେ । ଏଥିରେ ଅପମାନିତ ହୋଇ ମା ଲକ୍ଷ୍ମୀ କ୍ରୋଧରେ ଜର୍ଜରିତ ହୋଇ ନନ୍ଦିଘୋଷ ରଥ ନିକଟକୁ ଆସି ରଥକାଠ ଭାଙ୍ଗି ବିଳମ୍ବିତ ରାତିରେ ହେରାଗୋହିରି ସାହିବାଟେ ଶ୍ରୀମନ୍ଦିରକୁ ଫେରିଥିଲେ । ନନ୍ଦିଘୋଷ ରଥ ନିକଟରେ ମହାଲକ୍ଷ୍ମୀ ପହଂଚିବା ପରେ ପତି ମହାପାତ୍ର ସେବାୟତ କର୍ପୂର ବନ୍ଦାପନା, ବଳିତା ବନ୍ଦାପନା, ଚାଉଳ ବନ୍ଦାପନା ଇତ୍ୟାଦି କରିଥିଲେ । ଏହି ପରମ୍ପରା ବହୁବର୍ଷ ଧରି ଚାଲି ଆସୁଛି । ଏହାକୁ ହେରାପଂଚମୀ, ହେରା ଉତ୍ସବ ବା ଲକ୍ଷ୍ମୀ ବିଜୟ ଉତ୍ସବ କୁହାଯାଏ । ଏହି ନୀତିକୁ ପାଳିଆ, ପୁଷ୍ପାଳକ, ଚାଙ୍ଗଡ଼ା, ମେକାପ, ପୂଜାପଣ୍ଡା, ମୁଦୁଲି, ମହାଜନ, ବିମାନବଡୁ, ପତ୍ରୀ, ଭିତରଛ ମହାପାତ୍ର, ବରାଗଡୁ ଆଦି ସେବକମାନେ ନୀତି ମୁତାବକ ସେବା ସମ୍ପାଦନ କରିଥିଲେ । ଭଣ୍ଡାରଘରୁ ମା ଲକ୍ଷ୍ମୀଙ୍କୁ ମାଜଣ କରାଯିବା ପରେ ଶ୍ରୀମୁଖସିଂହାର କରାଯାଇଥିଲା । ଭଣ୍ଡାରଘରୁ ପାଟଶାଢି, ଅଳଙ୍କାର ଅଣାଯାଇ ମାଙ୍କୁ ବେଶ କରାଯାଇଥିଲା । ବଟମୂଳେ ଥିବା ବିମାନରେ ମା ଲକ୍ଷ୍ମୀ ବିଜେ କରି ସିଂହଦ୍ୱାର ଦେଇ ବଡ଼ଦାଣ୍ଡରେ ଆସି ଗୁଣ୍ଡିଚା ମନ୍ଦିର ନନ୍ଦିଘୋଷ ନିକଟରେ ଅଟକି ଥିଲେ। ରଥ ନିକଟରେ ପ୍ରସାଦଲାଗି, ବନ୍ଦାପନା, ଆଲଟଚାମର ନୀତି, ଘଷାବିଡ଼ିଆ ଓ ଦହି ପଟି ଲାଗି ହୋଇଥିଲା ।

## ମୌସୁମୀ ଅଧିବେଶନ ପୂର୍ବରୁ ବକ୍ତବ୍ୟ ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ମୌସୁମୀ ବାୟୁ ହେଉ କିମ୍ବା ମୌସୁମୀ ଅଧିବେଶନ, ଯେତେବେଳେ ଉଭୟ ସକ୍ରିୟ ରହନ୍ତି, ସେତେବେଳେ ଅତ୍ୟନ୍ତ ଫଳପ୍ରଦ ହୋଇଥାନ୍ତି ଏବଂ ଦେଶର କଲ୍ୟାଣରେ ସହଯୋଗ କରିଥାନ୍ତି । ସେଥିପାଇଁ ଆମେ ପ୍ରାର୍ଥନା କରୁଛୁ ଯେ ମୌସୁମୀ ସକ୍ରିୟ ରହୁ ଏବଂ ମୌସୁମୀ ଅଧିବେଶନ ମଧ୍ୟ ଫଳପ୍ରଦ ରହୁ : ପ୍ରଧାନମନ୍ତ୍ରୀ ବିଗତ ଏକ ମାସ ମଧ୍ୟରେ, ଦେଶ ଅନେକ ସଫଳତାର ମାଇଲଖୁଂଟ ହାସଲ କରିଛି ଯାହା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି; ଜାତୀୟ ସ୍ତର ହେଉ ବା ଅନ୍ତର୍ଜାତୀୟ ସ୍ତର କିମ୍ବା ଏବେ ମହାକାଶ କ୍ଷେତ୍ରରେ, ଭାରତ ଅପାର ଗର୍ବ ଓ ଗୌରବର ମୁହୂର୍ତ୍ତଗୁଡ଼ିକୁ ଦେଖିଛି : ପ୍ରଧାନମନ୍ତ୍ରୀ ପଶ୍ଚିମ ଏସିଆର ଯୁଦ୍ଧ ପରିସ୍ଥିତି ଭାରତ ଭଳି ଏକ ଦେଶ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଥିଲା, ଯିଏ କି ନିଜର ଉର୍ଜ୍ଜା ଆବଶ୍ୟକତା ପୂରଣ କରିବା ପାଇଁ ଆମଦାନୀ ଉପରେ ନିର୍ଭର କରେ; ତଥାପି, ଏସବୁ ଆହ୍ୱାନ ସତ୍ତ୍ୱେ ଭାରତ ବିଶ୍ୱର ଦ୍ରୁତତମ ପ୍ରମୁଖ ଅର୍ଥନୀତି ଭାବରେ ଅଗ୍ରଗତି ଜାରି ରଖିଛି; ଏହା ଭାରତର ସାମର୍ଥ୍ୟ ଏବଂ ଦୃଢ଼ ସଙ୍କଳ୍ପକୁ ପ୍ରତିଫଳିତ କରୁଛି : ପ୍ରଧାନମନ୍ତ୍ରୀ ସଂସଦର ସ୍ୱାଭାବିକ କାର୍ଯ୍ୟକାରିତା, ଅର୍ଥପୂର୍ଣ୍ଣ



ଆଲୋଚନା ଏବଂ ଦେଶକୁ ଆଗକୁ ନେବା ପାଇଁ ଏକ ସାମୂହିକ ସଙ୍କଳ୍ପ ହେଉଛି ସମୟର ଆହ୍ୱାନ; ଏହା ଭାରତର ଯୁବପିଢ଼ିଙ୍କ ଆକାଂକ୍ଷା ମଧ୍ୟ, ଯେଉଁମାନେ ଉଚ୍ଚ ଆଶା ଓ ସ୍ୱପ୍ନରେ ପରିପୂର୍ଣ୍ଣ ଏବଂ ଚାହାଁନ୍ତି ଯେ ଦେଶ ଏହିଭଳି ଭାବେ ପ୍ରଗତି ପଥରେ ଆଗେଇ ଚାଲୁ :ପ୍ରଧାନମନ୍ତ୍ରୀ ମୌସୁମୀ ଅଧିବେଶନ ୨୦୨୬ର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ସଂସଦ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି । ନୂଆ ଅଧିବେଶନରେ ଯୋଗ ଦେଉଥିବା ସାଂସଦମାନଙ୍କୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ପ୍ରାକୃତିକ ପାଣିପାଗ ଧାରା ଏବଂ ସଂସଦୀୟ କାର୍ଯ୍ୟଦକ୍ଷତା ମଧ୍ୟରେ ଏକ ସୁଚିନ୍ତିତ ତୁଳନା କରିଥିଲେ । ଦେଶର ସାମଗ୍ରିକ କଲ୍ୟାଣ ଉପରେ ସକ୍ରିୟ ତଥା ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟର ଗଭୀର ପ୍ରଭାବ ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଏହି ଅଧିବେଶନରୁ ଅତ୍ୟନ୍ତ ଗଠନମୂଳକ ଫଳାଫଳ ଆଶା କରିଥିଲେ ଯାହା ଶେଷରେ ପ୍ରତ୍ୟେକଙ୍କ ପାଇଁ ଲାଭଦାୟକ ହେବ । ଶ୍ରୀ ମୋଦୀ କହିଥିଲେ, "ଆମେ ପ୍ରାର୍ଥନା କରୁଛୁ ଯେ ମୌସୁମୀ ସକ୍ରିୟ ରହୁ ଏବଂ ମୌସୁମୀ ଅଧିବେଶନ ମଧ୍ୟ ଫଳପ୍ରଦ ରହୁ'' । ବିଗତ ଏକ ମାସ ମଧ୍ୟରେ ଦେଶ କ୍ରମାଗତ ଭାବେ ହାସଲ ହୋଇଥିବା ଅସାଧାରଣ ଜାତୀୟ ଏବଂ ଅନ୍ତର୍ଜାତୀୟ ସଫଳତାଗୁଡ଼ିକ କଥା ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ସମଗ୍ର ବିଶ୍ୱରେ ବଢୁଥିବା ଦେଶର ପ୍ରତିଷ୍ଠାକୁ ନେଇ ଗର୍ବ ପ୍ରକାଶ କରିଥିଲେ । ଗତ ବର୍ଷର ଅଧିବେଶନ ପୂର୍ବରୁ କିଭଳି ଜଣେ ଭାରତୀୟ ନାଗରିକ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ପହଂଚିଥିଲେ, ତାହା ସେ ମନେ ପକାଇବା ସହ ନିକଟରେ ଦେଶର ଏକ ଘରୋଇ ମହାକାଶ ଷ୍ଟାର୍ଟଅପ୍ 'ସ୍କାଏରୁଟ୍' ଦ୍ୱାରା ହାସଲ କରାଯାଇଥିବା ଐତିହାସିକ ମାଇଲଖୁଣ୍ଟକୁ ପ୍ରଶଂସା କରିଥିଲେ । ମାତ୍ର ୨୮ ବର୍ଷର ହାରାହାରି ବୟସ ବିଶିଷ୍ଟ ଏକ ଯୁବ ଟିମ୍ ସଫଳତାର ସହ ଦେଶକୁ ଘରୋଇ ମହାକାଶ ଅନୁସନ୍ଧାନର ଏକ ନୂତନ ଯୁଗକୁ ଆଗେଇ ନେଇଥିବାର ଅବିଶ୍ୱସନୀୟ ସତ୍ୟକୁ ପ୍ରଶଂସା କରି ସେ କହିଥିଲେ ଯେ ଏହିସବୁ ସଫଳତା ଦେଶର ଆତ୍ମବିଶ୍ୱାସକୁ ବହୁଗୁଣିତ କରିଥାଏ । ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ, "ଆମର ଯୁବପିଢ଼ିଙ୍କ ଦ୍ୱାରା ପରିଚାଳିତ ଏହି ଷ୍ଟାର୍ଟଅପ୍ ଗୁଡ଼ିକ ମହାକାଶରେ ଭାରତର ପତାକାକୁ ଦୃଢ଼ ଭାବରେ ସ୍ଥାପିତ କରିଛନ୍ତି, ଯାହା ଦ୍ୱାରା ବିଶ୍ୱରେ ଆମ ଦେଶର ପରିଚୟ ଓ ପ୍ରତିଷ୍ଠା ସୁଦୃଢ଼ ହୋଇଛି'' । ଶ୍ରୀ ମୋଦୀ ନିକଟରେ ହାସଲ ହୋଇଥିବା ଏହି ପ୍ରଯୁକ୍ତିଗତ ସଫଳତାଗୁଡ଼ିକୁ ଦେଶର ଅପାର ସାମର୍ଥ୍ୟର ପ୍ରତୀକ ବୋଲି ବର୍ଣ୍ଣନା କରି କହିଥିଲେ ଯେ, ବର୍ତ୍ତମାନ ପିଢ଼ିର କ୍ଷମତା ଓ ସମ୍ଭାବନା ସମ୍ପୂର୍ଣ୍ଣ ଅସୀମ । ସେ ଏହି ଐତିହାସିକ ସଫଳତାଗୁଡ଼ିକୁ ସମଗ୍ର ଦେଶ ପାଇଁ ଆଗକୁ ବଢ଼ିବାର ସର୍ବୋଚ୍ଚ ପ୍ରେରଣାର ଉତ୍ସ ବୋଲି କହିଥିଲେ । ଶ୍ରୀ ମୋଦୀ କହିଥିଲେ, "ଏହା ଏକ ଶକ୍ତିଶାଳୀ ବାର୍ତ୍ତା ଦେଉଛି ଯେ, ଆମ ଯୁବପିଢ଼ିର କ୍ଷମତା ଓ ସେମାନଙ୍କର ଆକାଂକ୍ଷା ମହାକାଶ ପରି ଅସୀମ'' । ସେ ଏହି ଅଭୂତପୂର୍ବ ଉଦ୍ୟୋଗୀ ସଫଳତାଗୁଡ଼ିକ ଲାଗି ସରକାରଙ୍କ ଦ୍ରୁତ ତଥା ପରିବର୍ତ୍ତନକାରୀ ନୀତିଗତ ସଂସ୍କାରକୁ ଶ୍ରେୟ ଦେଇଥିଲେ । ସେ କହିଥିଲେ ଯେ ଏହି ପ୍ରଗତିଶୀଳ ପରିବେଶ ଯୁବ ନବସୃଜନକାରୀମାନଙ୍କୁ ବଡ଼ ଧରଣର ସାହସିକ ପଦକ୍ଷେପ ନେବା କିମ୍ବା ଆହ୍ୱାନର ସାମ୍ନା କରିବାକୁ ଏବଂ ଯୁଗାନ୍ତକାରୀ ବିଜୟ ହାସଲ କରିବାକୁ ସିଧାସଳଖ ସମର୍ଥ କରୁଛି । ଶ୍ରୀ ମୋଦୀ କହିଥିଲେ, "ଦେଶ ଆଜି ଯେଉଁ ସଂସ୍କାର ଏକ୍ସପ୍ରେସ୍ ଆରମ୍ଭ କରିଛି, ତାହାରି ପରିଣାମ ସ୍ୱରୂପ ଆମ ଯୁବପିଢ଼ି ଏଭଳି ସାହସିକ ପଦକ୍ଷେପ ନେଇ ସଫଳତା ହାସଲ କରିପାରୁଛନ୍ତି'' ।

### ଅଳ୍ପରେ ଖବର

- ପବିତ୍ର ହେରାପଂଚମୀର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପବିତ୍ର ହେରାପଂଚମୀ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
- ଜମ୍ମୁ-କାଶ୍ମୀରର ବର୍ଷା ପ୍ରଭାବିତ ପୁଞ୍ଛ ଜିଲ୍ଲାର ଲୋରାନ ଗାଁର ଉଚ୍ଚାଂଚଳରେ ସୋମବାର ଘଟିଥିବା ନୂଆ ଭୂସ୍ଖଳନରେ ଗୋଟିଏ ଘର ଭାସିଯାଇଥିବାରୁ ସେଠାରେ ଥିବା ୭ ଜଣଙ୍କ ମୃତ୍ୟୁ ଘଟିଛି ।
- ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ସୋମବାର ଦିନ ନଅ ଜଣ ନିର୍ବାଚିତ ରାଜ୍ୟସଭା ସଦସ୍ୟ ଗୃହର ସଦସ୍ୟ ଭାବରେ ଶପଥ ଗ୍ରହଣ କରିଛନ୍ତି । ରାଜ୍ୟ ସଭାର ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ଏହି ନବନିର୍ବାଚିତ ସଦସ୍ୟମାନଙ୍କୁ ଶପଥ ପାଠ କରାଇଛନ୍ତି ।
- କାକ୍ରୋଚ୍ ଜନତା ପାର୍ଟି (ସିଜେପି) ର ନେତାମାନେ ସୋମବାର ଦିନ କେନ୍ଦ୍ର ମନ୍ତ୍ରୀ ଜେ. ପି. ନଡ୍ଡାଙ୍କୁ ଭେଟିଛନ୍ତି । ନଡ୍ଡାଙ୍କ ବାସଭବନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।

## ରାଜ୍ୟର ବିପର୍ଯ୍ୟୟ-ସହନଶୀଳ ବିଦ୍ୟୁତ ଭିତିଭୂମି ପାଇଁ କେନ୍ଦ୍ରୀୟ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର : ରାଜ୍ୟରେ ପ୍ରସ୍ତୁତ ହେବ ବିପର୍ଯ୍ୟୟ ସହଣି ବିଦ୍ୟୁତ ଭିତିଭୂମି । ଫଳରେ ବଡ଼ ବାତ୍ୟା ହେଉ କି ବନ୍ୟା ପରେ କଟିବନି ବିଜୁଳି । ବିଦ୍ୟୁତ ସରବରାହ ଅବ୍ୟାହତ ରହିବ । ଏ ନେଇ ରାଜ୍ୟ ସରକାର ବ୍ୟାପକ ଭାବେ ଯୋଜନା ପ୍ରସ୍ତୁତ କରିଛନ୍ତି । ବିପର୍ଯ୍ୟୟ ସହଣି ବିଦ୍ୟୁତ ଭିତିଭୂମି ପାଇଁ ୯୭୫୬ କୋଟି ଖର୍ଚ୍ଚ କରିବାକୁ ବ୍ଲୁ ପ୍ରିଂଟ ପ୍ରସ୍ତୁତ କରିଛନ୍ତି । ସେଥିମଧ୍ୟରୁ ବିଦ୍ୟୁତ ବଂଟନ ବାବଦରେ ୬ହଜାର କୋଟି ଓ ପରିବହନ ବାବଦରେ ୩୭୫୬ କୋଟି ଖର୍ଚ୍ଚ କରିବାକୁ ଯୋଜନା ରହିଛି । ଏ ନେଇ ସାହାଯ୍ୟର ହାତ ବଢ଼ାଇବାକୁ କେନ୍ଦ୍ର ସରକାରଙ୍କୁ ନିବେଦନ କରାଯାଇଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍‌ଏ) ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ସହାୟତା କରିବାକୁ ଅନୁରୋଧ କରାଯାଇଛି । ଏହି ପ୍ରସଙ୍ଗରେ ୨୦୨୫ ଡିସେମ୍ବର ୧୬ ତାରିଖରେ ଶକ୍ତି ବିଭାଗର ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ



ସିଂହଦେଓ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖିଥିଲେ । ପୁଣି ଚଳିତବର୍ଷ ଜୁନ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀ ଶାହଙ୍କୁ ଚିଠି ଲେଖିଛନ୍ତି । ରାଜ୍ୟରେ ବିପର୍ଯ୍ୟୟ ସହଣି ବିଦ୍ୟୁତ ଭିତିଭୂମି ପ୍ରସ୍ତୁତି ଦିଗରେ ଏନ୍‌ଡିଏମ୍‌ଏ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶା ପ୍ରତିବର୍ଷ ବାତ୍ୟା ହେଉ କିମ୍ବା ବନ୍ୟାକୁ ମୁକାବିଲା କରୁଛି । ଗତ ୨୦ ବର୍ଷ ମଧ୍ୟରେ ୧୯୯୯ରେ ମହାବାତ୍ୟା ଓ ପରେ ଫାଇଲିନ୍, ହୁଦ୍‌ହୁଦ୍, ତିତ୍‌ଲି, ଫନି, ଅମ୍ଫନ ଓ ୟାସ୍ ଯୋଗୁଁ ଓଡ଼ିଶାରେ ବିଦ୍ୟୁତ ଭିତିଭୂମିର ବ୍ୟାପକ କ୍ଷୟକ୍ଷତି ହୋଇଛି । ତେଣୁ ରାଜ୍ୟ ବିପର୍ଯ୍ୟୟ ସହଣି ବିଦ୍ୟୁତ ଭିତିଭୂମି ପ୍ରସ୍ତୁତ କରିବାକୁ ଚାହୁଁଛି । ବାତ୍ୟା ହେବା ମାତ୍ରେ ରାଜ୍ୟରେ ଡାକ୍ତରଖାନାଠୁ ଆରମ୍ଭ କରି ବିଭିନ୍ନ ଜରୁରିକାଳୀନ ସୁବିଧା ମଧ୍ୟ ବାଧାପ୍ରାପ୍ତ ହେଉଛି । ତେଣୁ ଦୀର୍ଘମିଆଦି ଯୋଜନାରେ ବାତ୍ୟା ଓ ବନ୍ୟାକୁ ମୁକାବିଲା କରିବା ଭଳି ବିଦ୍ୟୁତ ଭିତିଭୂମି ପ୍ରସ୍ତୁତ କରିବାକୁ ଯୋଜନା କରୁଛି । ପୂର୍ବରୁ ବିପର୍ଯ୍ୟୟ ମୁକାବିଲା ଭିତିଭୂମି ପ୍ରସ୍ତୁତରେ ଓଡ଼ିଶାରେ ରେକର୍ଡ ରହିଛି । ତେଣୁ ଏ ଦିଗରେ କେନ୍ଦ୍ର ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । ଅପରପକ୍ଷେ ବିପର୍ଯ୍ୟୟ ସହଣି ବିଦ୍ୟୁତ ଭିତିଭୂମି ପାଇଁ ବିଦ୍ୟୁତ ବଂଟନ ବ୍ୟବସ୍ଥାକୁ ପୋଲ୍ ଜରିଆରେ ନ କରି ଧୀରେ ଧୀରେ ଭୂତଳ କେବୁଲ୍ ଜରିଆରେ କରିବାକୁ ଯୋଜନା ପ୍ରସ୍ତୁତ ହେଉଛି ।

## ସ୍ୱଳ୍ପ ବୃଷ୍ଟି ପାଇଁ ଜରୁରୀକାଳୀନ ଯୋଜନା ଓ ବିକଳ୍ପ ବିଦ୍ୟୁତ ବ୍ୟବସ୍ଥାର ସମୀକ୍ଷା କଲେ ଉପ-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ରାଜ୍ୟରେ କମ୍ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ସ୍ଥିତିକୁ ନେଇ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଶକ୍ତି ବିଭାଗ ଅତିରିକ୍ତ ଶାସନ ସଚିବ ବିଶାଳ କୁମାର ଦେବ, ଜଳସମ୍ପଦ ବିଭାଗ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଏବଂ କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ବିଭାଗୀୟ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ । ବାଲିମେଳା ଓ ମାଛକୁଣ୍ଡ ଭଳି ବଡ଼ ବଡ଼ ଜଳାଶୟର କ୍ୟାଚମେଂଟ ଅଂଚଳରେ କମ୍ ବର୍ଷା ହୋଇଥିବାରୁ ସରକାର ସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ଜନସାଧାରଣଙ୍କୁ ଆଦୌ ନଡରିବାକୁ ଆଶ୍ୱାସନା ଦେଇଛନ୍ତି । ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜଳାଶୟଗୁଡ଼ିକରେ



ଥିବା ପାଣିକୁ ପ୍ରଥମେ ପାନୀୟ ଜଳ ଏବଂ ଚାଷ କାର୍ଯ୍ୟ ପାଇଁ ସଂରକ୍ଷିତ ରଖାଯିବ । ଏହା ପରେ ଯାଇ ବିଦ୍ୟୁତ ଉତ୍ପାଦନ ପାଇଁ ପାଣି ଦିଆଯିବ । ଗତବର୍ଷ ତୁଳନାରେ ଏଥର ଜଳସ୍ତର କମ୍ ଥିବାରୁ କୃଷି ଓ ଜଳସମ୍ପଦ ବିଭାଗ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି, ଯେପରି ଖରିଫ ଚାଷରେ କୌଣସି ଅସୁବିଧା ନହୁଏ । ଏଥିପାଇଁ କେନ୍ଦ୍ର କୃଷି ମନ୍ତ୍ରଣାଳୟ ସହ ମଧ୍ୟ ଆଲୋଚନା କରାଯାଇଛି । ଶ୍ରୀ ସିଂହଦେଓ ସ୍ପଷ୍ଟ କରିଛନ୍ତି ଯେ, ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବାଲିମେଳାରେ ବିଦ୍ୟୁତ ଉତ୍ପାଦନକୁ କିଛି ଦିନ ପାଇଁ ବନ୍ଦ ରଖାଯାଇଛି । କମ୍ ବର୍ଷା ସତ୍ତ୍ୱେ ବିକଳ୍ପ ବ୍ୟବସ୍ଥା ଯୋଗୁଁ ରାଜ୍ୟରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ରହିଛି । ତେଣୁ ବିଦ୍ୟୁତ ବା ପାଣି ଅଭାବ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ । ଏହି ସମସ୍ୟାର ସମାଧାନ ପାଇଁ ସରକାର ଏକ ବ୍ୟାପକ ଆପଦକାଳୀନ ଯୋଜନା ପ୍ରସ୍ତୁତ କରିଛନ୍ତି । ଫସଲକୁ ବଂଚାଇବା ପାଇଁ କୃଷି, ଶକ୍ତି ଓ ଜଳସମ୍ପଦ ବିଭାଗ ମିଳିତ ଭାବେ କାମ କରୁଛନ୍ତି ।

## ରାଜ୍ୟରେ ସାର କଳାବଜାରୀ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ : ସମବାୟ ମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟରେ ସାର ସଙ୍କଟ ଦୂର କରିବା ପାଇଁ ଓଡ଼ିଶା ସରକାର ଅନେକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ହେଉଛି ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଇବା ଏବଂ କଳାବଜାରୀ ରୋକିବା । ଯିଏ



କଳାବଜାରୀ କରିବ ତା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ । ରାଜ୍ୟର ବିଭିନ୍ନ ସ୍ଥାନରେ ସାରା ଅଭାବ ନେଇ ଅଭିଯୋଗ ଆସିଥିଲା । ଏଥିପାଇଁ ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ଉଇଚ ଓ ୟୁରିଆର ବିକଳ୍ପକୁ ପ୍ରୋତ୍ସାହନ ପାଇଁ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ବିକଳ୍ପ ଭାବେ କମ୍ପ୍ଲେକ୍ସ ଫର୍ଟିଲାଇଜର୍ ଓ ଆମୋନିୟମ୍ ସଲଫେଟ୍‌କୁ ପ୍ରୋତ୍ସାହନ ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସଚିବ । ଭାରତ ସରକାର ବିପୁଳ ପରିମାଣରେ ଆମୋନିୟମ୍ ସଲଫେଟ୍ ଯୋଗାଇବେ । ଏହା ମୃତିକାରେ ସଲଫର୍ ଅଭାବ ଦୂର କରିବାରେ ସହାୟକ ହୋଇପାରିବ । ଉଇଚ ଯୋଗାଣ ପ୍ରଭାବିତ ହୋଇଥିବାରୁ କମ୍ପ୍ଲେକ୍ସ ଫର୍ଟିଲାଇଜରକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ହୋଇଛି । ଏହାସହ ପ୍ରତ୍ୟେକ ଜିଲ୍ଲାର ଗଇଜକରରଉକୁ ଇଣ୍ଡେଂଟ୍ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ୟୁରିଆ ଓ ଡିଏପି ବଦଳରେ ବ୍ୟବହାର ହେବ ବିକଳ୍ପ ସାର । ରାଜ୍ୟରେ ୟୁରିଆ ଏବଂ ଡିଏପି ସାରର ଚାହିଦା ଏବଂ ଯୋଗାଣକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରାଯାଇଛି । ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ପଠାଯାଇଥିବା ଏହି ଚିଠିରେ ବିକଳ୍ପ ସାର ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି । ୟୁରିଆ ବଦଳରେ 'ଅମୋନିୟମ୍ ସଲଫେଟ୍' ବ୍ୟବହାର କରିବାକୁ କୁହାଯାଇଛି ।

## ଲୋକସେବାଭବନରେ ଜିଲ୍ଲାପାଳମାନଙ୍କ ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର : ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଗତ ଶନିବାର ଜିଲ୍ଲାପାଳମାନଙ୍କ ସହିତ ଏକ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଶେଷ କରି ଜିଲ୍ଲାସ୍ତରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇଥିଲା । ବୈଠକରେ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ ଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମସ୍ତ ଜିଲ୍ଲାପାଳ ଭିଡିଓ କନଫରେନ୍ସ ମାଧ୍ୟମରେ ବୈଠକରେ ଯୋଗଦେଇ ଥିଲେ ।ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଶ୍ରୀ ହେମନ୍ତ ଶର୍ମା ଯୋଗଦେଇ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରାଚାଲାଣ ରୋକିବା ଦିଗରେ ଜିଲ୍ଲାସ୍ତରରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନକୁ ଅଧିକ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଇଥିଲେ । ଜିଲ୍ଲା ନାର୍କୋ



ସମନ୍ୱୟ (ଏନ୍‌ସିଓଆରଡି) କମିଟିର ନିୟମିତ ତ୍ରୈମାସିକ ବୈଠକ ଆୟୋଜନ ଓ ଏହାର ଫଳପ୍ରଦ ସମୀକ୍ଷା ଉପରେ ଜିଲ୍ଲାପାଳ ଓ ଏସପିମାନେ ସୁନିଶ୍ଚିତ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି 'ନିଶା ମୁକ୍ତ ଭାରତ ଅଭିଯାନ' ଲକ୍ଷ୍ୟ ହାସଲ ନିମନ୍ତେ ୨୦୨୬-୨୦୨୯ ଅବଧି ପାଇଁ ପ୍ରତ୍ୟେକ ଜିଲ୍ଲାରେ ସ୍ୱତନ୍ତ୍ର କାର୍ଯ୍ୟଯୋଜନା ପ୍ରସ୍ତୁତ କରି ନିଶାଦ୍ରବ୍ୟ ଚାହିଦା ହ୍ରାସ, ଚୋରାଚାଲାଣ ନିୟନ୍ତ୍ରଣ, ଆଇନର କଡ଼ା କାର୍ଯ୍ୟକାରିତା, ଜନସଚେତନତା, ଚିକିତ୍ସା ଓ ପୁନର୍ବାସ କାର୍ଯ୍ୟକ୍ରମକୁ ସମନ୍ୱିତ ଭାବେ କାର୍ଯ୍ୟକାରୀ କରିବା ସହ ପ୍ରତ୍ୟେକ ବୈଠକରେ ପୂର୍ବ ନିଷ୍ପତ୍ତିର ଅଗ୍ରଗତି ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଂଚଳ ୨.୦ ଆଫୋର୍ଡେବଲ ହାଉସିଂ, ଆଫୋର୍ଡେବଲ ରେଂଟାଲ ହାଉସିଂ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମୀକ୍ଷା କରି ଏଞ୍ଜେଇ ଆବଶ୍ୟକ ଜମି ଚିହ୍ନଟ, ଜମି ସମ୍ବନ୍ଧୀୟ ସମସ୍ୟାର ଶୀଘ୍ର ସମାଧାନ, ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତି ଓ ଯୋଜନାଗୁଡ଼ିକୁ ସମୟବଦ୍ଧ ଭାବେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗ ଶ୍ରୀମତୀ ଉଷା ପାଢୀ ଏ ସଂପର୍କରେ ଜିଲ୍ଲାପାଳମାନଙ୍କ ସହିତ ସର୍ବିସ୍ତୃତ ଆଲୋଚନା କରିଥିଲେ । ଆହୁରି ମଧ୍ୟ ଅମୃତ ୨.୦ ଜଳଯୋଗାଣ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସମୀକ୍ଷା କରାଯାଇ ଆବଶ୍ୟକ ପରାମର୍ଶ ଦିଆଯାଇଛି । ଶିଳ୍ପ ପ୍ରତିଷ୍ଠା ଓ ଶିଳ୍ପାଂଚଳର ଦ୍ରୁତ ବିକାଶ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି, ସେଥିରୁ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଅନୁମୋଦନ ସଂପର୍କରେ ଇଡକୋ ପକ୍ଷରୁ ଆଲୋଚନା କରାଯାଇଥିଲା ।



# ଦେଶ ଓ ରାଜ୍ୟର ଶିକ୍ଷା ଓ ପରୀକ୍ଷାରେ ସୁଧାର ଆଣିବା ଦାବି ସହ ପରିବେଶବିତ୍ ସୋନମ୍ ୱାଙ୍ଗଚୁକ୍‌ଙ୍କ ଦାବି ଓ ଅନଶନକୁ ସମର୍ଥନ ଜଣାଇ ବାଲେଶ୍ୱରରେ ପ୍ରତୀକ ଅନଶନ



ବାଲେଶ୍ୱର(ନି.ପ୍ର.) : ଦେଶ ଓ ରାଜ୍ୟରେ ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଓ ସୋନମ୍ ୱାଙ୍ଗଚୁକ୍‌ଙ୍କ ଦାବି ଓ ଆନ୍ଦୋଳନକୁ ସମର୍ଥନ କରି ସୋମବାର ଦିନ ସକାଳ ୯ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବାଲେଶ୍ୱର ଶିକ୍ଷା ସୁରକ୍ଷା ମ□ ପକ୍ଷରୁ ୫ ଜଣ ସଦସ୍ୟ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ପ୍ରତୀକ ଅନଶନରେ ବସିଥିଲେ । ଏହି ଅନଶନକାରୀଙ୍କୁ ସମର୍ଥନ ଜଣାଇ ବାଲେଶ୍ୱରର ସମସ୍ତ ବିରୋଧି ରାଜନୈତିକ ଦଳର ନେତୃତ୍ୱ ଓ ବିଭିନ୍ନ ସାମାଜିକ ସଂଗଠନ ଏବଂ ଗଣସଂଗଠନ କର୍ମକ□ୀଙ୍କ ସମେତ ବହୁ ଶିକ୍ଷାବିତ୍, ଆଇନଜୀବୀ ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ଅନଶନ ସ୍ଥଳରେ ଯୋଗ ଦେଇଥିଲେ । ଚଳିତବର୍ଷ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଫଳରେ କେତେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିବା ସହ ଅନେକ ଛାତ୍ରଛାତ୍ରୀ ୨ୟଥର ପରୀକ୍ଷାରୁ ବ□ିତ ହୋଇଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ ଦାବିକରି ବିଶିଷ୍ଟ ବୈଜ୍ଞାନିକ, ପରିବେଶବିତ୍ ତଥା ଶିକ୍ଷାବିତ୍ ଆମରଣ ଅନଶନରେ ଦୀର୍ଘ ୨୦ଦିନ ବସିବା ପରେ ଦିଲ୍ଲୀ ପୋଲିସ୍ ତାଙ୍କ ସହ କୌଣସି ଆଲୋଚନା ନକରି ଜୋରଜବରଦସ୍ତ ଉଠାଇନେବା ଘଟଣାକୁ ଅନଶନ ସ୍ଥଳରେ ବକ୍ତାମାନେ ଦୃଢ଼ ନିନ୍ଦାକରିଥିଲେ । ସେହିପରି ଓଡ଼ିଶାରେ ପ୍ରଥମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଫଳରେ ଚଳିତ ଶିକ୍ଷାବର୍ଷରେ ଏହି ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ । ଅନଶନରେ ଶିକ୍ଷା ସୁରକ୍ଷା ମ□ର ଆବାହକ ରଘୁନାଥ ଲେଙ୍କାଙ୍କ ସମେତ ସେକ୍ ସଲିମ୍ ରାଜା, ଏମ୍‌ଡି ଇକ୍‌ବାଲ୍, ଦୁକୁଲ୍ ଚନ୍ଦ୍ର ଘଡ଼ାଇ ଓ ସେଖ୍ ଅଜଗର ଅଲ୍ଲୀ ଅନଶନକାରୀଙ୍କୁ ବକ୍ତାମାନେ ସମର୍ଥନ ଜଣାଇ ଧନ୍ୟବାଦ ଦେଇଥିଲେ । ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ସକାଳ ୯ଟାରେ ଅନଶନକାରୀ ଅନଶନ ଆରମ୍ଭ କରିଥିଲେ । ଏସ୍.ଏଫ୍.ଆଇ.ର ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଆସି ଅନଶନ ସ୍ଥଳରେ ପହ□ିଥିଲେ ।

ବରିଷ୍ଠ ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ ଓ ଡ. ଆମ୍ବେଦକର ବିକାଶ ପରିଷଦର ସଭାପତି ସୁଦର୍ଶନ ଜେନା ଅନଶନସ୍ଥଳର ସଭାରେ ସଂଯୋଜନା କରିଥିଲେ । ସିପିଆଇ ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ, ସିପିଆଇ (ଏମ୍)ର ଜିଲ୍ଲା ସଂପାଦକ ଶିଶିର ହୁଇ, କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ସଂଜୀବ ଗିରି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ସୁଦର୍ଶନ ଜେନା, ଇଂ. ସୁକାନ୍ତ ନାୟକ ଓ ସୁଧାଂଶୁ ପରିଡ଼ାଙ୍କ ସମେତ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ, ଛାତ୍ରନେତା ଚନ୍ଦନ କମିଳା, ପ୍ରଫେସର ଶତୃଘ୍ନ ମଲ୍ଲିକ, ଏଆଇଟିୟୁସି ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ ଓ ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା, ସିଆଟିୟୁ ନେତା ନିର୍ମଳ ନାୟକ, ପ୍ରେମରଂଜନ ପାତ୍ର ଓ ଶ୍ୟାମସୁନ୍ଦର ଜେନା, ଆଇନଜୀବୀ ମନୋଜ ନାୟକ, ମହମ୍ମଦ ଇସଲାମ୍, ତୁଷାରକାନ୍ତି ମହାପାତ୍ର, ଶାନ୍ତନୁ ଦାସ, 'ଭିଟାମାଟି ବ□ାଅ' ଆନ୍ଦୋଳନର ନେତା ଅରୁଣ ଜେନା, ବିଜେଡ଼ିର ଯୁବନେତା ଶୁଭେନ୍ଦୁ ମଙ୍ଗରାଜ, ଧିରେନ୍ ନାୟକ, ମାନସ ଦାସପଟ୍ଟନାୟକ, ବରଦାପ୍ରସନ୍ନ ପଟ୍ଟନାୟକ, ନାରୀନେତ୍ରୀ ରୁବି ପଟ୍ଟନାୟକ, ଜ୍ୟୋତି ବାରିକ, ବରିଷ୍ଠ ନାଗରିକ ମ□ ଓ ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଏସ୍.ୟୁ.ସି.ଆଇ. ନେତା ପ୍ରଶାନ୍ତ ଦାସ, ସାହିତ୍ୟିକ କାଳିକିଙ୍କର ଦାସ, ଯୁବନେତା ବିକ୍ରମ ପଣ୍ଡା, ହରେକୃଷ୍ଣ ପ୍ରଧାନ, ବେଣୁଧର ବାରିକ, ଅନିରୁଦ୍ଧ ଦାସ, କମଳାକାନ୍ତ ନାୟକ, ତପନ ସିଟ୍ ଓ ଯତୀନ୍ ପାତ୍ର ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଅନଶନକାରୀଙ୍କ ଦାବି ଓ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇ ଆଗାମୀ ଆନ୍ଦୋଳନ ପାଇଁ ସେମାନଙ୍କ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ ।

## ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ପକ୍ଷରୁ ବାଲେଶ୍ୱରରେ କୃତୀ ଛାତ୍ରଛାତ୍ରୀଙ୍କୁ ଦିଆଗଲା ଭବ୍ୟ ସମ୍ବର୍ଦ୍ଧନା




ବାଲେଶ୍ୱର(ନି.ପ୍ର.) : ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ବାଲେଶ୍ୱରରେ ସିବିଏସଇ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିଚାଳନା ସମିତି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବାଲେଶ୍ୱରସ୍ଥିତ ପିଏକ୍ସଇ ଡିଫେନ୍ସ କଲୋନୀ କମ୍ୟୁନିଟି ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଡିଆରଡିଓ, ଚାନ୍ଦିପୁରର ନିର୍ଦ୍ଦେଶକ ତଥା ବିଦ୍ୟାଳୟ ପରିଚାଳନା ସମିତିର ଅଧକ୍ଷ ଶ୍ରୀ ସୁବୋଧ କୁମାର ନାୟକ, ବୈଜ୍ଞାନିକ (ଏଚ୍)ଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା । ଏହାପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟ ପରିଚାଳନା ସମିତିର ବୈଠକରେ ଶ୍ରୀ ନାୟକ ୨୦୨୫-୨୬ ଶିକ୍ଷାବର୍ଷର ସିବିଏସଇ ପରୀକ୍ଷାଫଳ ସମୀକ୍ଷା କରି ଦଶମ ଶ୍ରେଣୀର ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରିବା ସହ ଦ୍ୱାଦଶ ଶ୍ରେଣୀର ଫଳାଫଳକୁ ଆହୁରି ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ସମସ୍ତ ସଦସ୍ୟଙ୍କ ସହଯୋଗ ଓ ଅଭିଭାବକଙ୍କ ବିଶ୍ୱାସ ଅତୁଟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଶ୍ରୀ ସୁବୋଧ କୁମାର ନାୟକ ଛାତ୍ରଛାତ୍ରୀଙ୍କୁ କେବଳ ଭଲ ମାର୍କ ନୁହେଁ, ବରଂ ଗୁଣାତ୍ମକ ଜ୍ଞାନ, ବିଶ୍ୱ ପରିସ୍ଥିତି ସମ୍ପର୍କରେ ସଚେତନତା ଓ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ସଫଳତା ହାସଲ ପାଇଁ ପ୍ରେରିତ କରିଥିଲେ । ସମ୍ମାନିତ ଅତିଥି ଏଆରଡିଇ, ପୁଣେର ବୈଜ୍ଞାନିକ (ଜି) ଶ୍ରୀମତୀ ବିଦ୍ୟାବତୀ ନାୟକ କୃତୀ ଛାତ୍ରଛାତ୍ରୀଙ୍କୁ ସ୍ମାରକ ଓ ପ୍ରମାଣପତ୍ର ପ୍ରଦାନ କରି ସେମାନଙ୍କ ସଫଳତା ପାଇଁ ଶିକ୍ଷକ ଓ ଅଭିଭାବକଙ୍କ ଅବଦାନକୁ ପ୍ରଶଂସା କରିଥିଲେ । ଚଳିତ ବର୍ଷ ଦଶମ ଶ୍ରେଣୀରେ ୧୬୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ବିଦ୍ୟାଳୟ ୧୦୦ ପ୍ରତିଶତ ସଫଳତା ହାସଲ କରିଥିବା ବେଳେ ୬୬ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ପାଇଥିଲେ । ସେହିପରି ଦ୍ୱାଦଶ ଶ୍ରେଣୀରେ ୧୧୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ବିଦ୍ୟାଳୟ ୯୭.୨୯ ପ୍ରତିଶତ ସଫଳତା ହାସଲ କରିଥିବା ବେଳେ ୧୨ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ଅର୍ଜନ କରିଛନ୍ତି । ଦଶମ ଶ୍ରେଣୀର ଟପର ସ୍ଥିତପ୍ରଜ୍ଞ ପରିଡା, ଦ୍ୱାଦଶ ବିଜ୍ଞାନର ତ୍ରିପର୍ଣ୍ଣା ମହାପାତ୍ର ଏବଂ ଦ୍ୱାଦଶ ବାଣିଜ୍ୟର ଅଞ୍ଜଳି ଯାଦବ ନିଜ ସଫଳତାର ଶ୍ରେୟ ବିଦ୍ୟାଳୟ, ଶିକ୍ଷକ ଓ ଅଭିଭାବକଙ୍କୁ ପ୍ରଦାନ କରିଥିଲେ । ଏହି ଅବସରରେ ଲେଫ୍ଟେନା[ କର୍ଣ୍ଣେଲ ଶଙ୍କର ଦାସ, ଶ୍ରୀମତୀ ନୀତି ଦାସ, ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟବୃନ୍ଦ, ଅଭିଭାବକ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରାଚାର୍ଯ୍ୟ ଡ. ଅଞ୍ଜନ କୁମାର ଖଟୁଆ କୃତୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ପୁରାତନ ଛାତ୍ର ସଂସଦ ପକ୍ଷରୁ ସାବିତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେଲା ବୃକ୍ଷ ହିଁ ଜୀବନ, ଏକ ସନ୍ତାନ, ଏକ ବୃକ୍ଷ କାର୍ଯ୍ୟକ୍ରମ




ବାଲେଶ୍ୱର(ନି.ପ୍ର.)ବନମହୋତ୍ସବ ସପ୍ତାହ ପାଳନ ଅବସର ରେ ବାଲେଶ୍ୱର ସହରର ଗୋପାଳ ଗାଁସ୍ଥିତ ସାବିତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ବୃକ୍ଷ ହିଁ ଜୀବନ, ଏକ ସନ୍ତାନ, ଏକ ବୃକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଛାତ୍ର ସଂସଦ ର ସଭାପତି ଡକ୍ଟର ଲକ୍ଷ୍ମୀନାରାୟଣ ମହାନ୍ତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଜେ ଗଛ ଲଗାଇବା ସହ ଅନ୍ୟମାନଙ୍କୁ ଗଛ ଲଗାଇବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ସାମ୍ପ୍ରତିକ ସ୍ଥିତିରେ ପ୍ରଦୂଷଣ ର ମାତ୍ରା ବଢ଼ି ବଢ଼ି ଚାଲିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଛାତ୍ର ସଂସଦ ର ସଦସ୍ୟ ଦର୍ପ ନାରାୟଣ ଦାସ, ପ୍ରଶାନ୍ତ ମହାନ୍ତି, ଅନୁପ ଚାଟାର୍ଜୀ, ଦୁଷ୍ମନ୍ତ କୁମାର ଦାସ, ପ୍ରଦୀପ କୁମାର ମହାନ୍ତି, ପ୍ରଧାନ ଶିକ୍ଷୟତ୍ରୀ ସ୍ୱପ୍ନା ମହାପାତ୍ର, ବନଲତା ପ୍ରଧାନ, ଲକ୍ଷ୍ମୀ ପ୍ରିୟା ଜେନା,ସନ୍ଧ୍ୟାରାଣୀ ନାୟକ ଏବଂ ପଙ୍କଜିନୀ ପଣ୍ଡା ପ୍ରମୁଖ ଯୋଗ ଦେଇ ବନ ମହୋତ୍ସବ ସପ୍ତାହ ପାଳନ ର ଆଭିମୁଖ୍ୟ ସମ୍ପର୍କ ରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ । ଏହି ଅବସରରେ ନୂତନ ଭାବେ ଯୋଗ ଦେଇଥିବା ପ୍ରଧାନ ଶିକ୍ଷୟତ୍ରୀ ସ୍ୱପ୍ନା ମହାପାତ୍ର ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ବାଲେଶ୍ୱର(ନି.ପ୍ର.)ଆଜି ପୂର୍ବାହ୍ନ ଘ: ୧୦.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ସିମୁଳିଆ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସିମୁଳିଆ ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ୭୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୭୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୩ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଦିଲ୍ଲୀପ କୁମାର ଜେନାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।





୫୦ବର୍ଷ ପୂର୍ତ୍ତି ସୁବର୍ଣ୍ଣଜୟନ୍ତୀ ଅବସରରେ ମୋତିଗଂଜ ବାଂଠିଆ ଜଗନ୍ନାଥ ମନ୍ଦିରର ମହାପ୍ରଭୁ ସିନେମାଛକ ସ୍ଥିତ ଦୁର୍ଗାମଣ୍ଡପ ମାଉସୀମା ମନ୍ଦିରରେ ନରସିଂହ ଭେଶ ଧାରଣ କରିଛନ୍ତି । (ଫଟୋ-ଦେବବ୍ରତ)

## 'ବିଶ୍ୱାସ ସହିତ ନେତୃତ୍ୱ' ଥିମ୍‌ରେ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ପାଳିତ ହେଲା ୧୧୯ତମ ପ୍ରତିଷ୍ଠା ଦିବସ

ବାଲେଶ୍ୱର,(ନି.ପ୍ର.): ସୋମବାର ଦିନ ବ୍ୟାଙ୍କ ଅଫ୍ ବରୋଦା ତାର ୧୧୯ତମ ପ୍ରତିଷ୍ଠା ଦିବସ ବଡ଼ ଉତ୍ସାହର ସହିତ ପାଳିତ ହୋଇଯାଇଛି । ଦେଶର ସମସ୍ତ ଶାଖା ଓ କାର୍ଯ୍ୟାଳୟ ସହ ମିଶି ବାଲେଶ୍ୱର ମୁଖ୍ୟ ଶାଖା ମଧ ଏହି ଅବସରକୁ ବିଶେଷ ଭାବେ ପାଳନ କରିଥିଲା ।ଏ ବର୍ଷ ପ୍ରତିଷ୍ଠା ଦିବସର ଥିମ୍ ଥିଲା 'ବିଶ୍ୱାସ ସହିତ ନେତୃତ୍ୱ' । ଏହି ଅବସରରେ ବ୍ୟାଙ୍କ ତରଫରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଅଧୀନରେ ଦୁଇଟି ସଂସ୍ଥାକୁ ସହାୟତା ପ୍ରଦାନ କରାଯାଇଥିଲା । ଶାଖାର ମୁଖ୍ୟ ପ୍ରବନ୍ଧକ ପ୍ରକାଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବାଲେଶ୍ୱର ଏୟାରଫୋର୍ସ ଆସୋସିଏସନ, ଯାହା ଅବସରପ୍ରାପ୍ତ ଭାରତୀୟ ବାୟୁସେନା କର୍ମଚାରୀଙ୍କ ସଂଘ, ଏବଂ ବ୍ୟାସକବି ସମିତି, ବାଲେଶ୍ୱରକୁ ସହାୟତା ପ୍ରଦାନ କରାଯାଇଥିଲା ।



ଶ୍ରୀ ମହାପାତ୍ର ଏହି ଅବସରେ କହିଲେ, 'ବିଶ୍ୱାସ, ସଚ୍ଚୋଟତା ଏବଂ ଉତ୍କର୍ଷତା ଉପରେ ନିର୍ମିତ ଆମର ଶହବର୍ଷରୁ ଅଧିକ ଯାତ୍ରାକୁ ଆମେ ଗର୍ବର ସହ ମନେ ପକାଉଛୁ । ଏକ ଶତାବ୍ଦୀରୁ ଅଧିକ ସମୟ ଧରି ବ୍ୟାଙ୍କ ଅଫ୍ ବରୋଦା ଜନସାଧାରଣ, ବ୍ୟବସାୟ ଏବଂ ସମାଜର ଜଣେ ବିଶ୍ୱସ୍ତ ଆର୍ଥିକ ସହଯୋଗୀ ଭାବରେ ରହି ଆସିଛି ।'ପ୍ରତିଷ୍ଠା ଦିବସ ଉତ୍ସବ ସହିତ ଶାଖା ତରଫରୁ ଏକ ଗ୍ରାହକ ସେବା ବୈଠକ ମଧ ଆୟୋଜିତ ହୋଇଥିଲା । ଏଥି ସହିତ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସେମାନଙ୍କ ମୂଲ୍ୟବାନ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବ ମାଧ୍ୟମରେ ଗ୍ରାହକ ସେବା, ସାମାଜିକ ଦାୟିତ୍ୱ ଏବଂ ସମୁଦାୟ ସହଯୋଗ ପ୍ରତି ବ୍ୟାଙ୍କର ନିରନ୍ତର ପ୍ରତିବଦ୍ଧତା ପୁନଃ ପ୍ରମାଣିତ ହୋଇଛି । ସହିତ ବିଶ୍ୱାସ ଏବଂ ଉତ୍କର୍ଷତାର ଐତିହ୍ୟକୁ ମଧ ଆହୁରି ଦୃଢ଼ କରିଛି ।

## ବିଜେପି ଜିଲ୍ଲା ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଜିଲ୍ଲା ସାଙ୍ଗଠନିକ ବୈଠକ ଆତିଥ୍ୟ ଭବନ ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ତାଙ୍କ ସ୍ୱାଗତ ଭାଷଣରେ କାର୍ଯ୍ୟକର୍ତ୍ତା ମାନଙ୍କୁ ଉତ୍ସର୍ଗୀକୃତ ମନୋଭାବ ନେଇ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ । ଉକ୍ତ ବୈଠକରେ ତୃଣମୂଳ ସ୍ତରରେ ସଙ୍ଗଠନକୁ କିପରି ମଜଭୁତ ହେବ, ଦଳୀୟ କାର୍ଯ୍ୟକ୍ରମର ବ୍ୟାପକତା, ପ୍ରଧାନମନ୍ତ୍ରୀଙ୍କ ମନ କି ବାତ ମୁଖ୍ୟ ପ୍ରସଙ୍ଗ ରହିଥିଲା । କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଜିଲ୍ଲା ପ୍ରଭାରୀ ଗୌତମ ରାୟ, ମୁଖ୍ୟ ବକ୍ତା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଆଗାମୀ ନଗର ଓ ପଂଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଓ ଯୋଜନା ବାବଦରେ ବିସ୍ତାରିତ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଦର ବିଧାୟକ ମାନସ କୁମାର ଦତ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ରାଜ୍ୟ କାର୍ଯକାରିଣୀ ସଦସ୍ୟା ମମତା ମହାପାତ୍ର , ପୂର୍ବର୍ତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ମଂଚାସିନ ଥିଲେ । ଜିଲ୍ଲାର ସମସ୍ତ ଜିଲ୍ଲା ପଧାଦିକାରୀ ସମସ୍ତେ ମଣ୍ଡଳ ସଭାପତି, ମଣ୍ଡଳ ପ୍ରଭାରୀ ବୈଠକରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଂଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ପାଦକ ଚିତରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।



## ଆଲୋକମାଳାରେ ଝଲସିଲା ଇମାମି ଗୁଣ୍ଡିଚା ମନ୍ଦିର

ବାଲେଶ୍ୱର,(ନି.ପ୍ର.): ହେରା ପଂଚମୀ ଅବସରରେ ସୋମବାର ସନ୍ଧ୍ୟାରେ ଇମାମି ଗୁଣ୍ଡିଚା ମନ୍ଦିର ଭକ୍ତି, ପାରମ୍ପରିକତା ଓ ସାଂସ୍କୃତିକ ରଙ୍ଗରେ ରଙ୍ଗୀନ ହୋଇ ଉଠିଥିଲା । ସୁସଜ୍ଜିତ ଆଲୋକମାଳା ଓ ଭଜନ ସଙ୍ଗୀତର ମାଧୁର୍ଯ୍ୟ ମନ୍ଦିର ପରିସରକୁ ଏକ ଅଲୌକିକ ରୂପ ଦେଇଥିଲା ।ପୂର୍ବ ନିର୍ଧାରିତ ସମୟାନୁସାରେ ଶ୍ରୀବିଗ୍ରହଙ୍କର ତୁଳସୀ ଅଭିଷେକ କରାଯାଇଥିଲା । ଏହା ପରେ ଇମାମି କଲୋନୀର ପରିବାରବର୍ଗ ଏକତ୍ରିତ ହୋଇ ଶ୍ରଦ୍ଧାର ସହ 'ଫ୍ୟାମିଲି ଭୋଗ' ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଅର୍ପଣ କରିଥିଲେ । ସନ୍ଧ୍ୟାରେ ଆୟୋଜିତ ଭଜନ ସନ୍ଧ୍ୟାରେ ଭକ୍ତିମୟ ସଙ୍ଗୀତ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ପରେ ଏକକ ନୃତ୍ୟ ପ୍ରଦର୍ଶନ ଦର୍ଶକଙ୍କ ମନକୁ ଛୁଇଁଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ବୃନ୍ଦାବନରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ରାସଲୀଳା । ଭକ୍ତିର ସାଗରରେ ବୁଡ଼ାଇ ଦେଇଥିବା ଏହି ପ୍ରଦର୍ଶନକୁ ସମସ୍ତେ ପ୍ରଶଂସା କରିଥିଲେ ।ହେରା ପଂଚମୀର ପାରମ୍ପରିକ ରୀତି ମଧ ଏଠାରେ ବଡ଼ ନିଷ୍ଠାର ସହ ପାଳନ କରାଯାଇଥିଲା । ପରମ୍ପରା ଅନୁଯାୟୀ ମା' ଲକ୍ଷ୍ମୀ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଗୁଣ୍ଡିଚା ମନ୍ଦିରକୁ ଆସିଥିଲେ । ଦର୍ଶନ ନ ପାଇ ଅସନ୍ତୁଷ୍ଟ ହୋଇ ସେ ନାକଚଣା ଦ୍ୱାର ଦେଇ ଫେରି ଯାଇଥିଲେ । ପରେ କ୍ରୋଧାଳୁ ମା' ଲକ୍ଷ୍ମୀ ନନ୍ଦିଘୋଷ ରଥର କାଠ ଅଂଶକୁ ପ୍ରତୀକାତ୍ମକ ଭାବେ ଭାଙ୍ଗିବା ଦୃଶ୍ୟ ସମସ୍ତଙ୍କ ପାଇଁ ଏକ ବିଶେଷ ଆକର୍ଷଣ ପାଲଟିଥିଲା ।ଏହି ଅବସରରେ ବାଲେଶ୍ୱର ଭିଜିଲାନ୍ସ ଜଜ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଗୌରବାନ୍ୱିତ କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଭକ୍ତି ଓ ସଂସ୍କୃତିର ଏକ ସୁନ୍ଦର ସମନ୍ୱୟ ଭାବେ ପରିଲକ୍ଷିତ ହୋଇଥିଲା ।

## ଶିକ୍ଷା ବଂଚାଓ, ଗଣତନ୍ତ୍ର ସୁରକ୍ଷା କର ଦାବିରେ ସିଟୁର ବିକ୍ଷୋଭ ପ୍ରଦର୍ଶନ

ବାଲେଶ୍ୱର(ନି.ପ୍ର) ଶିକ୍ଷା ବଂଚାଓ, ଗଣତନ୍ତ୍ର ସୁରକ୍ଷା କର ଦାବୀ ନେଇ ଆଜି ଫାଣ୍ଡି ଛକ ଠାରେ ଏକ ପ୍ରତିବାଦ ସଭା ସିଟୁ ଜିଲ୍ଲା ସଭାପତି ରାଜକିଶୋର ଲେଙ୍କା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଡାକ୍ତରୀ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାର ତଦନ୍ତ ସହ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଇସ୍ତଫା ଦାବିକରି ଆଜି ପ୍ରତିବାଦ ସଭା କରାଯାଇଛି । ପରିବେଶ ବିଜ୍ଞାନୀ ସୋନମ ୟାଙ୍ଗଚୁକ୍ ଏକୋଇଶ ଦିନ ଅନଶନରେ ଦିଲ୍ଲୀର ଜନ୍ତରମନ୍ତର ଠାରେ ବସିଥିଲେ । ତାଙ୍କୁ ପୋଲିସ ପକ୍ଷରୁ ଗିରଫ କରାଯାଇଛି । ଏହାକୁ ତୀବ୍ର ନିନ୍ଦା କରାଯାଇଛି । ଓଡିଶା ର ପାଠ୍ୟ ପୁସ୍ତକ ରେ ଭୁଲ ପ୍ରକାଶ କରାଯାଇଛି । ଆଗାମୀ ଦିନରେ ଛାତ୍ର, ଛାତ୍ରୀ ମାନଙ୍କୁ ସଠିକ ପୁସ୍ତକ ଯୋଗାଇ ଦେବା ପାଇଁ ଦାବି କରାଯାଇଛି । ସିଟୁ ର ଉପସଭାପତି ଶିଶିର ହୁଇ, ସିଟୁ ର ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତି ବିରୁଦ୍ଧରେ ଆଲୋଚନା କରିଥିଲେ । ଉକ୍ତ ସଭାରେ ସିଟୁ ରାଜ୍ୟ ନେତ୍ରୀ ଇଶାନି ଷଡଙ୍ଗୀ, ପୂର୍ଣ୍ଣିମା ବେହେରା , ସୁକାନ୍ତି ବେହେରା ସମେତ ବହୁ ସାଥୀ ଉପସ୍ଥିତ ଥିଲେ ।





# ଭାରତ-ବ୍ରିଟେନ ସିଇଟିଏ: ପ୍ରତିଶ୍ରୁତିର ସଫଳ ରୂପାୟନ

ବ୍ରିଟେନ ସହିତ ଭାରତର ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତିନାମା (ସିଇଟିଏ) ଭାରତର ବୈଦେଶିକ ବାଣିଜ୍ୟ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ବିବେଚନା କରାଯାଇପାରେ । ଅତି କମରେ ଗତ ଦୁଇ ଦଶନ୍ଧି ଧରି ଭାରତର ଆର୍ଥିକ ସମନ୍ୱୟ ପୂର୍ବ ଏସୀୟ ଦେଶଗୁଡ଼ିକ ସହିତ ସଂଯୁକ୍ତ ରହି ଆସିଥିଲା ବେଳେ, ୧୯୭୦ ଦଶକରୁ ବ୍ରିଟେନ ୟୁରୋପୀୟ ଅର୍ଥନୈତିକ ସମନ୍ୱୟର ଅଂଶ ହୋଇ ରହିଥିଲା । ଉଭୟ ଅର୍ଥନୀତି ପାଇଁ, ବ୍ୟାପକ ଅର୍ଥନୀତିକ ଏବଂ ବାଣିଜ୍ୟ ସହଯୋଗ (ସିଇଟିଏ) ଏକ ଗୁରୁତ୍ୱପୂର୍ଣ୍ଣ ପରିମାଣର ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରେ ଏବଂ ସେମାନଙ୍କର ବାହ୍ୟ ଅର୍ଥନୈତିକ ସହଭାଗୀତାକୁ ବିବିଧ କରିବା ନିମନ୍ତେ ଏକ ନିର୍ଣ୍ଣାୟକ ପଦକ୍ଷେପକୁ ପ୍ରତିନିଧିତ୍ୱ କରେ । ୨୦୨୫ ମସିହା ଜୁଲାଇ ମାସରେ ସ୍ୱାକ୍ଷରିତ, ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ଆଲୋଚନାରୁ କାର୍ଯ୍ୟାନ୍ୱୟନ ହେବା ପର୍ଯ୍ୟନ୍ତ ଏହାର ଯାତ୍ରାକୁ ପ୍ରତିଫଳିତ କରୁଥିବା ସମସ୍ତ ଘରୋଇ ଆଇନଗତ ପ୍ରକ୍ରିୟା ସମାପ୍ତ କରିବା ପରେ ୨୦୨୬ ମସିହା ଜୁଲାଇ ୧୫ ତାରିଖ ଦିନ ଏହା କାର୍ଯ୍ୟକ୍ଷମ ହୋଇଥିଲା । ଏହା ଉତ୍ସବ ପାଳନ କରିବାର ଏକ ଅବସର ଏବଂ ଉଭୟ ଦେଶ ପାଇଁ ଦୀର୍ଘ ଐତିହାସିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ପରବର୍ତ୍ତୀ ପର୍ଯ୍ୟାୟରେ ପହଂଚାଇବାର ଏକ ଅପୂର୍ବ ସୁଯୋଗ ବୋଲି ବିବେଚନା କରାଯାଉଛି ।

ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ଭାରତର ଉତ୍ପାଦନ ଆଧାର, ସେବା ଶକ୍ତି ଏବଂ ଆମର କୁଶଳୀ କର୍ମଚାରୀଙ୍କ ପାଇଁ ବିଶ୍ୱ ଚାହିଦା ପ୍ରତିଫଳିତ କରେ । ଏହି ଚୁକ୍ତିନାମାକୁ ପୃଥକ କରୁଥିବା ବିଷୟ ହେଉଛି ଶ୍ରମ-ସଘନ କ୍ଷେତ୍ରଗୁଡ଼ିକ ପାଇଁ ବଜାର ପ୍ରବେଶ, ସେବା ଗତିଶୀଳତା ଏବଂ ଆର୍ଥିକ ସହଯୋଗର ନୂତନ କ୍ଷେତ୍ରଗୁଡ଼ିକର କଭରେଜ ଉପରେ ଏହାର ଦୃଢ଼ ଧ୍ୟାନ ପ୍ରଦାନ । ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ଯଥାସମ୍ଭବ ବ୍ୟାପକ ଏବଂ ଭାରତର ନୂତନ ପିଢ଼ିର ବାଣିଜ୍ୟ ଚୁକ୍ତିନାମା ପାଇଁ ନମୁନା ସ୍ଥିର କରେ ।

ଏହି ଚୁକ୍ତିନାମାର ଗୁରୁତ୍ୱ ଏହାର ପରିମାଣ ଏବଂ ସନ୍ତୁଳନରେ ମଧ୍ୟ ଉପଯୁକ୍ତ ସମନ୍ୱୟ ରହିଛି । ଭାରତ ଏବଂ ଯୁକ୍ତରାଜ୍ୟ ମିଳିତ ଭାବରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ପାଇଁ ଦାୟୀ ଯାହା ପୂର୍ବରୁ ପ୍ରାୟ ୫୬ ବିଲିୟନ ଆମେରିକୀୟ ଡଲାରରେ ପହଂଚି ସାରିଛି, ଏବଂ ଉଭୟ ଦେଶ ୨୦୩୦ ମସିହା ସୁଦ୍ଧା ସେମାନଙ୍କର ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏହା ଅଧିକ ନିଶ୍ଚିତତା ଏବଂ ପୂର୍ବାନୁମାନ ସହିତ ସେହି ଲକ୍ଷ୍ୟକୁ ଅନୁସରଣ କରିବା ପାଇଁ ଢାଂଚା ପ୍ରଦାନ କରେ ଏବଂ ଏହା ଭାରତ - ଯୁକ୍ତରାଜ୍ୟ ରୋଡମ୍ୟାପ୍ ୨୦୩୦ର ବ୍ୟାପକ ରଣନୈତିକ ଦିଗକୁ ମଧ୍ୟ ପ୍ରତିଫଳିତ କରେ । ଏହି ଚୁକ୍ତିନାମା ସେହି ଦୃଷ୍ଟିକୋଣକୁ ବାସ୍ତବତାରେ ପରିଣତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଏହାର ପ୍ରଭାବ ସମୟ ସହିତ ସାକାର ହେବା ସୁନିଶ୍ଚିତ ।

ଏହି ଚୁକ୍ତିନାମାର ଅନ୍ୟ ଏକ କେନ୍ଦ୍ରୀୟ ବୈଶିଷ୍ଟ୍ୟ ହେଉଛି ଭାରତୀୟ ରପ୍ତାନି ପାଇଁ ସୁରକ୍ଷିତ ବଜାର ପ୍ରବେଶ । ଭାରତୀୟ ସାମଗ୍ରୀଗୁଡ଼ିକ ଯୁକ୍ତରାଜ୍ୟରେ ପ୍ରାୟ ୯୯ ପ୍ରତିଶତ ଟାରିଫ୍ ରେଖାରେ ଶୁଳ୍କମୁକ୍ତ ପ୍ରବେଶ ସୁଯୋଗ ପାଇବେ, ଯାହା ବାଣିଜ୍ୟ ମୂଲ୍ୟର ପ୍ରାୟ ୧୦୦ ପ୍ରତିଶତକୁ କଭର କରିବ । ଏହା ଶ୍ରମ- ସଘନ କ୍ଷେତ୍ର ଯେପରିକି ବୟନ ଏବଂ ପୋଷାକ, ଚମଡା ଏବଂ ଜୋତା, ସାମୁଦ୍ରିକ ଉତ୍ପାଦ, କ୍ରୀଡା ସାମଗ୍ରୀ, ରତ୍ନ ପଥର ଏବଂ ଅଳଙ୍କାର, ଖେଳଣା ଏବଂ ପ୍ରକ୍ରିୟାକୃତ ଖାଦ୍ୟର ପ୍ରତିଯୋଗିତାକୁ ସୁଦୃଢ଼ କରିବ ଯାହାର ମୂଲ୍ୟ ପ୍ରାୟ ୧୫୦ ବିଲିୟନ ଆମେରିକୀୟ ଡଲାର ବୋଲି ଆକଳନ କରାଯାଇଛି । ଏଗୁଡ଼ିକ ହେଉଛି ଏପରି କ୍ଷେତ୍ର ଯେଉଁଠାରେ ଭାରତ ନିକଟରେ ମାତ୍ରା, ଦକ୍ଷତା ଏବଂ ରପ୍ତାନି କ୍ଷମତା ଅଛି ଏବଂ ଯେଉଁଠାରେ ବଜାର ପ୍ରବେଶ ସିଧାସଳଖ ଚାକିରି ଏବଂ ଅଧିକ ଆୟରେ ପରିଣତ ହୋଇପାରେ । ବର୍ତ୍ତମାନର ୬.୮ ପ୍ରତିଶତ ଅଂଶ ସହିତ ବ୍ରିଟେନର ପୋଷାକ ଏବଂ ଘରୋଇ ବୟନ ଶିଳ୍ପର ଏକ ପ୍ରମୁଖ ଯୋଗାଣକାରୀ ଭାବରେ, ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ଭାରତର ବୟନ ଏବଂ ବୟନ ଶିଳ୍ପକୁ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିବ ଏବଂ ଚୀନ୍, ବାଂଲାଦେଶ ଏବଂ ଅନ୍ୟାନ୍ୟ ଏସୀୟ ଯୋଗାଣକାରୀମାନଙ୍କ ସହିତ ଭାରତର ବ୍ୟବଧାନକୁ ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି । ଏହା ଭାରତକୁ ବ୍ରିଟେନର ୮.୭ ବିଲିୟନ ଡଲାର ମୂଲ୍ୟର ଚମଡା ଏବଂ ଜୋତା ବଜାରକୁ ଏକ ଗୁରୁତ୍ୱପୂର୍ଣ୍ଣ ରପ୍ତାନି ସୁଯୋଗ ପ୍ରଦାନ କରେ । ଏହା କେବଳ ଶୁଳ୍କ ରିହାତି ବିଷୟରେ ପ୍ରଯୁଜ୍ୟ ନୁହେଁ, ବରଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ଏବଂ କ୍ଷୁଦ୍ର ବ୍ୟବସାୟ, କାରିଗର ଏବଂ ମହିଳା ନେତୃତ୍ୱାଧୀନ ବ୍ୟବସାୟ ପାଇଁ ଅଧିକ ନିଯୁକ୍ତି ଏବଂ ବଜାର ସୁଯୋଗ ସୃଷ୍ଟି କରିବା ବିଷୟରେ ମଧ୍ୟ ଉପଯୋଗୀ ।


ଏହି ଚୁକ୍ତିନାମା କୃଷି, ମତ୍ସ୍ୟଚାଷ, ବିଶେଷ କରି ଫ୍ରୋଜନ ଚିଙ୍ଗୁଡ଼ି ଏବଂ ଖାଦ୍ୟ ପ୍ରକ୍ରିୟାକରଣ ରପ୍ତାନି ପାଇଁ ନୂତନ ସମ୍ଭାବନାର ଦ୍ୱାର ମଧ୍ୟ ଉନ୍ମୁକ୍ତ କରେ । ସେହି ସମୟରେ, ଭାରତର କେତେକ ସମ୍ବେଦନଶୀଳ କ୍ଷେତ୍ର, ଯଥା- ଦୁଗ୍ଧ, ସେଓ, ଶସ୍ୟ ଏବଂ ଖାଇବା ତେଲର ସୁରକ୍ଷା ପାଇଁ ଚୁକ୍ତିନାମାକୁ ସତର୍କତାର ସହିତ ଡିଜାଇନ୍ କରାଯାଇଛି । ଏହି ସମ୍ବେଦନଶୀଳ ଉତ୍ପାଦଗୁଡ଼ିକ ମଧ୍ୟରୁ କେତେଗୋଟିକୁ ଶୁଳ୍କ ହାର କୋଟା କିମ୍ବା ପର୍ଯ୍ୟାୟକ୍ରମେ ଉଦାରୀକରଣ ମାଧ୍ୟମରେ ବାଦ ଦିଆଯାଇଛି କିମ୍ବା ସୁରକ୍ଷା ଦିଆଯାଇଛି ।

ବିଶ୍ୱ ଅର୍ଥନୀତି କ୍ରମଶଃ ସେବା- ନିର୍ଭରଶୀଳ ହେଉଛି, ଯେଉଁଠାରେ ଉଭୟ ଅର୍ଥନୀତିର ତୁଳନାତ୍ମକ ଲାଭ ରହିଛି । ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ସେହିଭଳି ସମସ୍ତ ପ୍ରମୁଖ ସେବା କ୍ଷେତ୍ର ଏବଂ ଭାରତରେ ରପ୍ତାନି ଆଗ୍ରହର ୧୩୭ ଗୋଟି ଉପ-କ୍ଷେତ୍ରକୁ କଭର କରୁଥିବା ପ୍ରତିଶ୍ରୁତିବଦ୍ଧତା ଅନ୍ତର୍ଭୁକ୍ତ କରେ, ଯେଉଁଥିରେ କୃତ୍ରିମ ପ୍ରଜ୍ଞା ଏବଂ କୃତ୍ରିମ ପ୍ରଜ୍ଞା-ସକ୍ଷମ ସେବା, ଆର୍ଥିକ ଏବଂ ବୃତିଗତ ସେବା, ବ୍ୟବସାୟ ପରାମର୍ଶ, ଶିକ୍ଷା, ଟେଲିକମ୍, ସ୍ଥାପତ୍ୟ ଏବଂ ଇଞ୍ଜିନିୟରିଂ ଅନ୍ତର୍ଭୁକ୍ତ । ଚୁକ୍ତିନାମାରେ ନୂତନ ଆର୍ଥିକ ସେବା ପ୍ରଦାନ ଏବଂ ଫିନଟେକ୍ ଓ ରେଗଟେକ୍ ଏବଂ ଆର୍ଥିକ କ୍ଷେତ୍ରରେ ବିବିଧତା ଉପରେ ସହଯୋଗ ପାଇଁ ପ୍ରତିଶ୍ରୁତିବଦ୍ଧତା ଅନ୍ତର୍ଭୁକ୍ତ ।

ଭାରତ ଏବଂ ବ୍ରିଟେନ ମଧ୍ୟରେ ଏହି ନୂତନ ଅର୍ଥନୈତିକ କରିଡର ସମ୍ପୂର୍ଣ୍ଣ ଭାବରେ ବୃତିଗତ ଗତିଶୀଳତା ଉପରେ ଆଧାରିତ । ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ଚୁକ୍ତିଭିତିକ ସେବା ଯୋଗାଣକାରୀ, ବ୍ୟବସାୟିକ ପରିଦର୍ଶକ, ଆନ୍ତଃ-କର୍ପୋରେଟ୍ ସ୍ଥାନାନ୍ତରୀ ଏବଂ ସ୍ୱାଧୀନ ବୃତିଧାରୀମାନଙ୍କ ନିମନ୍ତେ ସହଜ ପଥ ପ୍ରଦାନ କରେ । ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ପାରସ୍ପରିକ ସ୍ୱାର୍ଥର ବୃତିଗତ ସେବା ଚିହ୍ନଟ ଏବଂ ଏପରି ଚୁକ୍ତିନାମା ସମାପ୍ତ ପାଇଁ ଏକ ସ୍ପଷ୍ଟ ସମୟସୀମା ସହିତ ବୃତିଗତ ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି ପାଇଁ ଏକ ଢାଂଚା ମଧ୍ୟ ପ୍ରଦାନ କରେ । ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ଭାରତ ପ୍ରଦାନ କରୁଥିବା ସାଂସ୍କୃତିକ ଏବଂ ବୃତିଗତ ପ୍ରତିଭାକୁ ମଧ୍ୟ ସ୍ୱୀକୃତି ଦିଏ ଏବଂ ୧,୮୦୦ ଭାରତୀୟ ସେଫ୍, ଯୋଗ ପ୍ରଶିକ୍ଷକ ଏବଂ ଶାସ୍ତ୍ରୀୟ ସଂଗୀତଜ୍ଞଙ୍କ ପାଇଁ ବାର୍ଷିକ ସୁଯୋଗ ପ୍ରଦାନ କରେ । ଏହା ପ୍ରତିଫଳିତ କରେ ଯେ ଗତିଶୀଳତା କେବଳ କିଛି ବୃତିଧାରୀଙ୍କ ଗତିବିଧି ବିଷୟରେ ନୁହେଁ, ବରଂ ପ୍ରତିଭାର ବର୍ଗ ପାଇଁ ଯେଉଁଠାରେ ଭାରତ ବ୍ରିଟେନକୁ କିଛି ଅନନ୍ୟ ସୁବିଧାପ୍ରଦାନ କରିବ ।

ଭାରତୀୟ ବୃତିଧାରୀମାନଙ୍କ ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଲାଭ ହେଉଛି ଦୋହରା ଦେୟ ପ୍ରଦାନ ପରମ୍ପରା, ଯାହା ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ସହିତ ମିଶି ବଳବତର ହୋଇଥିଲା । ଏହା ଭାରତୀୟ କର୍ମଚାରୀ ଏବଂ ସେମାନଙ୍କ ନିଯୁକ୍ତିଦାତାଙ୍କୁ ପାଂଚ ବର୍ଷ ପର୍ଯ୍ୟନ୍ତ ବ୍ରିଟେନରେ ସାମାଜିକ ସୁରକ୍ଷା ଅବଦାନ ଦେବାରୁ ମୁକ୍ତ କରିବ । ବାର୍ଷିକ ପ୍ରାୟ ୬୦୦ ମିଲିୟନ ଡଲାର ମୂଲ୍ୟର ସାମାଜିକ ସୁରକ୍ଷା ଅବଦାନ ଭାରତୀୟ ବୃତିଧାରୀମାନଙ୍କ ପାଇଁ ଏକ ବୃଦ୍ଧି ଯାଇଥିବା ଖର୍ଚ୍ଚକୁ ପ୍ରତିନିଧିତ୍ୱ କରେ ଯେଉଁମାନେ କ୍ଷଣସ୍ଥାୟୀ କିମ୍ବା ଅସ୍ଥାୟୀ କାର୍ଯ୍ୟ ପାଇଁ ବ୍ରିଟେନରେ ବସବାସ କରି ରହିଥିଲେ, କିନ୍ତୁ ପେନସନ କିମ୍ବା ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଲାଭ ପାଇଁ ଯୋଗ୍ୟ ହେବା ନିମନ୍ତେ ସେଠାରେ ଯଥେଷ୍ଟ ଦିନ ରହି ନଥିଲେ । ପ୍ରାୟ ୭୫,୦୦୦ ଭାରତୀୟ ବୃତିଧାରୀ ଏବଂ ସେମାନଙ୍କର ନିଯୁକ୍ତିଦାତାଙ୍କ ନିମନ୍ତେ ଏହା ଏକ ବିରାଟ ଆଶ୍ୱସ୍ତି ବୋଲି ବିବେଚନା କରାଯାଉଛି ।

ଯେକୌଣସି ଆଧୁନିକ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ.ଟି.ଏ.) ସାମଗ୍ରୀ ଏବଂ ସେବାରେ ବଜାର ପ୍ରବେଶର ପାରମ୍ପରିକ କ୍ଷେତ୍ରଗୁଡ଼ିକୁ ଅତିକ୍ରମ କରେ ଏବଂ ସହଯୋଗର ନୂତନ କ୍ଷେତ୍ରଗୁଡ଼ିକୁ ନିଜ କ୍ଷମତା ପରିସରଭୁକ୍ତ କରିଥାଏ । ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ସରକାରୀ କ୍ରୟ,



ଶ୍ରୀ ରାଜେଶ ଅଗ୍ରୱାଲ

ବୌଦ୍ଧିକ ସମ୍ପତି ଅଧିକାର (ଆଇ.ପି.ଆର.), ଏବଂ ବାଣିଜ୍ୟ ଏବଂ ପରିବେଶ, ଶ୍ରମ, ଲିଙ୍ଗ ଏବଂ ଦୁର୍ନୀତି ବିରୋଧୀ ଭଳି ସ୍ଥାୟୀ ବିକାଶ ବିଷୟବସ୍ତୁ ସମେତ କ୍ଷେତ୍ରରେ କ୍ୟାଲିବ୍ରେଟେଡ୍ ଶୃଙ୍ଖଳାଗୁଡ଼ିକୁ ଗ୍ରହଣ କରିଛି । ଏଗୁଡ଼ିକ ଆଧୁନିକ ବାଣିଜ୍ୟ ଚୁକ୍ତିନାମାର ନୂତନ ସୀମାରେଖା ଭାବରେ ବିବେଚିତ ହେଉଛି । ସରକାରୀ କ୍ରୟରେ, ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ସୂକ୍ଷ୍ମ ଏବଂ କ୍ଷୁଦ୍ର ଉଦ୍ୟୋଗ କ୍ରମ ପାଇଁ ସାର୍ବଜନୀନ କ୍ରୟ ନୀତି ଅଧୀନରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଅଗ୍ରାଧିକାର ପ୍ରଦାନ କରିବା ପାଇଁ ଭାରତର ନୀତି ସ୍ଥାନକୁ ସଂରକ୍ଷଣ କରିଛି । ଏହା ସହିତ, ବ୍ରିଟେନ ଯୋଗାଣକାରୀମାନେ ଶ୍ରେଣୀ-୨ ସ୍ଥାନୀୟ ଯୋଗାଣକାରୀ ଭାବରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ହେଲେ, ଭାରତୀୟ ଯୋଗାଣକାରୀମାନେ ଶ୍ରେଣୀ -୧ ସ୍ଥାନୀୟ ଯୋଗାଣକାରୀ ଭାବରେ ଅଗ୍ରାଧିକାର ପାଇବା ସୁଯୋଗ ଜାରି ରଖିବେ । ସେହିପରି, ଭାରତ ବାଧ୍ୟତାମୂଳକ ଲାଇସେନ୍ସ ପ୍ରଦାନ କରିବାର କିମ୍ବା ପରିସ୍ଥିତି ଅନୁଯାୟୀ ଅନ୍ୟାନ୍ୟ ନମନୀୟତା ବ୍ୟବହାର କରିବାର ଅଧିକାରକୁ ସମ୍ପୂର୍ଣ୍ଣ ବଜାୟ ରଖି ଏକ ବ୍ୟାପକ ବୌଦ୍ଧିକ ସମ୍ପତି ଅଧିକାର ଅଧ୍ୟାୟ ଉପରେ ଆଲୋଚନା କରିଛି ।

ଚୁକ୍ତିନାମାର ବ୍ୟାପକ ଗୁରୁତ୍ୱ ଭାରତର ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣ ସହିତ ସମ୍ପୂର୍ଣ୍ଣ ରୂପେ ସମନ୍ୱିତ । ଉଭୟ ଅଂଶୀଦାରଙ୍କ ପାଇଁ ଆଗକୁ କାର୍ଯ୍ୟ ହେଉଛି ବିଭିନ୍ନ କ୍ଷେତ୍ରରେ ଥିବା ପ୍ରତିବଦ୍ଧତା କାର୍ଯ୍ୟକାରୀ କରିବା । ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା କାର୍ଯ୍ୟକାରୀ ହେବା ସହିତ, ଭାରତ ଏବଂ ବ୍ରିଟେନ ଆଗାମୀ ଦଶନ୍ଧି ପାଇଁ ଏକ ସ୍ଥିର, ଅଭିନବ ଏବଂ ଜନକୈନ୍ଦ୍ରିକ ସହଭାଗୀତା ଗଠନ କରିବାର ଏକ ବିରଳ ସୁଯୋଗ ଲାଭ କରିପାରିଛନ୍ତି ।

**(ଲେଖକ କେନ୍ଦ୍ର ସରକାରଙ୍କ ବାଣିଜ୍ୟ ବିଭାଗ ସଚିବ ପଦରେ ଅବସ୍ଥାପିତ ।)**

# ଗଣତନ୍ତ୍ର ବଂଚାଇବା ଲଢ଼େଇରେ ସାମିଲ ହେବା ପାଇଁ ସିପିଏମର ଆହ୍ୱାନ

ଜଳେଶ୍ୱର(ନି.ପ୍ର )ବିଶିଷ୍ଟ ପରିବେଶବିତ ଓ ବୈଜ୍ଞାନିକ ସୋନମ୍ ୟାଂଙ୍ଗଚୁକଙ୍କୁ ଅନଶନ ସ୍ଥଳୀରୁ କେନ୍ଦ୍ର ସରକାରର ନିର୍ଦ୍ଦେଶକ୍ରମେ ପୋଲିସ ଜବରଦସ୍ତ ଉଠାଇ ନେବା ଗଣତନ୍ତ୍ରକୁ ହତ୍ୟା କରିବା ସହିତ ସମାନ । ଗଣତନ୍ତ୍ରକୁ ସୁରକ୍ଷା ଦିଅ ଓ ଶିକ୍ଷା ବଂଚାଅ ଡାକରାରେ ଦିଲ୍ଲୀରେ ଚାଲିଥିବା ସର୍ବଭାରତୀୟ ଛାତ୍ର ଆନ୍ଦୋଳନକୁ ସମର୍ଥନ ଜଣାଇବା ସହିତ ସୋନମ୍ ୟାଂଙ୍ଗଚୁକଙ୍କ ଆନ୍ଦୋଳନକୁ ସଂହତି ଜଣାଇବା ପାଇଁ ଆଜି ସାରା ଦେଶରେ ବାମପନ୍ଥୀ ଦଳମାନଙ୍କର ସଂସଦ ଅଭିଜାନ ।ଏହି ଅଭିଜାନକୁ ସମର୍ଥନ ଜଣାଇବା ସହିତ ଶିକ୍ଷା ବ୍ୟବସ୍ଥାକୁ ତିଳ ତିଳ କରି ହତ୍ୟା କରୁଥିବା କେନ୍ଦ୍ର ଓ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆଜି ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଳେଶ୍ୱର ଆଂଚଳିକ କମିଟି ତରଫରୁ ଷ୍ଟେସନ ଛକ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି ।ସୂଚନା ଥାଉକି ନିଟ୍ ପରୀକ୍ଷା ସମେତ ସମସ୍ତ ପ୍ରବେଶିକା ପରୀକ୍ଷା ଓ ଚାକିରି ପାଇଁ ଯୋଗ୍ୟତା ହାସଲ ପରୀକ୍ଷାରେ ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ହେବା ପରୀକ୍ଷାର ସ୍ୱଚ୍ଛତା ଓ ନିରପେକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଫଳରେ ଦେଶର କୋଟି କୋଟି ଶିକ୍ଷିତ ଯୁବକ ଯୁବତୀଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି । ପ୍ରତିଦିନ ମେଧାବୀ ଛାତ୍ରଛାତ୍ରୀମାନେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଚାଲିଥିବା ବେଳେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର ବ୍ୟର୍ଥତାକୁ ଲୁଚାଇବା ପାଇଁ ଖାମଖିଆଲି ବିବୃତିମାନ ଦେଇ ଚାଲିଛନ୍ତି ।ଏହାର ପ୍ରତିବଦରେ ଓ ଶିକ୍ଷା ବଂଚାଇବା ଦାବିରେ ସୋନମ୍ ୟାଂଙ୍ଗଚୁକଙ୍କ ଆହରଣ ଅନଶନ ପ୍ରତି ଯେତେବେଳେ ସମର୍ଥନ ଜୁଆର ଉଠିଛି ସେଥିରେ କେନ୍ଦ୍ର ସରକାର ଭୟଭୀତ ହୋଇ ପୋଲିସ ଲଗାଇ ଜୋର୍ ଜବରଦସ୍ତ ଉଠାଇ ନେଇଛନ୍ତି ଏବଂ ତାଙ୍କର ନିରାପତା ପ୍ରତି ଏବେ ବିପଦ ସୃଷ୍ଟି ହୋଇଛି । କେନ୍ଦ୍ର ସରକାରର ଏହି ଗୁଣ୍ଡା ଗିରି ବିରୋଧରେ ସର୍ବ ଭାରତୀୟ ଛାତ୍ର ସଂଗଠନ ତରଫରୁ ଆମରଣ ଅନଶନ ଓ ବିକ୍ଷୋଭ ପ୍ରଦର୍ଶନ ଚାଲିଛି ।ଆମ ରାଜ୍ୟର ଶିକ୍ଷାର ହାଲ୍ ମଧ୍ୟ ସମାନ । ପାଠ୍ୟ ପୁସ୍ତକରେ ନାହିଁ ନଥିବା ଭୁଲ ।ସେହି ତ୍ରୁଟିପୂର୍ଣ୍ଣ ପୁସ୍ତକକୁ ପ୍ରଚଳନ କରିବା ପାଇଁ ପଣ କରି ବସିଛନ୍ତି ରାଜ୍ୟର ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମହାଶୟ । ଜଣେ ମନ୍ତ୍ରୀ ଶିଶୁମାନଙ୍କ ଭବିଷ୍ୟତକୁ ଧ୍ୱଂସ କରିବା ନିମନ୍ତେ ଗୁପ୍ତ ଏଜେଣ୍ଡା ପ୍ରସ୍ତୁତ କରିଛନ୍ତି ଓ ଆଉ ଜଣେ ଶିକ୍ଷା ମନ୍ତ୍ରୀ ଅଗଣିତ ଶିକ୍ଷିତ ଯୁବକ ଯୁବତୀଙ୍କ ସ୍ୱପ୍ନକୁ ଧୂଳିସାତ୍ କରିବା ପାଇଁ ପ୍ଲାନ୍ ପ୍ରୋଗ୍ରାମ ପ୍ରସ୍ତୁତ କରୁଛନ୍ତି ବୋଲି ସିପିଏମ ତରଫରୁ ଅଭିଯୋଗ କରାଯାଇଛି । ଏମାନଙ୍କ ହାତରେ ଶିକ୍ଷା ବିଭାଗ ଆଉ ଅଧିକ ସମୟ ରହିଲେ ରାଜ୍ୟ ଓ ଦେଶ ରସାତଳକୁ ଚାଲିଯିବ ।ଏଣୁ ତୁରନ୍ତ ଏମାନେ ଇସ୍ତଫା ଦିଅନ୍ତୁ ନଚେତ୍ ବହିଷ୍କାର କରାଯାଉ ବୋଲି ଆଜିର ପ୍ରତିବାଦ ସଭାରେ ଦାବୀ କରାଯାଇଛି ।ଏହି ସଭାରେ ଆଂଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ଦଳର ବରିଷ୍ଠ ନେତା ଦିଲ୍ଲୀପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀପ ପରିଡ଼ା, ପ୍ରକାଶ ଦେ, ଜଗନ୍ନାଥ ପରିଡ଼ା, ଲକ୍ଷ୍ମୀଧର ପଲାଇ, ଖଗେନ୍ଦ୍ର ମହୁରୀ ପ୍ରମୁଖ ବକ୍ତବ୍ୟ ରଖି ସରକାରର ଗଣତାନ୍ତ୍ରିକ ଆନ୍ଦୋଳନ ପ୍ରତି ମୁକାବିଲା ମନୋଭାବକୁ ତୀବ୍ର ନିନ୍ଦା କରିବା ସହିତ ମନ୍ତ୍ରୀ ଦ୍ୱୟଙ୍କୁ ବରଖାସ୍ତ କରନ୍ତୁ ।

# 'ମିଶନ ଫିଟ୍ ନୂଆପଡ଼ା' : ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନ ପାଇଁ ୱାକାଥନ୍ ଅନୁଷ୍ଠିତ


ନୂଆପଡ଼ା,(ନି.ପ୍ର)ସୁସ୍ଥ ଶରୀର, ସୁଦୃଢ଼ ମନ ଓ ନିଶାମୁକ୍ତ ସମାଜ ଗଠନର ବାର୍ତାକୁ ନେଇ ନୂଆପଡ଼ା ପୁଲିସ ପକ୍ଷରୁ 'ମିଶନ ଫିଟ୍ ନୂଆପଡ଼ା' ଅଭିଯାନ ଅଧୀନରେ ୫ କିଲୋମିଟର ୱାକାଥନ୍ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଳ ସିଂ ଏକତା ଛକଠାରେ ସବୁଜ ପତାକା ପ୍ରଦର୍ଶନ କରି ୱାକାଥନ୍ ?ର ଶୁଭାରମ୍ଭ କରିଥିଲେ । ପରେ ଏହା ସିଲଦାସ୍ଥିତ ରିଜର୍ଭ ଅଫିସ ପଡ଼ିଆରେ



ପହଂଚିଥିଲା ।ରିଜର୍ଭ ଅଫିସ ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ଜିଲ୍ଲାପାଳ ମଧୁସୂଦନ ଦାଶ କହିଥିଲେ ଯେ, ଯୁବବର୍ଗ ସର୍ବଦା ସଚେତନ, ସତର୍କ ଓ ସଜାଗ ରହିବା ଆବଶ୍ୟକ, କାରଣ ସେମାନେ ଆଗାମୀ ଦିନର ଭବିଷ୍ୟତ । ବର୍ତ୍ତମାନର ବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ମଧ୍ୟ ସୁସ୍ଥ ରହିବା ପାଇଁ ସମୟର ସଠିକ୍ ପରିଚାଳନା ଅତ୍ୟନ୍ତ ଜରୁରୀ । ଆମ ଶରୀରର ଜୈବିକ ଘ[। ଅନୁଯାୟୀ ନିୟମିତ ଜୀବନଚର୍ଯ୍ୟା ଅବଲମ୍ବନ କଲେ ସୁସ୍ଥ ରହିବା ସମ୍ଭବ । ଆସନ୍ତୁ ଯୁବଶକ୍ତିକୁ ସଶକ୍ତ କରିବା, ଦେଶକୁ ସଶକ୍ତ କରିବା ବୋଲି ସେ ଆହ୍ୱାନ ଦେଇଥିଲେ ।ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଳ ସିଂ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଜିଲ୍ଲାପାଳ, ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜଣାଇଥିଲେ । ସୁସ୍ଥ ଶରୀର, ସୁଦୃଢ଼ ମାନସିକତା ଏବଂ ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଏଭଳି ଜନସଚେତନତାମୂଳକ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସେ କହିଥିଲେ । ଶେଷରେ ୱାକାଥନ୍ ?ରେ କୃତିତ୍ୱ ପ୍ରଦର୍ଶନ କରିଥିବା ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଏସ୍.ଆର.ପି.ଏଫ୍ କମାଣ୍ଡାଂଟ ଦୀପକ ମଣି ତ୍ରିପାଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଂଜିତ ନାୟକ, ଏସଡିପିଓ ସ୍ୱାଧୀନ ମିଶ୍ର, ଜ଼ିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, ନୂଆପଡ଼ା ଏନ୍.ଏ.ସି.ର ନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ପୁଲିସ ଓ ସିଆରପିଏଫ୍ ଯବାନ, ଗଣମାଧ୍ୟମ ପ୍ରତିନିଧି, ଛାତ୍ରଛାତ୍ରୀ ଏବଂ ସାଧାରଣ ଜନସାଧାରଣ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ ।

# ଧାମନଗର ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଧାମନଗର,(ନି.ପ୍ର.): ଧାମନଗର ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସର ରେ ସୋମବାର ଜିଲ୍ଲାପାଳକଂ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୧୧୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୯୩ ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୧ ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୬ ଟି ଓ ଅନ୍ୟାନ୍ୟ



ରାସ୍ତା ଘାଟ ସମସ୍ୟା ଅଭିଯୋଗ ରହିଥିଲା ।ଶୁଣାଣି ସମୟରେ ୧ ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୬ ଜଣ ଅଭିଯୋଗକାରୀଙ୍କୁ ମୋଟ ୩୦,୦୦୦/- ଟଙ୍କା ମଞ୍ଜୁର କରାଯାଇଛି ।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜ଼ିଲ୍ଲାପାଳ ସରୋଜ ଦତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ନାୟକ , ଅତିରିକ୍ତ ଜ଼ିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧନାଇଚରଣ ଟୁଡୁ , ଜ଼ିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଧାମନଗର ବ୍ଲକ ଉନ୍ନୟନ ଅଧିକାରୀ ବନବିହାରୀ ଦିଣ୍ଡା ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।



# ବେଆଇନ ମଇଁଷି ଚୋରା ଚାଲାଣ ୩ ଟ୍ରକ ଜବତ, ୮୩ ଉଦ୍ଧାର ସହ ୩ ଗିରଫ



ନୂଆପଡ଼ା, (ନି.ପ୍ର) :ନୂଆପଡ଼ା ଜିଲ୍ଲା କୋମନା ଥାନା ପୋଲିସକୁ ବେଆଇନ ପଶୁ ଚଲାଣ ବିରୋଧରେ ଏକ ବଡ଼ ସଫଳତା ମିଳିଛି । ୩ଟି ଟ୍ରକରେ ଅତ୍ୟନ୍ତ ଅମାନବୀୟ ଭାବେ ଚୋରା ଚାଲାଣ କରାଯାଉଥିବା ୮୩ ଗୋଟି ମହିଷୀଙ୍କୁ ପୋଲିସ ଉଦ୍ଧାର କରିବା ସହ ୩ ଜଣ ଅନ୍ତଃରାଜ୍ୟ ମାଫିଆଙ୍କୁ ଗିରଫ କରିଛି ।ନାକାବନ୍ଦୀ କରି ଧରିଲା ପୋଲିସବିଶେଷ ସୂତ୍ରରୁ ଖବର ପାଇ କୋମନା ଥାନା ପୋଲିସ ୩୫୩ ନମ୍ବର ଜାତୀୟ ରାଜପଥର କ୍ରିଷ୍ଣା ଛକ ନିକଟରେ ଓତ ପାତି ରହିଥିଲା । ସନ୍ଦେହଜନକ ଭାବେ ଗତି କରୁଥିବା ୩ଟି ଟ୍ରକକୁ ଅଟକାଇ ଯାଂଚ କରିବା ପରେ ପୋଲିସର ଚକ୍ଷୁ ଚଡ଼କ ଗଛ ହୋଇଯାଇଥିଲା । ଟ୍ରକଗୁଡ଼ିକ ଭିତରେ କୌଣସି ନିୟମ ନମାନି ଠାସାଠାସି କରି ମହିଷୀଗୁଡ଼ିକୁ ଭର୍ତ୍ତି କରାଯାଇଥିଲା ।ଚାଲାଣର ରୁଟ୍: ସୂଚନା ଅନୁସାରେ, ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ରେଙ୍ଗ ଗାଁରୁ ଏହି ମହିଷୀ ମାନଙ୍କୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ପାର୍ବତୀପୁରମକୁ ବେଆଇନ ଭାବେ ବିକ୍ରି ପାଇଁ ପଠାଯାଉଥିଲା ।୩ ଅନ୍ତଃରାଜ୍ୟ ମାଫିଆ ଗିରଫପୋଲିସ ଏହି ଘଟଣାରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୩ଟି ଯାକ ଟ୍ରକକୁ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ:ପରଭେଜ କ୍ୟୁରେସି (ଉତରପ୍ରଦେଶ)ନୱାବ (ଉତରପ୍ରଦେଶ)ଦେବେନ୍ଦ୍ର ସିଂ (ଅମୃତସର, ପଞ୍ଜାବ)

ଆଶ୍ରମ ଜିମାରେ ମହିଷୀ, ସ୍ୱାସ୍ଥ୍ୟ ପରୀକ୍ଷା ଜାରିଉଦ୍ଧାର ହୋଇଥିବା ସମସ୍ତ ୮୩ ଗୋଟି ମହିଷୀଙ୍କୁ ସୁରକ୍ଷିତ ଭାବେ ଗୁରୁକୁଳ ଅମସେନା ଆଶ୍ରମ ଜିମାରେ ରଖାଯାଇଛି । ସେଠାରେ ପଶୁ ଚିକିତ୍ସକଙ୍କ ଦ୍ୱାରା ସମସ୍ତ ମହିଷୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କ ପାଇଁ ଖାଦ୍ୟ ଓ ପାଣିର ଉପଯୁକ୍ତ



ବ୍ୟବସ୍ଥା କରାଯାଇଛି । କୋମନା ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଛି । ଏହି ବେଆଇନ ରାକେଟ୍ ପଛରେ ଆଉ କାହାର ହାତ ରହିଛି, ସେ ନେଇ ପୋଲିସ ଖୋଳତାଡ଼ କରୁଛି । ସୀମାନ୍ତ ଅଂଚଳରେ ବାରମ୍ବାର ହେଉଥିବା ଗୋ-ଚାଲାଣ ଉପରେ ପୋଲିସର ଏହି ଶକ୍ତ ପ୍ରହାରକୁ ସ୍ଥାନୀୟ ଜନସାଧାରଣ ଉଚ୍ଚ ପ୍ରଶଂସା କରିଛନ୍ତି ।





ଅଯଥାରେ ଗର୍ବ କରୁଥିବା ଲୋକଟି ବୁଝିବା ଉଚିତ ଯେ ଶେଷ ସମୟରେ ନିଜ ପ୍ରାଣକୁ ମଧ୍ୟ ସେ ଅଟକାଇ ପାରି ନଥାଏ ।

# ଆଜିକାଲି



ଅନନ୍ତ ବିଜୟଂ ରାଜା, କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।
ନକୁଳଃ ସହଦେବଶ୍ଚ, ସୁଘୋଷମଣିପୁଷ୍ପକୌ ॥
(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ଯୁଧିଷ୍ଠିରଙ୍କ ଅନନ୍ତବିଜୟ, ନକୁଳଙ୍କ ସୁଘୋଷ ଓ ସହଦେବଙ୍କ ମଣିପୁଷ୍ପକ ଏ ସବୁ ଶଙ୍ଖ ମଧ୍ୟ ସଂଗେ ସଂଗେ ବାଜିଲା ।

## କର୍କଟ ନିୟନ୍ତ୍ରଣ ଜରୁରୀ

ବିଶ୍ୱରେ ମାରାତ୍ମକ କର୍କଟ (କ୍ୟାନସର) ରୋଗର ପ୍ରାର୍ଦୁଭାବ ନେଇ ନିକଟରେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ(ହୁ) ପକ୍ଷରୁ ପ୍ରକାଶିତ ନୂତନ ବିଶ୍ଳେଷଣାତ୍ମକ ଆନ୍ତର୍ଜାତିକ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଯେତିକି ଆତଙ୍କ ସୃଷ୍ଟିକାରୀ ସେତିକି ଚିନ୍ତାଜନକ । ରିପୋର୍ଟରେ କୁହାଯାଇଛି ଯେ, ସମ୍ପ୍ରତି ବିଶ୍ୱରେ ପ୍ରତି ୫ଜଣରେ ଜଣେ ମାରାତ୍ମକ କର୍କଟ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ଥିବାବେଳେ ବିଶ୍ୱ ଜନସଂଖ୍ୟାର ମୋଟ ୯୨ ପ୍ରତିଶତ ଲୋକ ନିଜ ଜୀବନକାଳ ମଧ୍ୟରେ ଅନ୍ତତଃ ପକ୍ଷେ ଥରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଏହି ରୋଗର ସମ୍ମୁଖୀନ ହେବା ସମ୍ଭାବନା ରହିଛି । ପରିବାରର ଜଣେ ସଦସ୍ୟ ଏହି ରୋଗରେ ପିଡିତ ହେବା କାରଣରୁ ମୋଟ ୯୨ପ୍ରତିଶତ ଜନସଂଖ୍ୟା ଉଭୟ ମାନସିକ ଓ ଆର୍ଥୀକ ସଂକଟର ସମ୍ମୁଖୀନ ହେଉଛନ୍ତି । ଏହି ରୋଗରେ ବିଶ୍ୱରେ ପ୍ରତିଦିନ ୨୬ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟୁଥିବାବେଳେ ପ୍ରତିବର୍ଷ ପ୍ରାୟ ୨କୋଟିରୁ ଅଧିକ ନୂଆ କର୍କଟ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ହୃଦରୋଗ ପରେ ବିଶ୍ୱରେ ସବୁଠାରୁ ବଡ ଘାତକ ରୋଗ ଭାବେ କର୍କଟ ଉଭା ହୋଇଥିବାବେଳେ ଏହାର ପ୍ରତିରୋଧ ଚିହ୍ନଟ ଏବଂ ଚିକିତ୍ସା ସେବା କ୍ଷେତ୍ରରେ ବ୍ୟାପକ ତାରତମ୍ୟ ଦେଖାଦେଇଛି ଯାହାକି ଧନୀ-ଗରିବ ରାଷ୍ଟ୍ରଙ୍କ ମଧ୍ୟରେ ପାର୍ଥକ୍ୟକୁ ପ୍ରଦର୍ଶିତ କରେ । କହିବା ବାହୁଲ୍ୟ ଯେ, ଗରିବ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡିକରେ ଏହି ରୋଗ ପାଇଁ ଆବଶ୍ୟକ ପ୍ରାଥମିକ ଜୀବନ ରକ୍ଷାକାରୀ ଔଷଧ ମାତ୍ର ୯ରୁ ୫୪ ପ୍ରତିଶତ ମଧ୍ୟରେ ସୀମିତ ଉପଲବ୍ଧ ହେଉଥିବା ବେଳେ ଧନୀ ତଥା ଉଚ୍ଚ ଆୟକାରୀ ରାଷ୍ଟ୍ରଗୁଡିକରେ ୯୪ ପ୍ରତିଶତ ପର୍ଯ୍ୟନ୍ତ ସହଜରେ ମିଳିଥାଏ । ସେହିପରି ଧନୀ ଦେଶଗୁଡିକରେ ସ୍ତନ କର୍କଟରେ ପୀଡିତ ପ୍ରାୟ ୮୭ ପ୍ରତିଶତ ମହିଳା ଆକ୍ରାନ୍ତ ହେବାର ପାଂଚ ବର୍ଷ ପରେ ମଧ୍ୟ ସୁରକ୍ଷିତ ରହିପାରୁଥିବାବେଳ ଗରିବ ଦେଶଗୁଡିକରେ ଏହି ସଂଖ୍ୟା ୪୨ପ୍ରତିଶତ ରହିବା ଟ୍ୟୁମର ପାର୍ଥକ୍ୟ ନୁହେଁ, ବରଂ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପାର୍ଥ୍ୟକ ବୋଲି କୁହାଯିବ । ଏହା ନିସନ୍ଦେହ ଯେ, ବିଶ୍ୱରେ କର୍କଟ ପ୍ରତିରୋଧ ତଥା ଉପଯୁକ୍ତ ଚିକିତ୍ସା ଲାଗି ନୂତନ ଟିକା ଓ ଔଷଧ ଉଦ୍‌ଭାବନ ହେଉଛି । କିନ୍ତୁ ଏହାର ବ୍ୟବହାର ନେଇ ଅର୍ଥ ମେକାନିଜମ ପ୍ରତିବନ୍ଧକ ସାଜିଛି । ଗରିବଙ୍କ ପାଇଁ ଏହା ସାତସପନ ରହିଛି । ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ୮୨ଟି ଦେଶରେ ଏବେ ଜାତୀୟ କର୍କଟ ନିୟନ୍ତ୍ରଣ ଯୋଜନା ରହିଛି । କିନ୍ତୁ ୧୬ବର୍ଷ ତଳେ ଅର୍ଥାତ ୨୦୧୦ରେ ଏହି ସଂକ୍ୟା ମାତ୍ର ଅଧା ଥିଲା । ଦଶ ଜଣରେ ୪ଜଣଙ୍କ ଠାରୁ କମ୍ ଅର୍ଥାତ୍ ୪୦ପ୍ରତିଶତରୁ କମ୍ କର୍କଟ ସେବାଯନ୍ ପାଇଁ ୟୁନିଭରସାଲ ହେଲଥର ଅନ୍ତର୍ଭୁକ୍ତ ହୋଇଥିବାବେଳେ ୨୦୩୦ ସୁଦ୍ଧା ହୁ'ର ମୃତ୍ୟୁ ସଂଖ୍ୟା ହ୍ରାସ ଲାଗି ମାତ୍ର ୧୨ଏବେ ସଠିକ୍ ମାର୍ଗରେ ରହିଛନ୍ତି । ସେହିପରି ୪୮ ପଛରେ ରହିଛନ୍ତି । ଏଚପିଭି ଟୀକା ଯାହାକି ଗର୍ଭାଶୟ କର୍କଟର ସବୁଠାରୁ ଶକ୍ତିଶାଳୀ ସୁରକ୍ଷାକାରୀ ଭାବେ ଜଣାଶୁଣା, ଏହି କାର୍ଯ୍ୟକ୍ରମରେ ୮୫ ପ୍ରତିଶତ ଅନ୍ତର୍ଭୁକ୍ତ ହୋଇଛନ୍ତି । କେବଳ ୩୧ ପ୍ରତିଶତ ବାଳିକା ଏହି ଟିକା ନେଇଛନ୍ତି ଭାରତରେ ଗତବର୍ଷ ୧୬ବର୍ଷରୁ କମ୍ ବାଳିକାଙ୍କୁ ମାଗଣାରେ ଏହି ଟୀକା ଦାନ ଯୋଜନାର ଶୁଭାରମ୍ଭ ହୋଇଥିବା ବେଳେ ୧୯୭୫ ମସିହାରୁ ଜାତୀୟ କର୍କଟ ନିୟନ୍ତ୍ରଣ ପ୍ରୋଗ୍ରାମ କାର୍ଯ୍ୟକାରୀ ହୋଇଛି । ଏହି ପ୍ରୋଗ୍ରାମ ଏବେ ବି ସମସ୍ତ ମୌଳିକ ଜିନିଷ ପ୍ରସ୍ତୁତି ଠାରୁ ବହୁ ଦୂରରେ ରହିଛି । ଅତିକମରେ ୪୫ପ୍ରତିଶତ ଆକ୍ରାନ୍ତ ରୋଗ ଚିହ୍ନଟ ଓ ଚିକିତ୍ସା କ୍ଷେତ୍ରରେ ଗୁରୁତ୍ୱର ଆର୍ଥୀକ ସଂକଟର ସମ୍ମୁଖୀନ ହୋଇଥିବା କୁହାଯାଇଥିବାବେଳେ ୯୦ପ୍ରତିଶତ ଆର୍ଥିକ ଦୁରାବସ୍ଥା ଯୋଗୁଁ ଚିକିତ୍ସା ଠାରୁ ଦୂରେଇ ରହିଛନ୍ତି । ଆସନ୍ତା ୨୦୫୦ ମସିହା ବେଳକୁ ଦେଶରେ କର୍କଟ ରୋଗୀଙ୍କ ସଂଖ୍ୟା ଦ୍ୱିଗୁଣ ହୋଇଯିବା ଅକଳନ କରାଯାଏ । ତେବେ କର୍କଟ ରୋଗର କାରଣ ନେଇ ଜନସାଧାରଣଙ୍କୁ ସଚେତନ କରାଯିବା ସହ ମାଗଣା ବା ରିହାତିରେ ଚିକିତ୍ସା ସେବା ଏକାନ୍ତ ଆବଶ୍ୟକ । ଅନ୍ୟଥା କର୍କଟ ଏକ ମହାମାରୀର ରୂପ ନେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ।

## ଆଖିଧରା ଓ ଏହାର ପ୍ରତିକାର

◆ ଡାକ୍ତର ସନ୍ତୋଷ କୁମାର ମହାପାତ୍ର

- ଆଖିକୁ ବାରମ୍ବାର ସ୍ପର୍ଶ କରନ୍ତୁ ନାହିଁ
- ଅତ୍ୟାବଶ୍ୟକ ସ୍ଥଳେ ଆଖିକୁ ସ୍ପର୍ଶ କଲେ ହାତକୁ ସାବୁନରେ ଭଲ ଭାବରେ ଧୁଅନ୍ତୁ
- ନିଜର ନିତ୍ୟ ବ୍ୟବହୃତ ସାମଗ୍ରୀ ଅନ୍ୟମାନଙ୍କ ଠାରୁ ଅଲଗା କରନ୍ତୁ
- କାଶିବା ଓ ଛିଙ୍କିବା ସମୟରେ ନାକ ଓ ମୁହଁକୁ ଆବୃତ ରଖନ୍ତୁ
- ମାତ୍ରାଧିକ ରୋଗରେ ପୀଡ଼ିତ ବ୍ୟକ୍ତି କାର୍ଯ୍ୟାଳୟକୁ ନ ଯାଇ ବିଶ୍ରାମ ନେବା ଉଚିତ

ବର୍ଷାଋତୁ ଗ୍ରୀଷ୍ମର ନିଦାଘ ଶେଷ କରିବା ସହିତ କିଛି ଅବାଞ୍ଛିତ ସ୍ୱାସ୍ଥ୍ୟ ସମସ୍ୟ ଆଣିଥାଏ । ତନ୍ମଧ୍ୟରୁ ଆଖିଧରା ଅନ୍ୟତମ । ବର୍ଷାଋତୁରେ ଏଠିସେଠି ପାଣି ଜମା ହେବା ଓ ପରିବେଶ ଆଦ୍ରୟ ରହିବା ଯୋଗୁଁ ଥଣ୍ଡା ଜ୍ୱର ହେବା ସହିତ ଆଖିଧରା ଭଳି ଭୂତାଣୁ ଜନିତ ରୋଗ ବ୍ୟାପିଥାଏ । ଆଡ୍ରେନୋ ଭାଇରସ ନାମକ ଏକ ଭୂତାଣୁ ଏହି ରୋଗର କାରଣ । ଏହି ରୋଗ ଲୁହ ବା ତା ସଂସ୍ପର୍ଶରେ ଆସିଥିବା ଆଙ୍ଗୁଠି, ରୁମାଲ, ସାବୁନ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ ମାଧ୍ୟମରେ ସଂକ୍ରମିତ ହୋଇଥାଏ । ଜନଗହଳିପୂର୍ଣ୍ଣ ସ୍ଥାନ ଯଥା, ବିଦ୍ୟାଳୟ, ଡାକ୍ତରଖାନା, ବଜାରହାଟ ଆଦି ସ୍ଥାନରେ ଏହା ବ୍ୟାପିବାର ସମ୍ଭାବନା ଅଧିକ । ଏହା ବ୍ୟତୀତ ଏହି ରୋଗର ଭୂତାଣୁ କଫ ବା ଛିଙ୍କରେ ନିର୍ଗତ ବାୟୁ ମାଧ୍ୟମରେ ବ୍ୟାପିଥାଏ । ଜଣେ ବ୍ୟକ୍ତି ଆଖି ଧରାରେ ପୀଡ଼ିତ ହେଲେ ଏହା ଏକ ସପ୍ତାହରୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ଲାଗିରହେ । ଆଡ୍ରେନୋ ଭାଇରସ୍ ଛଡ଼ା ଅନ୍ୟ ଭୂତାଣୁ ଓ କିଛି ଜୀବାଣୁ ଦ୍ୱାରା ମଧ୍ୟ କଞ୍ଜକ୍ଟି ଭାଇଟିସ (ଆଖିଧରା) ହୋଇଥାଏ । ଆଖି ଲାଲପଡ଼ିବା, କୁଣ୍ଡେଇ ହେବା, ଖୁଂଚିଖୁଂଚି ହେବା, ଆଖିପତା ଫୁଲିଯିବା, ଅନାଇ ନ ପାରିବା ଓ ଅତ୍ୟଧିକ ଲୁହ ବୋହିବା ସହିତ କେତେକ କ୍ଷେତ୍ରରେ ଲେଞ୍ଜେରା ଜମିବା, ଆଖିପତା ଲାଗିଯିବା ଓ ଆଖିରେ ଯନ୍ତ୍ରଣା ଅନୁଭୂତ ହେବା ଏହି ରୋଗର ଲକ୍ଷଣ । ବେଳେବେଳେ ଏହା ସହିତ ଜ୍ୱର ହେବା ଓ ମୁଣ୍ଡବିନ୍ଧିବା ମଧ୍ୟ ଦେଖାଯାଇ ପାରେ । ମହିଳା ଓ ଶିଶୁମାନଙ୍କ




କ୍ଷେତ୍ରରେ ଏହି ରୋଗ ସାଧାରଣତଃ ଅଧିକମାତ୍ରାରେ ଦେଖାଯାଏ । ଛାତ୍ରଛାତ୍ରୀ ଏହି ରୋଗରେ ପୀଡ଼ିତ ହେଲେ ସେମାନଙ୍କ ସ୍କୁଲ ଯିବା ବନ୍ଦ କରିବା ନିହାତି ଦରକାର । ଏହାଦ୍ୱାରା ଏହି ରୋଗ ସମାଜରେ କ୍ଷୀପ୍ର ଗତିରେ ବ୍ୟାପିବାର ସମ୍ଭାବନା ଅଧିକ ଥାଏ । ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଚିକିତ୍ସିତ ହୋଇ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କଲାପରେ ବିଦ୍ୟାଳୟକୁ ଯିବା ଉଚିତ । ବୟସ୍କ ବ୍ୟକ୍ତିମାନେ ନିମ୍ନଲିଖିତ ନିୟମଗୁଡ଼ିକ ଅନୁସରଣ କରି କାର୍ଯ୍ୟ କ୍ଷେତ୍ରକୁ ଯାଇ ପାରନ୍ତି । ଆଖିଧରା ଏକ ଡିଆଁରୋଗ । ସାଧାରଣତଃ ଦୁଇ ସପ୍ତାହ ମଧ୍ୟରେ ଏହା ଭଲ ହୋଇ ଯାଏ, କିନ୍ତୁ ଏହି ରୋଗର ଲକ୍ଷଣ ଜନିତ ଅସ୍ୱାଭାବିକ ପରିସ୍ଥିତି ହେତୁ ଓ ମାତ୍ରାଧିକ ସଂକ୍ରମଣ ହେବାର ସମସ୍ୟାକୁ କମେଇବା ପାଇଁ ଏହାର ଚିକିତ୍ସା ଆବଶ୍ୟକ । ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଦରକାର ଅନୁଯାୟୀ ଆଂଟିବାୟୋଟିକ ବା ଆଂଟିଭାଇରାଲ ଡ୍ରପ ବା ଅଏଂଟମେଂଟ ସହିତ କୃତ୍ରିମ ଲୋତକ ପ୍ରଦାନକାରୀ ଔଷଧ ବ୍ୟବହାର କଲେ ରୋଗୀ ଶୀଘ୍ର ଉପଶମ ଲାଭ କରିପାରିବ । ଜ୍ୱର ଓ ମୁଣ୍ଡବିନ୍ଧା ପାଇଁ ପାରାସିଟାମୋଲ ବ୍ୟବହାର କରାଯାଇପାରେ । ବାହାରକୁ ଯିବା ସମୟରେ କଳା ଚଷମା ବ୍ୟବହାର କରିବା ନିହାତି ଦରକାର । ଆଖିରେ ପାଣି ଛାଟିବା ଏବଂ ମୁଣ୍ଡ ନ ଧୋଇବା ସହିତ ଉପରୋକ୍ତ ନିୟମାବଳୀ ପାଳନ କଲେ ଶୀଘ୍ର ଉପଶମ ଲାଭ କରାଯାଇପାରେ । ଯଥାଶୀଘ୍ର ଚିକିତ୍ସା ଆରମ୍ଭ ନ ହେଲେ ରୋଗ କଳା ଡୋଳା ବା ଆଖି ଭିତରକୁ ବ୍ୟାପିବାର ସମ୍ଭାବନା ଥାଏ । ଏହି କ୍ଷେତ୍ରରେ ଏହା ଭଲ ହେବା ପାଇଁ ଅଧିକ ସମୟ ଲାଗେ ଓ କିଛି କ୍ଷେତ୍ରରେ ଦୃଷ୍ଟିଶକ୍ତି ହ୍ରାସ ପାଇବାର ପରିସ୍ଥିତି ସୃଷ୍ଟିହୁଏ । ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଆଖିଧରା ରୋଗୀଙ୍କ ଠାରୁ ନିଜକୁ ଯଥାସମ୍ଭବ ଦୂରେଇ ରଖିବା ସହିତ ତାଙ୍କ ସଂସ୍ପର୍ଶରେ ଆସିଥିବା ରୁମାଲ, ସାବୁନ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବ୍ୟବହାର କରିବା ଅନୁଚିତ । ଏଥି ସହିତ ଜଣେ ରୋଗୀ ବ୍ୟବହାର କରିଥିବା ଡ୍ରପ୍ ବ୍ୟବହାର କରନ୍ତୁ ନାହିଁ । ଗର୍ଭବତୀ ମହିଳା ଓ ଶିଶୁଙ୍କ କ୍ଷେତ୍ରରେ ଅଧିକ ସତର୍କତା ଅବଲମ୍ବନ କରିବା ଶ୍ରେୟସ୍କର

*ମୁଖ୍ୟ ଚିକିତ୍ସା ଅଧିକାରୀ*
*ଜେପିଏମ, ରୋଟାରୀ ଚକ୍ଷୁ*
*ଚିକିତ୍ସାଳୟ ସିଡ଼ିଏ, କଟକ*

## ସ୍ୱାମୀ ଶିବାନନ୍ଦଙ୍କ ଭକ୍ତିଯୋଗ

◆ ହେମନ୍ତ କୁମାର ପରିଡ଼ା



ପ୍ରତ୍ୟେକଟି ଅବସ୍ଥାରେ ଯେ କେହି ଭକ୍ତି ଯୋଗ ଅଭ୍ୟାସ କରିପାରିବେ । ଭକ୍ତି ପ୍ରାପ୍ତ କରିବା ପାଇଁ ବିଦ୍ୟା-ଶିକ୍ଷା, କଠୋର ଆତ୍ମ ସଂଯମ, ବେଦ ଅଧ୍ୟୟନ ଏବଂ ମେଧା ଅନାବଶ୍ୟକ । ବିଶ୍ୱାସର ସହ ଭଗବତ୍ ଚିନ୍ତାରେ ନିମଗ୍ନ ରହିଲେ ଏବଂ ପ୍ରତିକ୍ଷଣ ଭଗବାନଙ୍କୁ ସ୍ମରଣ କରିବା ହିଁ ଭକ୍ତି । ଏଣୁ ଭକ୍ତି ମାର୍ଗ ସମସ୍ତଙ୍କର ପାଇଁ ସଦା ଉନ୍ମୁକ୍ତ । ନିଶାଦ ନୀଚ-କୁଳ-ସଂଭୂତ ଥିଲେ; ଶାବରୀ ଥିଲେ ଗ୍ରାମ୍ୟ ବାଳା; ଧ୍ରୁବ ଥିଲେ ଅଶିକ୍ଷିତ ବାଳକ; ବିଦୁର ଏବଂ ସୁଦାମା ଥିଲେ ଗରିବ; ବିଭୀଷଣ ଥିଲେ ରାକ୍ଷସ; ହନୁମାନ ବାନର; ଜଟାୟୁଃ ପକ୍ଷୀ; ଗଜେନ୍ଦ୍ର ହସ୍ତୀ, ବୃନ୍ଦାବନର ଗୋପୀମାନେ ବୈଦିକ ଧର୍ମ-ଦର୍ଶନ-ଶାସ୍ତ୍ର ସହ ଥିଲେ ଅପରିଚିତ; କିନ୍ତୁ ଏ ସମସ୍ତେ ଭଗବାନଙ୍କ ସାନିଧ୍ୟ ଲାଭ କରିପାରିଥିଲେ ଭକ୍ତି ଏବଂ ଆତ୍ମୋତ୍ସର୍ଗ ଯୋଗୁଁ । ଭକ୍ତିର ଅର୍ଥ ଭଗବାନଙ୍କଠାରେ ଆତ୍ମ-ସମର୍ପଣ । ଏହା ପ୍ରଭୁଙ୍କ ପ୍ରେମ । ଶ୍ରଦ୍ଧା ଏବଂ ବିଶ୍ୱାସ ହେଉଛି ଭକ୍ତିର ପ୍ରାଥମିକ ଅବସ୍ଥା । ଏମାନେ ଭକ୍ତିରେ ପରିଣତ ହୁଅନ୍ତି । ଭକ୍ତି ମାର୍ଗରେ ବିଶ୍ୱାସ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସରଳ, ପ୍ରେମପୂର୍ଣ୍ଣ ହୃଦୟରେ ଶ୍ରଦ୍ଧା ଓ ବିଶ୍ୱାସ ଦ୍ୱାରା ଏହାକୁ ପ୍ରାପ୍ତ କରାଯାଇ ପାରେ । ଅର୍ଜଭ, ବୈରାଗ୍ୟ ଓ ବ୍ରହ୍ମଚାର୍ଯ୍ୟ ବି ଜରୁରୀ ଭଗବାନ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି । ଆମ୍ଭେ ସମସ୍ତେ ଜାଣିଛେ ଭଗବାନ ରାମଚନ୍ଦ୍ର କିପରି ଭିଲ୍ ଯୁବତୀ ଶାବରୀ ହାତରୁ ଅଇଁଠା ଫଳ ଗ୍ରହଣ କରିଥିଲେ । ସୁଦାମାଙ୍କ ଖୁଦ-ପିଠା ଶ୍ରୀକୃଷ୍ଣଙ୍କର ସବୁଠାରୁ ପ୍ରିୟ ଥିଲା । ଅର୍ଥାତ୍ ଭଗବାନ ଭକ୍ତ ଠାରୁ ଚାହାଁନ୍ତି ତା'ର ପ୍ରେମପୂର୍ଣ୍ଣ ହୃଦୟ । ସେ ଏକ ବିଶାଳ ମନ୍ଦିର କି ଉପହାର ଚାହାଁନ୍ତିନାହିଁ । ଭକ୍ତି ଯୋଗ ମାର୍ଗରେ କ୍ରୋଧ, ଲୋଭ, ମୋହ, ମାୟା, କାମନା, ଈର୍ଷା, ଘୃଣା, ଅଂହ ଆଦି ବାଧକ । ଏଣୁ ଏସବୁଠାରୁ ସର୍ବଦା ଦୂରେଇ ରହିବା ଆବଶ୍ୟକ ।

*ମାଳତୀକୁଞ୍ଜ, ପ୍ଲଟ ନଂ-୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ: ୮୭୬୩୧୦୭୧୨୬*

## ତିନି ମିନି କବିତା

◆ ଡ଼ ବିନୟ କୁମାର ଦାସ

॥୧ ॥

ତୁମକୁ ଚାହିଁଲେ ତୁମ ଆଖିରୁ ତ
ଆଖି ମୁଁ ପାରୁନି ଫେରେଇ
ମନେ ମନେ ତେଣୁ ଭାବିସାରିଲ
ତୁମ ଠାରୁ ଯିବି ଦୂରେଇ ।
ଲିଭାଇ ଦେବି ମୁଁ ମନ ସିଲଟରେ
ଦିନେ ଯାହା ଥିଲି ଗାରେଇ
ତୁମେ ତ ଫାଜିଲ ମଝିରେ ମଝିରେ
ଦେଉଅଛ ମୋତେ ଖୁରେଇ ॥

॥ ୨ ॥

ତୋ ନାମରେ ଯେତେ କବିତା ଲେଖିଲି
ଗୋଟେ ବି ପଢିଲୁ ନାହିଁ
ସେ କବିତା ସବୁ ବିକି ଭାଙ୍ଗି ଏବେ
କବି ବୋଲାଉଛି ମୁହିଁ ।
ଖୁସି ଏତିକି ମୋ ମନେ
ସୃଜନ ଶକତି ଭରି ଦେଲୁ ତୁହି
ମୋ ଟିକି ଲେଖନୀ ମୂନେ ॥

॥୩ ॥

ଏତେ ଭଲ ପାଅ ନାହିଁ ମୁଁ କହୁଛି
ତୁମକୁ ମୋ ରାଣ ଦେଇ
ଅଣନିଃଶ୍ୱାସୀ ମୁଁ ଏମିତି ହେଲିଣି
ଜମା ମିଛ କହୁନାହିଁ ।
ଭଲପାଇବାର ପାହାଡ ଉପରେ
ଛିଡା କରାଇଛ ମୋତେ
ଗର୍ବ ବି ଲାଗୁଛି ମନରେ ଭାବୁଛି
କେତେ ଭାଗ୍ୟବାନ ସତେ !

*ବାଲେଶ୍ୱର-୧ , ମୋ- ୭୯୭୮୮୬୦୩୬୩*

## ଇତିହାସମୟ ଭାରତବର୍ଷ

◆ ପଙ୍କଜ କୁମାର ପାଣିଗ୍ରାହୀ

**ପୂର୍ବାପର ପ୍ରାସଙ୍ଗିକ ତୁଳନା ଓ ଉତରୋତର ଉନ୍ନତିର ମାନ ନିର୍ଦ୍ଧାରଣ କରାଯିବା ସହିତ ସଂସ୍କୃତ ପରିମାର୍ଜିତ ଭାବଧାରା ବିକାଶ କରିବାରେ ସାହାଯ୍ୟ କରିଥାଏ ଇତିହାସ । ଏହା ସ୍ଥଳ ବିଶେଷରେ ବ୍ୟବହାର କରାଯିବା କଥା ଯେଉଁଠି ତୁଳନାତ୍ମକ ବିଚାର ଆସେ । କିନ୍ତୁ ଭବିଷ୍ୟ ବିଚାରକୁ ଗୌଣ କରି ଜୀବନର ପ୍ରତ୍ୟେକ ସମୟରେ ଇତିହାସର ଆବଶ୍ୟକତା ମଣିଷକୁ ନିମ୍ନଗାମୀ କରିଥାଏ !**

ଭାରତ ଏକ ସଂସ୍କୃତି ପ୍ରାଧାନ୍ୟ ରାଷ୍ଟ୍ର ଭାବେ ସମଗ୍ର ବିଶ୍ୱରେ ଖୁବ୍ ପରିଚିତ ଥିବା ଆମେ ସମସ୍ତେ ଜାଣୁ । ପୃଥିବୀର ପ୍ରଥମ ବିକଶିତ ତିନୋଟି ସଭ୍ୟତା ମଧ୍ୟରୁ ଭାରତର ସ୍ଥାନ ଅନ୍ୟତମ । ସଂସ୍କୃତି, ସଭ୍ୟତା ଉପରେ ପ୍ରାଧାନ୍ୟତା ରଖିଥିବା ଐତିହମୟ ଭାରତବର୍ଷ ମାନବିକ ଦୃଷ୍ଟିକୋଣ ତଥା ସାମାଜିକ ସଂସ୍କାର ଉପରେ ସର୍ବାଦୌ ପ୍ରାଧାନ୍ୟତା ରଖି ତାହାର ପୂର୍ବଜ ଦାର୍ଶନିକ ବରପୁତ୍ର ମାନଙ୍କୁ ସବୁବେଳେ ଶୀର୍ଷ ସ୍ଥାନିତ କରି ରଖି ଆସୁଅଛି । ଯୋଗ, ଚିକିତ୍ସା କ୍ଷେତ୍ରରେ କେତେକ ଗବେଷଣାତ୍ମକ ତଥ୍ୟ ବ୍ୟତୀତ ଅନ୍ୟ କୌଣସି ବୈଜ୍ଞାନିକ ବିକାଶ ଭାରତରେ ହୋଇନଥିବା ଅଗ୍ରାହ୍ୟ କରିହେବ ନାହିଁ । କହିବାକୁ ଗଲେ ଆଜି ସମୟରେ ଆମ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ପ୍ରାୟତଃ ସମସ୍ତ ବୈଜ୍ଞାନିକ ତଥ୍ୟ, ତତ୍ୱ ସବୁ ପାଶ୍ଚାତ୍ୟରୁ ହିଁ ଆସିଥିବା ସ୍ୱୀକାର୍ଯ୍ୟ । ଆମେ କିନ୍ତୁ ସେଗୁଡିକୁ ବିକଶିତ କରିନଥିଲେ ମଧ୍ୟ ସେମାନଙ୍କ ଠାରୁ କିଣି ଆଣି ବ୍ୟବହାର କରୁଥିବା ହେତୁ ଏତେ ଗର୍ବିତ ଯେ ଆଉ ଆଗକୁ କ'ଣ ବିଚାର ବହିର୍ଭୁତ ! ଆମର ଏକମାତ୍ର ଲକ୍ଷ ଯେ କିଛି କାଗଜ, କାଳୀ, ଛପାଯାନ୍ତ୍ର ଇତ୍ୟାଦି ବିଦେଶରୁ ଆଣି, ଦିନରାତି ଲାଗିପଡ଼ି କେତେକ ସୁନ୍ଦର ରଙ୍ଗୀନ କାଗଜର ଖଣ୍ଡ ପ୍ରସ୍ତୁତ କରାଯିବ ଏବଂ ସେଗୁଡିକୁ ଅନ୍ୟାନ୍ୟ ଦେଶ ମାନଙ୍କରେ ବନ୍ଧକ ରଖି ଦୁନିଆର ସମସ୍ତ ଜିନିଷ କିଣି ଆଣି ବ୍ୟବହାର କରାଯାଇ ପାରିବ । ଏତିକି କରି ଆମେ ଦୁନିଆର ସବୁଠାରୁ ଚାଲାକ ମଣିଷ ବୋଲି ପରିଚୟ ଦେଇହେବ ! ଆବଶ୍ୟକ ପଡିଲେ କୌଣସି ବିକଶିତ ରାଷ୍ଟ୍ରର ଟିକିଏ ପଦଲେହନ କରିଦେଲେ ଅସୁବିଧା କିଛି ନାହିଁ ! ତାପରେ ଆମେ ନିଜକୁ ଗୋଟିଏ ବିକାଶଶୀଳ ରାଷ୍ଟ୍ର ବୋଲି ଘୋଷଣା କରୁଥିବା ସେହି ମାନଙ୍କର ଭୃତ୍ୟ ହୋଇ । ସେମାନଙ୍କୁ ଆମ ଦେଶରେ ନିବେଶ, ବ୍ୟବସାୟ କରିବା ପାଇଁ ସୁଯୋଗ ଦେଇ, ଆମେ ରହିଥିବା ସେମାନଙ୍କ କ୍ରୀତଦାସ ହୋଇ ! ଏମିତି ଆଉ କିଛିବର୍ଷ ପରେ ସେମାନେ ଆମକୁ ଶାସନ କରିବା ଲକ୍ଷ ରଖିଥିବା ଷଡ଼ଯନ୍ତ୍ରକୁ ବ□ମାନ ବୁଝିବା ଆମ କାମ ନୁହେଁ ! କେବଳ ସେମାନଙ୍କ ଦ୍ୱାରା ଦିଆଯାଉଥିବା ପ୍ରସ୍ତାବକୁ ଗ୍ରହଣ କରି ବ□ମାନ ହାସଲ କରିପାରିବା ସ୍ୱାର୍ଥକୁହିଁ ବିକାଶର ଧାରା ଏବଂ ମାର୍ଗ ବୋଲି ବିଚାର ଆମର ଭବିଷ୍ୟତରେ କେଉଁ ଦିଗକୁ ଅଗ୍ରସର, ଅଲୌକିକ !! ପୁର, ପଲ୍ଲୀ ଠାରୁ ଆରମ୍ଭ କରି ଦେଶର ପ୍ରମୁଖ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ କୋଣ, ଅନୁକୋଣରେ ଅନେକ ଘଟଣା, ଦୁର୍ଘଟଣା ଘଟିଯାଉଥିବା ଆମ ନଜରକୁ ଆସୁଛି ପ୍ରତ୍ୟହ । ଖବର ପ୍ରବାହର ମାଧ୍ୟମ ଉଛୁଳି ପଡୁଛି ପ୍ରତ୍ୟେକ ଦିନ । ନିଜର ଦକ୍ଷତାକୁ ଅଗଧାଡ଼ିରେ ରଖିବା ମାରାଥନ ଦୌଡରେ ତୁଣ୍ଡ ବାଇଦ ଠାରୁ ଆରମ୍ଭ କରି ଦୂରଦର୍ଶନ, ସାମାଜିକ ଗଣମାଧ୍ୟମ ପର୍ଯ୍ୟନ୍ତ ସମସ୍ତେ ଏତେ ବ୍ୟଗ୍ର କହିଲେ ନସରେ । ଏତଦ ବ୍ୟତୀତ ଯିଏ ଯେଉଁ କ୍ଷେତ୍ରରେ ଅବସ୍ଥାପିତ, ସେହି କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ ପୂର୍ବକ ସାମାଜିକ ମାନ୍ୟତା, ବଦାନ୍ୟତା ଅର୍ଜନ କରିବାରେ ଯଥେଷ୍ଟ ନିଗୁଢ଼ । ଏହି ପରିପ୍ରେକ୍ଷୀରେ ଦୈନନ୍ଦିନ ଦେଶ ସାରା ବୈଠକ, ସମାବେଶ, କର୍ମଶାଳା ଇତ୍ୟାଦି ପ୍ରତ୍ୟେକ ସ୍ଥାନରେ ହଜାର ହଜାର ସଂଖ୍ୟାରେ ଚାଲୁଛି । କେଉଁଠି ସଚେତନତା ଶିବିର, କେଉଁଠି ସତସଙ୍ଗ ତ ଆଉ କେଉଁଠି ବିକାଶର ନାରା ଦେଇ ଆଲୋଚନା ମଂଚ□ । ଏହିଭଳି କହିବାକୁ ଗଲେ ଅନ୍ୟୁନ ୧୦/୨୦ ପ୍ରତିଶତ ଦେଶର କୃଷକ, ଶ୍ରମିକ ଏବଂ ବାହାନ ଚାଳକ ମାନଙ୍କର ପାରିଶ୍ରମିକରୁ ବଂଚୁଥିବା ଆମେ ୧୦୦ ପ୍ରତିଶତ ମଣିଷ ଗଣ୍ଡେ ଖାଇଦେଇ, ଖଣ୍ଡେ ପିନ୍ଧି ଦେଲା ପରେ ଆଉ ଆମର କାମ କ'ଣ ? କେବଳ ମିଥ୍ୟା ପ୍ରତିଭା ପ୍ରଦର୍ଶନ କରି ସେମାନଙ୍କ ପାରିଶ୍ରମିକକୁ ଲୁଟି ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ତଳେ ରଖି ଆମ କୋଷ ଭାରି ସେମାନଙ୍କୁ ଦୟାର ପାତ୍ର କରି ରଖିବା ଆମ ଉଦେଶ୍ୟରେ ପରିଚାଳିତ ଏହିସବୁ ବୈଠକ ସମୂହ, ଯାହାର କୌଣସି ଫଳପ୍ରଦ ଆଶା ନଥାଏ । ପୁଣି ତଥାପି ସେହି ବୈଠକ ଗୁଡିକରେ ଆଲୋଚିତ ତଥ୍ୟ ସାଙ୍ଗକୁ ବିଭିନ୍ନ ଖବର ସହିତ ମାନବିକ ଜ୍ଞାନ ବିକାଶ ନିମନ୍ତେ ପ୍ରଚାରିତ, ପ୍ରସାରିତ ତଥ୍ୟ ଗୁଡିକ କେବଳ ଇତିହାସ ଉପରେ ଆଧାରିତ ଯାହା କୌଣସି ଭବିଷ୍ୟତ ମାର୍ଗଦର୍ଶୀ ଭଳି କାମ କରିବା ବିପରୀତେ ଦେଶକୁ ନିମ୍ନଗାମୀ କରିବାରେ ଯଥେଷ୍ଟ ସହାୟକ ହୋଇଥାଏ । ତେଣୁ ପ୍ରତିଦିନର ଏହି ଖବରଧାରା ଏବଂ ବିକାଶମୁଖୀ ବୈଠକ ଗୁଡିକରେ ଆଲୋଚିତ ଐତିହାସିକ ଘଟଣାବଳୀ ଉପରେ ଆଧାରିତ ତଥ୍ୟ ଆମକୁ ଅଜ୍ଞାନ କରି ନିମ୍ନଗାମୀ କରିବାରେ ଯଥେଷ୍ଟ ସହଯୋଗ କରୁଅଛି ! ସୃଜନେ ବିଚାରଶୀଳ ଭାବେ ନିରୀକ୍ଷଣ କଲେ ଜାଣିପାରିବେ ଯେ, କୌଣସି ଗ୍ରାମା□ଳର ବୈଠକ ହେଉକି ରାଜଧାନୀର ସମାବେଶ, ସଚେତନତା ଶିବିର କିମ୍ବା ସରକାରୀ କଳର ଜରୁରୀ ବୈଠକ, ପ୍ରତ୍ୟେକ ସ୍ଥାନରେ ଆଲୋଚିତ ବିଷୟ ଗୁଡିକ ୯୯ ପ୍ରତିଶତ ପୂର୍ବରୁ ଘଟିଯାଇଥିବା ବିଷୟ ଗୁଡିକ ଉପରେ ଆଧାରିତ । ଆଉ ୧ ପ୍ରତିଶତ ବିକାଶମୁଖୀ ଆଲୋଚନା ଯେଉଁଥିରେ କାର୍ଯ୍ୟ କମ୍, ବ୍ୟବସାୟିକ ସାମସ୍ୟ ଯଥେଷ୍ଟ ଅଧିକ ! ଆପଣ ଯଦି କୌଣସି ବୈଠକ କିମ୍ବା ଅନୁରୂପ ଘଟଣାର ଲିପିବଦ୍ଧତାକୁ ଦୋହରାଇ ଦେଖିବେ ତାହେଲେ କଥାଟିର ସତ୍ୟତାକୁ ବୁଝିହେବ । ଅନୁରୂପ କୌଣସି ଖବର ହେଉ କି ଆଲେଖ୍ୟ, ଯାହା ମଣିଷ ସମାଜର ଉ□ୋର□ର ଉନ୍ନତି କାମନା କରି ଲିପିବଦ୍ଧ ହୋଇଥାଏ କିମ୍ବା ପ୍ରଚାରିତ, ପ୍ରସାରିତ କରାଯାଇ ଥାଏ, ସେଗୁଡିକୁ ମଧ୍ୟ ଅନୁଧ୍ୟାନ କଲେ ଜାଣିହେବ ଯେ ସେଇଥିରେ ମଧ୍ୟ ୯୯ ପ୍ରତିଶତରୁ ଅଧିକ ପୂର୍ବ ଘଟଣା ଉପରେ ଆଧାରିତ କଥା । କୌଣସି ଦୂରଦର୍ଶନ ଧାରାବାହିକ ହେଉକି ସିନେମାରେ ମଧ୍ୟ ଦେଖାଯାଉଥିବା ବିଷୟ ମଧ୍ୟରୁ ୯୯ ପ୍ରତିଶତ ପୂର୍ବରୁ ଘଟିଥିବା ଘଟଣା ଉପରେ ଆଧାରିତ ! ଏମିତିକି ସରକାରୀ ବୈଠକ ଠାରୁ ଆରମ୍ଭ କରି ସାଧାରଣ ସଭା, ସଚେତନତା ଶିବିର ଗୁଡିକରେ ମଧ୍ୟ ଯାହାସବୁ ଆଲୋଚିତ ହୁଏ ସେ ସମସ୍ତ ତଥ୍ୟ କେବଳ ଐତିହାସିକ ଘଟଣାବଳୀ ଗୁଡିକ ଉପରେ ଆଧାରିତ ୯୯ ପ୍ରତିଶତ କଥା ଶୁଣିବାକୁ ମିଳେ ଆମ ଦେଶର ସବୁ କ୍ଷେତ୍ରରେ । କିନ୍ତୁ ଭବିଷ୍ୟ ଦ୍ରଷ୍ଟା ଉଦାହରଣ ହେଉକି ନମୁନା କିମ୍ବା ଅନ୍ଦାଜ୍ଜର କୌଣସି ସୂତ୍ର ପ୍ରତିପାଦିତ ନହୋଇ କେବଳ ଘଟିଯାଇଥବା ଇତିହାସର ପୁନରାବୃତି କରିବା ଆମ ଦେଶର ଏକ ପ୍ରକାର ପୁରାତନ ଚରିତ୍ର ଯାହା ଆମକୁ ଆଉ ଆଗକୁ ଯିବାପାଇଁ ସୁଯୋଗ ସୃଷ୍ଟି କରିବା ବିପରୀତେ ନିମ୍ନଗାମୀ କରିବାରେ ଯଥେଷ୍ଟ ସାହାଯ୍ୟ କରୁଥିବା ଲକ୍ଷ କଲେ ଜାଣିହେବ । ତେଣୁ ଆମେ ଆଉ ନିଜସ୍ୱ ବିକାଶ ଉପରେ କିମ୍ବା ଜ୍ଞାନବର୍ଦ୍ଧିତା ଉପରେ ପ୍ରାଧାନ୍ୟତା ନରଖି କେବଳ ଅନ୍ୟ ଉପରେ ପ୍ରେତ୍ୟେକ କଥାରେ ଯଥେଷ୍ଟ ନିର୍ଭରଶୀଳ ହୋଇ ପଡୁଥିବା ହେତୁ ବୈଦେଶିକ ଷଡ଼ଯାନ୍ତ୍ରୀକ ଶକ୍ତି ଆମକୁ ଧୀରେ ଧୀରେ କରାୟତ କରିବାରେ ଲାଗି ପଡିଛନ୍ତି । ସେମାନଙ୍କୁ ସୁଯୋଗ ଦେଇ ନିଜକୁ କବଳିତ କରିବାରେ ସକ୍ଷମ ଅଧମ ନିର୍ବୋଧ, ଆମଠାରୁ ଅଧିକ ଆଉ କିଏ କୋଉଠି ଥିବ ବୋଲି ଆମର ଅନ୍ଦାଜ୍ ହେଉନାହିଁ । ଭବିଷ୍ୟ ବିଚାର ଶୂନ୍ୟ ମଣିଷ ବିଭିନ୍ନ ମାଧ୍ୟମରେ ଇତିହାସକୁ ଦୋହରାଇ ସାଧାରଣ ଲୋକଙ୍କ ପାଖରେ ନିଜର ବଡ଼ିମା ଦେଖାଇ ଆତ୍ମ ସନ୍ତୋଷ ଲାଭ କରିବା ଉଦେଶ୍ୟରେ ପ୍ରତ୍ୟେକ ସମୟରେ ପୂର୍ବରୁ ଘଟିଯାଇଥିବା ଘଟଣାବଳୀ ଗୁଡିକର ପୁନରାବୃତି କରିଥା'ନ୍ତି କିମ୍ବା କେତେକ ମହାନ ବ୍ୟକ୍ତିତ୍ୱଙ୍କ ରଚିତ ବାକ୍ୟାବଳୀ ଗୁଡିକର ପୁନଃ ଉପସ୍ଥାପନ କରି ନିଜର ପାରିବାପଣ ସାବ୍ୟସ୍ତ କରିଥା'ନ୍ତି । ଭବିଷ୍ୟ ଆଲୋଚନା, ପ୍ରୟୋଗାତ୍ମକ ଜ୍ଞାନ, ନୂତନ ଆବିଷ୍କାର / ଉଦ୍ଭାବନ ଇତ୍ୟାଦି ବିଷୟ ଉପରେ ଜ୍ଞାନ ଶୂନ୍ୟ ମଣିଷ ଚତୁର୍ଦ୍ଦିଗରେ ଭରପୁର ଆମ ଦେଶରେ । ଏହିସବୁ ବିଷୟ ଗୁଡିକରେ ଲେଖାଳି କିମ୍ବା ପ୍ରବଚକ ଶୂନ୍ୟ ଆମ ଦେଶ କେବଳ ଐତିହାସିକ ଆଲୋଚନା, ସମାଲୋଚନା କରିବାରେ ସମସ୍ତେ ବ୍ୟସ୍ତ । ସବୁଠାରୁ ସାଙ୍ଘାତିକ ହେଉଛି ସେହିସବୁ ଐତିହାସିକ ବିଷୟ ଗୁଡିକ କେବଳ ପ୍ରଚାର, ପ୍ରସାର ନିମି□ ହୋଇ ଥାଏ, କିନ୍ତୁ ସେଗୁଡିକୁ ଅନୁକରଣ କରି କାର୍ଯ୍ୟ କରିବା ହୁଏନାହିଁ ଅମ ଦ୍ୱାରା, ବରଂ ବୈଦେଶିକ ନୀତିକୁ ଆପଣେଇ ବଂଚିବା ଶିଖିଛୁ ଆମେ ଯାହା ଆମକୁ କେଉଁ ଦିଗଗାମୀ କରୁଛି ବିଚାର କରି ଦେଖିବା କଥା । ତେଣୁ ପ୍ରେତ୍ୟେକ ସମୟରେ, ଚଳଚିତ୍ର କିମ୍ବା କଥାରେ ହେଉକି ଆଲେଖ୍ୟରେ ଇତିହାସମୟ କରି ରଖାଯାଇଥିବା ଆମ ଦେଶ ଲୋକଙ୍କ ଜ୍ଞାନବର୍ଦ୍ଧିତା କେଉଁ ଦିଗଗାମୀ ଆମକୁ ବୁଝା ପଡୁନାହିଁ । ଇତିହାସ ପାଲଟି ଯାଇଥିବା ବିଷୟକୁ ବାରମ୍ବାର ଦୋହରାଇ ଆମେ ନିଜକୁ କେବଳ ଅଜ୍ଞାନ କରୁନାହୁଁ ବରଂ ଅନ୍ୟର ପ୍ରତାରଣାର ଶିକାର ହୋଇ ରାଷ୍ଟ୍ରକୁ ବିପଦ ମୁଖକୁ ଠେଲି ଦେଉଥିବା ଏକ ମର୍ମନ୍ତୁଦ କାହାଣୀ କାହାର ଅବଚେତନ ମାନସରେ ପାଶୁନଥିବା ଏକ ଅତ୍ୟନ୍ତ ଦୁଃଖଦ ବିଷୟ ! କୌଣସି ଭବିଷ୍ୟ ଜ୍ଞାନ କୌଶଳ, ପ୍ରୟୋଗାତ୍ମକ ପରିବେଶ, ପ୍ରତିଷ୍ଠାନ କିମ୍ବା ଗବେଷଣାତ୍ମକ ବିଷୟ ଉପରେ ଆଧାରିତ ଆଲୋଚନା, ଖବର କିମ୍ବା ଆଲେଖ୍ୟ ହେଉକି ଚଳଚିତ୍ର ଦେଖିବାକୁ ମିଳୁନାହିଁ ଆମ ଦେଶରେ । ସମସ୍ତଙ୍କ ଜ୍ଞାନ କେବଳ ପୂର୍ବ ଘଟଣା କ୍ରମକୁ ଆନ୍ଦୋଳିତ କରୁଥିବା ଏବଂ ସେଗୁଡିକର ପ୍ରଚାର, ପ୍ରସାର ଯଥେଷ୍ଟ ମାତ୍ରାରେ ଚାଲିଥିବା ଦେଖିବାକୁ ମିଳିବ ଅନୁସନ୍ଧାନୀ ଲକ୍ଷ କଲେ । ଆଜିକାର ଏକବିଂଶ ଶତାବ୍ଦୀରେ ମଧ୍ୟ ଆମେ କେବଳ ଇତିହାସର ପୃଷ୍ଠା ଓଲଟାଇ ନିଜକୁ ବିକାଶର କେଉଁ ଦିଗକୁ ନେଇଚାଲିଛେ ଆମ ଭାବ ବହିର୍ଭୁତ । କେବଳ ପୂର୍ବ ଘଟଣାର ପୁନରାବୃତି ଏକ ରକମ ଆମ ଦେହରେ ମିଳାଇ ଗଲାଣି ! ବିକାଶ, ଉତରୋତର ଉନ୍ନତି କହିଲେ କେବଳ ଇତିହାସକୁ ଦୋହରାଇବା ଛଡା କୌଣସି ଗବେଷଣାତ୍ମକ, ବିଚାରଶୀଳ କିମ୍ବା ଦୂରଦୃଷ୍ଟିର ଯଥେଷ୍ଟ ଅଭାବ ପରିଲକ୍ଷିତ ହୁଏ ଆମ ସମାଜର ଭବିଷ୍ୟତ କ'ଣ ବିଚାର କରିବା ସମୟ....। ଧନ୍ୟବାଦ ।

*ସୋସିଆଲ ଫୋରମ (ଭାରତ) ଛତ୍ରପୁର, : ୯୪୩୭୩୨୪୯୧୭.*

# ଘଟଗାଁର ରାଣୀ : ମାଆ ତାରିଣୀ

◆ ସ୍ମିତାରାଣୀ ଦାସ



**ସର୍ବ ମଙ୍ଗଳ ମାଙ୍ଗଲ୍ୟେ**
**ଶିବେ ସର୍ବାର୍ଥ ସାଧିକେ**
**ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ**
**ନାରାୟଣୀ ନମୋସ୍ତୁତେ**
**ନାରାୟଣୀ ନମୋସ୍ତୁତେ**
**ନାରାୟଣୀ ନମୋସ୍ତୁତେ**

ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଲୀଳାଖେଳା ଅବସରରେ ରଥଯାତ୍ରା ବାହୁଡ଼ା ଯାତ୍ରା ମଧ୍ୟରେ ଯେଉଁ ପ୍ରଥମ ମଙ୍ଗଳବାର ପଡ଼ିଥାଏ ସେହି ଦିନ ହିଁ ମାଆ ଜଗତଜନନୀ, ଦୁଃଖ ନିବାରିଣୀ, ସର୍ବସୁଖ ପ୍ରଦାୟିନୀ, କଲ୍ୟାଣକାରୀ ଘଟଗାଁ ମାଆ ତାରିଣୀଙ୍କ ବ୍ରତ ପଡ଼ିଥାଏ । କେନ୍ଦୁଝରର ରାଜା ତ୍ରିଲୋଚନ ଭଂଜଙ୍କ ସୁପୁତ୍ର ରାଜା ଗୋବିନ୍ଦ ଭଂଜ ଥିଲେ ମା' ତାରିଣୀଙ୍କ ପରମଭକ୍ତ । ତାଙ୍କରି ପାଇଁ ପୁରୀରୁ ଘଟଗାଁକୁ ମା' ଆସି ତାଙ୍କର ଲୀଳାଖେଳା କରରିବା ସହ ଭକ୍ତମାନଙ୍କ ଦୁଃଖ ନିବାରଣ କରୁଛନ୍ତି । ମା' ତାରିଣୀ ହେଉଛନ୍ତି ସ୍ୱୟଂ ମା' ଦୁର୍ଗାଙ୍କ ଅବତାର। ତାଙ୍କୁ ଶ୍ରଦ୍ଧା ଓ ଭକ୍ତିରେ ମାଆ ବୋଲି ଡାକିଦେଲେ ସମସ୍ତ ଦୁଃଖ ନାଶନ କରନ୍ତି ବୋଲି ସେ ମା' ତାରିଣୀ । ଶ୍ରୀଫଳ (ନଡ଼ିଆ)କୁ ବହୁତ ଭଲ ପାଆନ୍ତି ବୋଲି ସେ ନଡ଼ିଆ ରାଣୀ । ଶାଳୁଆବଣର ରହୁଥିବା ଯୋଗୁଁ ସେ ଶାଳୁଆବଣର ରାଣୀ ବୋଲି ସମସ୍ତେ କୁହନ୍ତି । ଘଟଗାଁରେ ଅବସ୍ଥିତ ଏହି ଭବ୍ୟ ତାରିଣୀ ମନ୍ଦିରକୁ ଦୂରଦୂରାନ୍ତରୁ ବହୁ ଭକ୍ତମାନେ ଦୌଡ଼ି ଆସନ୍ତି ମାଆଙ୍କର ସାନିଧ୍ୟ ପାଇଁ । ସେହି ଦିନ ବ୍ରତଧାରୀ ମାନେ ନିତି ନିଷ୍ଠା ସହକାରେ ମାଆଙ୍କର ପୂଜା ପାଇଁ ପ୍ରସ୍ତୁତି ହୋଇଥାଆନ୍ତି ଏବଂ ବିଭିନ୍ନ ଫୁଲ, ଫଳ ଡାଲାରେ ସଜ୍ଜିତ କରି ନୂତନ ବସ୍ତ୍ର ପିନ୍ଧି ପୂଜା ଆସ୍ଥାନକୁ ଯାଆନ୍ତି ଏବଂ ବ୍ରାହ୍ମଣ ମାଆଙ୍କର ପୂଜା ଆରାଧନା କରି ବ୍ରତଧାରୀ ମାନଙ୍କୁ ମାଆଙ୍କର ବ୍ରତ ପିଢାଇବା ସହ ପୂଜା କରାଇଥାଆନ୍ତି । ମାଆଙ୍କର ବହି ପୁସ୍ତିକାରେ ଲେଖା ଥିବା ତାଙ୍କର ଗୀତିକାକୁ ପଢ଼ି ଶୁଣାଇ ଥାଆନ୍ତି । ଯାହାକୁ ଶ୍ରବଣ ଦ୍ୱାରା ମନୁଷ୍ୟ ମାଆଙ୍କର ସାନିଧ୍ୟ ପାଇବା ସହ ଦୁଃଖ ନିବାରଣ ହୋଇଥାଏ । ନାଳି, ରକ୍ତମନ୍ଦାର ଏବଂ ଶ୍ରୀଫଳ ନଡ଼ିଆ ମାଆଙ୍କର ଅତି ପ୍ରିୟ । ଆତୁର ଭକ୍ତଟିଏ ନଡ଼ିଆଟିଏ ଧରି ମାଆଙ୍କୁ ଡାକିଦେଲେ ମାଆ 'ଓ' ବୋଲି ଶୁଣିଥାଏ । ଶାଳୁଆ ବନର ସିଏ ରାଣୀ । ତେଣୁ ତା' ର ନାମ ମାଆ ତାରିଣୀ । ଦୂରଦୂରାନ୍ତରୁ ମାଆଙ୍କୁ ଦର୍ଶନ କରିବା ପାଇଁ ଭକ୍ତଟିଏ ଦୌଡ଼ି ଆସେ ଘଟଗାଁକୁ । ମନେ ପଡ଼େ ବାସୁଦେବ ରଥଙ୍କ ସଂଗୀତ ସଂଯୋଜନାରେ ଗୀତଟିଏ - *ଘଟଗାଁ ଯିବା*



*ବାଟରେ ଅଟକି, ସଙ୍ଗାତରେ ଟିକେ ଉହାଁ ଟିକେ ଉହାଁ , ଆରତୀ ଆରତ ନାଶିବା ପାଇଁ କି ବସିଛି ତାରିଣୀ ମାଆ ।* କି ସୁନ୍ଦର ସେ ଗୀତଟି ମନ ମୋହିଯାଏ ସେ ଗୀତକୁ ଶୁଣି । ଘଟଗାଁରେ ଛୋଟ ଛୁଆଙ୍କର ମାନସିକ ଚୁଟିପକା, ଅନ୍ନପ୍ରାସନ୍ନ, ବିବାହ, ବ୍ରତ ଇତ୍ୟାଦି ମାଙ୍ଗଳିକ କର୍ମ ମାନ ଅନୁଷ୍ଠିତ ହୋଇଥାଏ । ପୁନଶ୍ଚ ନାଳି ସିନ୍ଦୁର ମଣ୍ଡିତ ମାଆଙ୍କର ଅପରୂପ ବିଭୂଷିତ ମୁଖମଣ୍ଡଳକୁ ଉହାଁ ଦେଖିଲେ ମନରେ ଥିବା ବିଷାଦ ସବୁ କିଛି ଯେପରି ଛାଏଁଛାଏଁ ଦୂର ହୋଇ ଯାଇଥାଏ । ମାଆ ଭକ୍ତ ମାନଙ୍କ ପାଇଁ ଏପରି ବିଶ୍ୱାସର ଧ୍ୱଜା ଉଡାଇଛି ଯେ, ମାଆଙ୍କ ପ୍ରତି ସମସ୍ତଙ୍କର ଭକ୍ତିଭାବନା ଏପରି ଦୃଢ଼ ହୋଇଛି ଯେ ତାହା ଅବର୍ଣ୍ଣନୀୟ । ରାଜ୍ୟର ସବୁ ସ୍ଥାନରେ ମାଆ ତାରିଣୀଙ୍କ ମନ୍ଦିର ତୋଳା ଯାଇଥିବା ବେଳେ ଭକ୍ତମାନଙ୍କ ସଂଖ୍ୟା ମଧ ବୃଦ୍ଧି ପାଇଛି । ତା' ସହିତ ଘଟଗାଁ ତାରିଣୀଙ୍କ ପାଖକୁ ମାନସିକ ନଡ଼ିଆଟିଏ ପଠାଇବା ପାଇଁ ପ୍ରତ୍ୟେକ ଜିଲ୍ଲା ମାନଙ୍କର ବସ୍ଷ୍ଟାଣ୍ଡ ମାନଙ୍କରେ ତାରିଣୀଙ୍କ ପାଇଁ ଷ୍ଟଲଟିଏ ଖୋଲା ଯାଇଛି । ଯେଉଁଠାରେ ମାନସିକ ନଡ଼ିଆ ରଖିଦେଲେ ଘଟଗାଁ ଯାଉଥିବା ବସର ଖଲେକ ଖୁସିରେ ଭକ୍ତର ନଡ଼ିଆ ନେଇ ପହଂଚାଇ ଦିଅନ୍ତି ମାଆ ତାରିଣୀଙ୍କ ଥାନକୁ । ଅଳି କରନ୍ତି ହେ ମାଆ! ତୁ ସମସ୍ତଙ୍କର ଦୁଃଖ ଦୂର କର ଏବଂ ସମସ୍ତଙ୍କୁ ମାତୃତ୍ୱ ସ୍ନେହ ବାଂଟି ଦେ । *"ନଡ଼ିଆ ଗୋଟିଏ ସୁମରି ତୋ ପାଇଁ ପଠାଇଲି ମାଆ ତାରିଣୀ, ମଲା ବେଳେ ମୋତେ ଥାନ ଦେବୁ ପାଦେ ଏତିକି ମୋର ଗୁହାରୀ ।"* ପ୍ରସିଦ୍ଧ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କ କଣ୍ଠରୁ ଭାସିଆସେ *"ଜୁଆଡେ ଯାଉଛୁ ଯା' ଗାଡ଼ିବାଲା ନଡ଼ିଆ ମୋ ନେଇ ଯିବୁ"।* *"ପୁଣି ତାରିଣୀ ଭଜନ ସବୁଠି ଅଛନ୍ତି ମାଆ ସିଏ ଜଗତର ସବୁରି ନଡ଼ିଆ ପାଉଛି ତାରିଣୀ ନାହିଁ ପାଖ ନାହିଁ*



ହୋଇଥାଏ ଘଟଗାଁରେ । ରଥ ଅବସରରେ ପାଳନ କରାଯାଉଥିବା ତାରିଣୀ ବ୍ରତ କେବଳ ଯେ, ମନ୍ଦିରରେ ପୂଜା ହେଉଛି ତାହା ନୁହେଁ ଗୃହରେ ମଧ୍ୟ ଖୁବ୍ ନିଷ୍ଠା ଓ ଭକ୍ତି ସହକାରେ ପାଳନ କରାଯାଉଛି । ବାଲେଶ୍ୱର ଜିଲ୍ଲାର ଗୋପାଳଗାଁ ଠାରେ ଶ୍ରୀଯୁକ୍ତ କାଶୀନାଥ ସାହୁ (ଶମ୍ଭୁଆ)ଙ୍କ ଘରେ ଆନନ୍ଦ ଉଲ୍ଲାସ ସହକାରେ ମାଆ ତାରିଣୀଙ୍କ ବ୍ରତ ଆଜି ପାଳନ କରାଯାଉଛି । ସସ୍ତ୍ରୀକ ମାଆଙ୍କର ପୂଜା ମଣ୍ଡପକୁ ଏପରି ଆକର୍ଷଣ ଭାବେ ସଜାଇଥିଲେ ଯେ, ସତେ ଯେମିତି ଲାଗୁଥିଲା ସ୍ୱୟଂମାଆ ଯେପରି ବିରାଜିତା । ନାଲି ମନ୍ଦାର, ସିନ୍ଦୁର ମଣ୍ଡିତା ହୋଇ ମାଆଙ୍କ ମୁଖମଣ୍ଡଳ ଏପରି ଉଜ୍ଜ୍ୱଳତାରେ ଆଭାସିତ ହେବା ସହ ବ୍ରାହ୍ମଣର ମନ୍ତ୍ର ଧ୍ୱନୀ ସତେ ଯେପରି ଗଗନମଣ୍ଡଳକୁ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ସହ ସୁବାଶିତ ସୁରଭିତ ମହକ ପୁଲକିତ ହେଉଛି । ପୁରୁଷ ଓ ମହିଳା ବ୍ରତଧାରୀ ମାନେ ମା'ଙ୍କ ପୂଜା ଅଛନ୍ତି । ପ୍ରଜ୍ୱଳିତ ଦୀପ, ଝୁଣା, ଧୂପର ସୁଗନ୍ଧିତ ବାସ୍ନା ସହ ହୋମାଗ୍ନିର ଲେଲିହାନ ଶିଖା ଭକ୍ତମାନଙ୍କ ତନୁମନକୁ ଶିହରଣ କରରି ଦେଉଛି । ମା'ଙ୍କ ପୂଜାର ଏହି ଦୃଶ୍ୟ ସତେ ଯେପରି ଉପସ୍ଥିତ ଭକ୍ତ ମାନଙ୍କୁ ମାଆ ଓ ପିଲାଙ୍କ ମଧ୍ୟରେ ଥିବା ମମତାର ବନ୍ଧନରେ ଜଡ଼ିତ କରି ଦେଉଥିଲା ଭାବଭକ୍ତିର ଅମୋଘ ରୂପକ ସୂତ୍ରରେ । କାଶୀନାଥ ବାବୁ ମାଆ ତାରିଣୀଙ୍କ ସଂପର୍କରେ ଭକ୍ତିରେ ଗଦ୍‌ଗଦ୍ ହୋଇ କୁହନ୍ତି କି ତାଙ୍କ ଗୃହାଙ୍ଗନରେ ମାଆଙ୍କର ପୂଜା ଆରାଧନା ୧୯୪୮ ମସିହାରୁ ବୋଧହୁଏ ଆରମ୍ଭ ହୋଇଥିଲା ତାହାକୁ ତାଙ୍କ ବାପା ରଘୁନାଥ ସାହୁ ଏବଂ ତାଙ୍କ ପରିବାର ମାଆଙ୍କୁ ଭକ୍ତି ସହକାରେ ପୂଜା କରୁଥିଲେ । ମାଆ ତାରିଣୀ ମଧ ସବୁ ବିପଦ ଆପଦରୁ ସେମାନଙ୍କୁ ରକ୍ଷା କରିବା ସହ ସମସ୍ତ ଦୁଃଖକୁ ଲାଘବ କରୁଥିଲା । ଏହି ପୂଜାବିଧି ସେବେ ଠାରୁ ହିଁ ପାଳନ କରାଯାଉଥିଲା ଏବଂ ରଘୁନାଥ ସାହୁଙ୍କ ପରଲୋକ ପରେ ତାଙ୍କର ସୁଯୋଗ୍ୟ ପୁତ୍ର କାଶୀନାଥ ସାହୁ ଏବଂ ତାଙ୍କ ଧର୍ମପତ୍ନୀ ମୀରା ସାହୁ , ପୁତ୍ର ବାବୁଲୁ , କନ୍ୟା ସୀମା, ଜ୍ୱାଇଁ, ନାତି ଭକ୍ତି ସହକାରେ ଏହି ପୂଜାକୁ ପାଳନ କରୁଛନ୍ତି । ଆଉ ଏକ ଭଜନ ଯେପରି ମା।'ଙ୍କୁ ପୁଷ୍ପାଞ୍ଜଳି ଦେବା ବେଳେ ମନେ ପଡୁଥିଲା *"ମାଆଲୋ ମାଆ ମୋ ଶେଷ ଶେଯ ହେଉ ତୋ ପଣତକାନି"* / ହେ ମାଆ ଦୁଃଖ ନିବାରିଣୀ ତାରିଣୀ ତୁ ସମସ୍ତଙ୍କର ମଙ୍ଗଳ କରିବା ସହ ତାଙ୍କ ପରିବାରକୁ ସୁରକ୍ଷା ପ୍ରଦାନ କରିବୁ ଏବଂ ସର୍ବଜନଙ୍କୁ ସୁରକ୍ଷା ପ୍ରଦାନ କର ଏତିକି ମୋର କାମନା ।


*ଗୋପାଳଗାଁ, ବାଲେଶ୍ୱର*

# ଶ୍ରୀଜଗନ୍ନାଥ ଚେତନା



◆କବୀର କୁମାର ଜେନା

ଶ୍ରୀଜଗନ୍ନାଥ ଆମ ସଂସ୍କୃତିର ସର୍ବଜନମାନ୍ୟ ରାଷ୍ଟ୍ର ଦେବତା । ଶ୍ରୀମନ୍ଦିର ରତ୍ନସିଂହାସନରେ କେବଳ ଦେବତା ଭାବରେ ସକାଳୁ ସଞ୍ଜ ଯାଏ ସେ ପୂଜିତ ହୁଅନ୍ତି ନାହିଁ । ବରଂ ଆମ ସୁଖ ଦୁଃଖ, ବିପଦଆପଦ ଓ ଭଲ ମନ୍ଦରେ ସେ ସାହା ହୁଅନ୍ତି ମଣିଷ ଭଳି । ସମଗ୍ର ପୃଥିବୀରେ ଏଭଳି ଦେବତା ବିରଳ । ସେଇଥିପାଇଁ ସେ ଜଗତରନାଥ ଶ୍ରୀଜଗନ୍ନାଥ । ଅନନ୍ୟ ତାଙ୍କର ମହାପ୍ରସାଦ । ଭେଦଶୂନ୍ୟ, ବିକାରଶୂନ୍ୟ ସଂହତି ଭାବ ସୃଷ୍ଟି କରେ ଭକ୍ତ ମନରେ ଏହି ମହାପ୍ରସାଦ । ଅତଏବ ଏହି ପୃଥିବୀ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ଜଗନ୍ନାଥ ପୁରୀଧାମରେ ମହାପ୍ରଭୁଙ୍କର ଅର୍ପିତ ପ୍ରସାଦ ବା ଦ୍ରବ୍ୟ ସ୍ପୃଶ୍ୟାସ୍ପୃଶ୍ୟ ଦୋଷରେ




ଦୂଷିତ ହୁଏ ନାହିଁ କି ଏଠାରେ ବର୍ଣ୍ଣବିଚାର ନାହିଁ, ଉଚ୍ଛିଷ୍ଟାଦି ବିଚାର ନାହିଁ କି ଶୌଚାଶୌଚ ପାପ ନିଷ୍ପାପ ବିଚାର ମଧ ନାହିଁ । ଆବ୍ରାହ୍ମଣଚଣ୍ଡାଳ ବ୍ରାହ୍ମଣ ସମସ୍ତେ ଏଠି ନିର୍ବିକାର ଚିତରେ ମହାପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ସେବନପୂର୍ବକ ଉଚ୍ଛିଷ୍ଟ ଗ୍ରହଣ କରି ନିଜକୁ ପରମ ଭାଗ୍ୟବାନ ମନେ କରନ୍ତି ଏବଂ ଅନ୍ୟ ମାନଙ୍କ ମୁଖରେ ମହାପ୍ରସାଦ ଦେଇ ଦିବ୍ୟାନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ନିଜକୁ ଅଧିକ ପବିତ୍ର ମଧ ମନେକରିଥାନ୍ତି । ତେଣୁ ଏହି କ୍ଷେତ୍ରରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ଏକ ପାତ୍ରରେ ପାନ ଭୋଜନ କରିବା ଓ ମିଳାମିଶା କରିବା ବା ସଂହତି ରକ୍ଷା କରିବା ହେଉଛି ଏ ପୀଠର ପରମ୍ପରା । ଏହି ପରମ୍ପରା ବୌଦ୍ଧ ଧର୍ମ ଦର୍ଶନଦ୍ୱାରା ପ୍ରଭାବିତ । ଏହି ଏକତ୍ୱଭାବ, ଭ୍ରାତୃଭାବ ଆମ ସଂସ୍କୃତିର ମହନୀୟତାକୁ ପ୍ରତିପାଦିତ କରିଥାଏ । ସମଗ୍ର ବିଶ୍ୱରେ ଆମ ସଂସ୍କୃତିର ପରାକାଷ୍ଠା ମହାପ୍ରଭୁ ଜଗନ୍ନାଥଙ୍କ ଯୋଗୁ ଆଜି ବିଦିତ । ଆମ ସଂସ୍କୃତି ହେଉଛି ଜାତିଭେଦ ବିହୀନ ସଂସ୍କୃତି - ତାହା ହିଁ ଜଗନ୍ନାଥ ସଂସ୍କୃତି । ବୁଦ୍ଧରୂପୀ ପତିତପାବନଙ୍କ ନାମରେ ସିଂହଦ୍ୱାର ଗୁମୁଟରେ ଜଗନ୍ନାଥଙ୍କ ପ୍ରତିବିମ୍ବ ଅଙ୍କନ କରାଯାଇ ପ୍ରମାଣ କରାଯାଇଛି ଯେ ବୁଦ୍ଧ-ଜଗନ୍ନାଥ-ପତିତପାବନ ଏକ ଓ ଅଭିନ୍ନ ଓ ତାହା ହିଁ ଜଗନ୍ନାଥଙ୍କର ମୂଳରୂପ । ଅତଏବ ଜଗନ୍ନାଥ ବୁଦ୍ଧରୂପୀ ପତିତପାବନ ହୋଇଥିବାରୁ ତାହାଙ୍କ ଯାତ୍ରାକୁ ପତିତପାବନ ଯାତ୍ରା ବା ରଥଯାତ୍ରା ବୋଲି କୁହାଯାଏ । କବିସମ୍ରାଟ ଉପେନ୍ଦ୍ରଭଞ୍ଜ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ପ୍ରଥମ ଛାନ୍ଦରେ ଉଲ୍ଲେଖ କରିଛନ୍ତି - 'ସ୍ନାନ ଯେ ଗୁଣ୍ଡିଚା ବେନି ସ୍ୱୟଂଲୀଳା ଯା'ର, ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର ।' ଅର୍ଥାତ୍ ପତିତମାନଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ସ୍ନାନ ବା ଗୁଣ୍ଡିଚା ଯାତ୍ରାରେ ଜଗନ୍ନାଥ ମହାପ୍ରଭୁ ପ୍ରସାଦ ବା ଦେଉଳରୁ ବାହାରିଥାଆନ୍ତି । ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆଜି ଓଡ଼ିଶା ସମେତ ଭାରତ ବର୍ଷ ଓ ଭାରତ ବାହାରେ ବିଭିନ୍ନ ଦେଶରେ ପରିବ୍ୟାପ୍ତ । ଶ୍ରୀଜଗନ୍ନାଥ ଉପାସନାର ବୈଶିଷ୍ଟ୍ୟ ଜନସମାଜରେ ଆଦୃତ ହେଉ ଥିବାରୁ ଦେଶ ବିଦେଶରେ ତାହାଙ୍କର ଏ ଭେଦଭାବ ଶୂନ୍ୟ ଯାତ୍ରାର ବହୁଳ ପ୍ରଚାର ଓ ପ୍ରସାର ଘଟିଛି । ମହାପ୍ରଭୁଙ୍କ ସହିତ ଏ ମଣିଷର ପ୍ରତ୍ୟକ୍ଷ ସାନ୍ନିଧ ଓ ଗୂଢ଼ ସଂଯୋଗର ସୂତ୍ର ସ୍ଥାପିତ ହୁଏ ଏହି ରଥଯାତ୍ରାରେ । କୈବଲ୍ୟ ବା ମୁକ୍ତି ଏହାର ଉଦ୍ଦେଶ୍ୟ । ଶ୍ରୀଜଗନ୍ନାଥଙ୍କ ଏ ରଥଯାତ୍ରା ବ୍ୟକ୍ତି ଜୀବନକୁ ନୀତିମୟ, ଶୁଦ୍ଧ ଓ ଆଚାରଶୀଳ କରୁଥିବା ବେଳେ ସାମାଜିକ ଜୀବନଧାରାକୁ ଆନନ୍ଦ ମୁଖରିତ କରିବା ସଙ୍ଗେ ସଙ୍ଗେ ମାର୍ଜିତ ଓ ରୁଚିସମ୍ପନ୍ନ କରିଥାଏ । ସାଂସ୍କୃତିକ ମୂଲ୍ୟବୋଧର ଭିତି ଓ ଭୂତି ଉପରେ ପ୍ରତିଷ୍ଠିତ ଆମ ସଂସ୍କୃତିର ଏ ମହୋତ୍ସବ ଭକ୍ତିତତ୍ୱ, ମୋକ୍ଷତତ୍ୱ ଓ ପରମତତ୍ୱ ପ୍ରଦାନ ସହିତ ତାର ଉଦାରମାନବିକତାକୁ ଉଦଘୋଷଣା କରେ । ତେଣୁ ବିଶ୍ୱମୁଖୀ ମୈତ୍ରୀବୋଧର ପ୍ରତିଷ୍ଠା ସଙ୍ଗେ ସଙ୍ଗେ ପ୍ରତ୍ୟେକ ମଣିଷ ଭିତରେ ଦିବ୍ୟଜ୍ଞାନ ଓ ଦେବତ୍ୱ ସୃଷ୍ଟି କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏ ଯାତ୍ରା ।

*ମୋ : ୮୯୧୭୩୭୭୯୮୭*

# ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ବଳରାମ ଦାସ

ମହାପ୍ରଭୁ ଜଗନ୍ନାଥ ଏବଂ ଏହାର ସଂସ୍କୃତି ଅତୀବ ରହସ୍ୟମୟ । ଏହି ସଂସ୍କୃତିରେ ବୈଦିକ ରୀତି - ନୀତି ଠାରୁ ଆରମ୍ଭ କରି ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ରର ବିଧି - ବିଧାନାଦି ସହିତ ଅନେକ ତତ୍ୱ ଭରି ରହିଛି । ଏହା ବ୍ୟତୀତ ଏକ ମୁଖ୍ୟ୍ୱିଷୟ ଦେଖିବାକୁ ମିଳେ, ତାହା ହେଉଛି ଭକ୍ତର ଅନନ୍ୟ ଭକ୍ତି । ଯାହା ଉପରୋକ୍ତ ରୀତି - ନୀତି ଓ ବିଧି - ବିଧାନାଦି ଠାରୁ ସର୍ୱ ଶ୍ରେଷ୍ଠ । ତେଣୁ ଏହାକୁ ଭକ୍ତ ଏବଂ ଭଗବାନଙ୍କ ମିଳନର ସଂସ୍କୃତି କୁହାଯାଏ । ଯାହାର ଅନେକ ଦୃଷ୍ଟାନ୍ତ ମଧ ରହିଛି, ସେଥି ମଧ୍ୟରୁ ଗୋଟିଏ ହେଉଛି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ଏହି ଯାତ୍ରାରେ ଦାରୁବ୍ରହ୍ମ ଭକ୍ତର ଭାବନାକୁ ନେଇ ସେ, ସେହି ପ୍ରକାରେ ଦର୍ଶନ ଦେଇଥାନ୍ତି । କାରଣ ମହାବାହୁ ଭକ୍ତର ଅଧୀନ । ତେଣୁ ସେ ନିଜର ସମସ୍ତ ଭକ୍ତଙ୍କ ଲାଗି ସବୁକିଛି କରି ପାରନ୍ତି । ତାହାର ନିଛକ ଦୃଷ୍ଟାନ୍ତ ହେଲେ ପଂସଖାଙ୍କ ମଧ୍ୟରେ ଜ୍ୟେଷ୍ଠ ଭକ୍ତକବି ବଳରାମ ଦାସ । ସେ ଥିଲେ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ ତଥା ପରମ ଭକ୍ତ । ଯାହାଙ୍କ ଭକ୍ତି କେବଳ ପୂଜା-ପଦ୍ଧତିରେ ସୀମିତ ନଥିଲା, ତାହା ଥିଲା ତାଙ୍କର ଏକ ଅଧିକାରପୂର୍ଣ୍ଣ ପ୍ରେମ ଓ ସଖ୍ୟ ଭାବ । ଏହି ଭକ୍ତ ବଳରାମ ଦାସଙ୍କ ପିତା ଥିଲେ ସୋମନାଥ ମହାପାତ୍ର । ସୋମନାଥ ସେ ସମୟରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ମନ୍ତ୍ରୀରୂପେ କାର୍ଯ୍ୟ କରୁଥିଲେ । ତେଣୁ ବଳରାମ ଦାସ ରାଜକୀୟ ବୈଭବ ଏବଂ ଉଚ୍ଚ ଶିକ୍ଷାର ଅଧିକାରୀ ହୋଇ ପାରିଥିଲେ । ତଥାପି ସେ ସାଂସାରିକ ବୈଭବକୁ ତ୍ୟାଗ କରି ଶ୍ରୀଜଗନ୍ନାଥଙ୍କ ଶରଣାପନ୍ନ ହେବାକୁ ଶ୍ରେୟ ମଣିଥିଲେ । ବଳରାମ ଦାସଙ୍କ ସାଧନା ଥିଲା ଜ୍ଞାନ-ମିଶ୍ରା ଭକ୍ତି । ସେ ପ୍ରଭୁଙ୍କୁ ନିଜର ପରମ ସଖା ବା ବନ୍ଧୁ ମନେ କରୁଥିଲେ । ତାଙ୍କର ଏ ଭାବ ଏତେ ନିବିଡ଼ ଥିଲା ଯେ ସେ ପ୍ରଭୁଙ୍କ ପ୍ରେମରେ ଉନ୍ମତ ହୋଇ ବଡ଼ଦାଣ୍ଡର ଚାରିଆଡ଼େ ବୁଲୁଥିଲେ । ସେଥିପାଇଁ ସମସାମୟିକ ସମାଜ ତାଙ୍କୁ 'ମତ ବଳରାମ' ବୋଲି ଆଖ୍ୟା ଦେଇଥିଲା । ଜଗନ୍ନାଥ ସଂସ୍କୃତିରେ ଭକ୍ତ ବଳରାମ ଦାସଙ୍କୁ କେନ୍ଦ୍ର କରି ଅନେକ ଅଲୌକିକ କାହାଣୀ ପ୍ରଚଳିତ ରହିଛି । ସେଥି ମଧ୍ୟରୁ ଗୋଟିଏ ହେଉଛି ବାଲିରଥ । ଯାହା ପ୍ରମାଣିତ କରେ ଯେ, ଭଗବାନ କେବଳ ଭାବର ଗ୍ରାହକ । ତା ବ୍ୟତୀତ ସେ ଭକ୍ତର କୌଣସି ବିଧି - ବିଧାନକୁ ଗୁରୁତ୍ୱ ଦିଅନ୍ତି ନାହିଁ । ତେଣୁ କୁହାଯାଇଛି:ଭାବର ଠାକୁର ଭକ୍ତିରେ ବିଭୋର ,ଭକ୍ତ ଲାଗି ଭାବଗ୍ରାହୀ, ବିଧି ବିଧାନକୁ କିଛି ନ ଦେଖନ୍ତି , ଭକ୍ତର ଅଧୀନ ସେହି ।। ଏହି ଭାବଗ୍ରାହୀଙ୍କ ନିକଟରେ ବିଧି ବିଧାନକୁ ନେଇ ଏକ ସୁନ୍ଦର କାହାଣୀ ରହିଛି :- ପଂଚଦଶ ଶତାବ୍ଦୀର କଥା । ସେହି ଦିନଥିଲା ଆଷାଢ଼ମାସ ଶୁକ୍ଲପକ୍ଷର ଦ୍ୱିତୀୟା ତିଥି, ଯାହା ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷ ଯାତ୍ରା । ରଥାରୂଢ଼ ନିମନ୍ତେ ଠାକୁରମାନଙ୍କ ନୀତିକାନ୍ତି ଶ୍ରୀମନ୍ଦିରରେ ଚାଲିଥାଏ । ନୀତିରେ ସାମାନ୍ୟ ବିଳମ୍ବ ହେତୁ ପହଣ୍ଡି ବିଜେ କାର୍ଯ୍ୟାଦି ସମୟ ଠାରୁ କିଛି ବିଳମ୍ବ ହୋଇଯାଇଥାଏ । ଏହା ଜାଣିବା ପରେ ଭକ୍ତ ବଳରାମ ଦାସ ଚିନ୍ତା କଲେ ଯେ, ଚାରୁଲତାକୁ ଦେଖା କରିବା ପରେ ଶ୍ରୀମନ୍ଦିରକୁ ଯିବେ ବୋଲି । ଚାରୁଲତା ଥିଲେ ଜଣେ ବୃତିରେ ବାରଙ୍ଗନା । ତାଙ୍କରି ଆଳୟକୁ ଏହା ପୂର୍ବରୁ ବହୁବାର ଭକ୍ତ ବଳରାମ ଦାସ ଯାଉଥିଲେ । ସେହି ଦିନ ମଧ ଗଲେ ଏବଂ ସେଠାରେ ଆମୋଦ ପ୍ରମୋଦରେ ଲିପ୍ତରହି ରଥଯାତ୍ରା କଥା ସେ ଭୁଲିଗଲେ । ଇତି ମଧ୍ୟରେ ବଡ଼ଦାଣ୍ଡରେ



ରଥଟଣା ଆରମ୍ଭ ହୋଇଯାଇଥାଏ । ରଥ ଚକର ଘର୍ଘର ଶବ୍ଦରେ ଭକ୍ତ ଦାସଙ୍କ ତନ୍ଦ୍ରା ଭାଙ୍ଗିଗଲା । ସେ ଶ୍ରୀଜଗନ୍ନାଥଙ୍କ ମନମୋହନ ରୂପ ଓ ପବିତ୍ର ଘୋଷଯାତ୍ରାରେ ଭକ୍ତଙ୍କ ସମାଗମ କଥାକୁ ସ୍ମରଣ କରି ଉନ୍ମତହୋଇ ଉଠିଥିଲେ ଏବଂ ସୁଚି ଅଶୁଚି ବିଷୟକୁ ତିଳେ ମଧ ଚିନ୍ତା ନ କରି ବାରଙ୍ଗନା କବରିରେ ଗୁନ୍ଥା ଯାଇଥିବା ରଜନୀଗନ୍ଧାର ଫୁଲ ମାଳଟିକୁ ଛିଣ୍ଡାଇ ଆଣି ପ୍ରଭୁଙ୍କ ଦର୍ଶନ ଆଶାରେ ବଡଦାଣ୍ଡକୁ ଉଦଣ୍ଡ କୀର୍ତନକରି ପ୍ରବେଶ କଲେ । ସେ ଏପରି ଦେହି ସଙ୍ଗେ ସଙ୍ଗ ହୋଇଥିଲେ ଯେ , ନିଜ ଦେହ ଜ୍ଞାନକୁ ସମ୍ପୂର୍ଣ୍ଣ ରୂପରେ ଭୁଲି ଯାଇଥିଲେ ଏବଂ ସେହି ଅବସ୍ଥାରେ ରଥ ଉପରକୁ ଚଢ଼ି ବେଶ୍ୟାଲାଗି ହୋଇଥିବା ଫୁଲ ମାଳଟିକୁ ପ୍ରଭୁଙ୍କୁ ଅର୍ପଣ କରିବା ପାଇଁ ହାତକୁ ବଢାଇଦେଲେ । ଏ ସମୟରେ ପଣ୍ଡାମାନେ ଦେଖିଲେ ଯେ , ଭକ୍ତ ଦସଙ୍କ ମୁହଁରେ ଏବଂ ବକ୍ଷସ୍ଥଳରେ ବେଶ୍ୟା ଦେହର କଜ୍ଜ୍ୱଳ, ହଳଦୀ ଓ କସ୍ତୁରୀ ଦାଗାଦି ଲାଗି ରହିଛି । ଏହି ସେବକମାନେ ବଳରାମ ଦାସଙ୍କ ଚରିତ୍ରକୁ ପୂର୍ବରୁ ଭଲଭାବେ ଜାଣନ୍ତି । ତେଣୁ ପଣ୍ଡାମାନେ ଏତାଦୃଶ କାର୍ଯ୍ୟ ସହ୍ୟ କରି ପାରିଲେ ନାହିଁ ଏବଂ ସେମାନେ ତତ୍ କ୍ଷଣ ବଳରାମ ଦାସଙ୍କୁ ଲଜ୍ଜିତ କରିବା ସହ ଗଳା ଧକ୍କା ଦେଇ ରଥ ଉପରୁ ବାହାର କରିଦେଲେ । ସେବକ ମାନେ କହିଥିଲେ.... ' ସ୍ନାନ ସୁଚି ତୋର ନାହିଁ , ଥିଲୁ ତୁ ବେଶ୍ୟା ଘରେ ଶୋଇ , କିମ୍ପା ଚଢ଼ିଲୁ ତୁ ରଥର , ଭକତ ପଣ ପୋଡୁ ତୋର ।। ' ବଳରାମ ଦାସ ସମସ୍ତଙ୍କ ଆଗରେ ନିନ୍ଦିତ ହେଲେ , ସେ ଅପମାନର ନିଆଁରେ ଜଳିବା ସହିତ ତାଙ୍କର ବେନି ନୟନରୁ ଧାର ଧାର ଲୁହ ଝରିବାକୁ ଲାଗିଲା । ସେ ପ୍ରଭୁଙ୍କ ଆଡ଼କୁ ଚାହିଁ କହିଲେ , ହେ ପ୍ରଭୁ ! ତୁ ମୋ ପ୍ରାଣବନ୍ଧୁ ବୋଲି ଭାବି ମୁଁ ତୁମର ପାଖକୁ ଆସିଥିଲି କିନ୍ତୁ ମତେ ଦଣ୍ଡ ଦିଆଗଲା । ମୁଁ ଆଜି ତୁମକୁ ଚିହ୍ନି ଗଲି ସଖା ! ଏବେ ଏହି ବଡ଼ଦାଣ୍ଡରୁ ବାହୁଡ଼ି ଯାଉଛି । ବର୍ତମାନ ତୁମ ରଥ ଦଉଡ଼ିକୁ କିଏ ଟାଣିବ ଟାଣୁ , ଏହା କହି ବଳରାମ ଦାସ ବଡ଼ଦାଣ୍ଡରୁ ଫେରିଆସି ସମୁଦ୍ର କୂଳର ବାଙ୍କି ମୁହାଣ ନିକଟସ୍ଥ ଚକ୍ରତୀର୍ଥ ଠାରେ ବାଲିର ତିନୋଟି ରଥ ନିର୍ମାଣ କରି ଠାକୁର ମାନଙ୍କୁ ବସାଇଲେ । ସେଠାରେ ସେ ଚକ୍ଷୁ ନିମିଳିତ ମୁଦ୍ରାରେ ଧ୍ୟାନସ୍ଥ ହୋଇ ଭାବ ସମାଧିରେ ପ୍ରବେଶ କରି ଚତୁର୍ଦ୍ଧାମୂର୍ତିଙ୍କୁ ଷୋଡ଼ଶ ଉପଚାରରେ ପୂଜା ଅର୍ଚ୍ଚନା କଲେ । ଏହି ସମୟରେ ହଠାତ୍ ଶୂନ୍ୟବାଣୀ ହେଲା - ଦାସେ ! ମୋର ଉସ୍ୱ କ'ଣ ହେବ ? ମୂଳ ମୋର ଭକ୍ତ , ଅଶେଷ ସୁଖ ମୁଁ ମୋ ଭକ୍ତ କଥାମୃତରୁ ହିଁ ପାଉଛି । ତୋ ଏକନିଷ୍ଠ ଭାବ ସମାଧି ହିଁ ମୋତେ ଏଠାକୁ ଟାଣି ଆଣିଲା । ଏହା ଶୁଣି ବଳରାମ ଦାସ ନିଜ କୃତକର୍ମ ପାଇଁ ଅନୁତପ୍ତ ହୋଇ କାନ୍ଦି ଉଠି କହିଲେ , ହେ ପ୍ରଭୁ ! ମୁଁ ଯାହା କରିଛି ଓ କହିଛି ସେ ସବୁ ମୋ ଅଭିମାନର କଥା ମତେ କ୍ଷମା କରନ୍ତୁ । ସେତେ ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ନନ୍ଦିଘୋଷ , ତାଳଧ୍ୱଜ ଓ ଦେବଦଳନ ରଥ ଗୁଡ଼ିକ ଆଗକୁ ସୂତାଏ ବି ଚଳିଲେ ନଥିଲେ। ସୈନ୍ୟ-ସାମନ୍ତ ଓ ଅଶ୍ୱ-ଗଜମାନେ ମଧ ବହୁ ଶକ୍ତି ପ୍ରୟୋଗ କରି ନିସ୍ତେଜ ହେବାକୁ ଲାଗିଲେ । ରାଜା ପ୍ରତାପରୁଦ୍ରଦେବ ସମସ୍ତ ଦୃଶ୍ୟ ଦେଖି ଧ୍ୟାନ ମୁଦ୍ରାରେ ପ୍ରଭୁଙ୍କୁ ସ୍ମରଣ କଲେ । ହେ ଜଗତର ନାଥ ମହାପ୍ରଭୁ ଜଗନ୍ନାଥ ! ସଦୟ ହୁଅନ୍ତୁ । ସେତିକି ବେଳେ ନୀଳାଧୀଶ ରାଜାଙ୍କୁ କହିଲେ ହେ ରାଜନ୍ ! ବଳରାମ ଦାସ ମୋର ପରମ ଭକ୍ତ । ସେ ଯେଉଁ ଅବସ୍ଥାରେ ଥିଲେବି ମୁଁ ତାକୁ ଭଲପାଏ । ମୋର ପରମ ଭକ୍ତକୁ ପଣ୍ଡା ସେବକମାନେ ବହୁ କଷ୍ଟ ଓ ଅପମାନିତ କରିଛନ୍ତି । ତେଣୁ ସେ ମତେ ଚକ୍ରତୀର୍ଥ ଠାରେ ବାଲିରଥ କରି ଅଟକାଇ ରଖିଛି । ଏବେ ଆମ୍ଭେ ଭାଇ ଭଉଣୀ ତାର ଭାବ ସମାଧିରେ ବନ୍ଧା ପଡିଛୁ । ଏହା ଶୁଣିବା ପରେ ରାଜା କାଳ ବିଳମ୍ବ ନ କରି ଅତ୍ୟନ୍ତ ସସମ୍ମାନରେ ଭକ୍ତ ବଳରାମ ଦାସଙ୍କୁ ପାଲିଙ୍କିରେ ପାଛୋଟି ଆଣି ବଡଦାଣ୍ଡର ରଥ ଉପରେ ବସାଇଲେ । ସମସ୍ତଙ୍କ ବିନୟ ପ୍ରାର୍ଥନା ଶୁଣି ଭକ୍ତ ବଳରାମ ଦାସ ପ୍ରସନ୍ନ ମୁଖରେ ଆଦେଶ ଦିଅନ୍ତେ , ତିନିରଥ ଘର୍ଘର ନାଦକରି ବଡ଼ଦାଣ୍ଡରେ ଗଡିବାକୁ ଲାଗିଲା । ଶେଷରେ ଭକ୍ତ ଦାସଙ୍କର ହିଁ ବିଜୟ ହେଲା । ଶ୍ରୀଜଗନ୍ନାଥ ଏବଂ ଭକ୍ତ ବଳରାମ ଦାସଙ୍କ ସମ୍ପର୍କ କେବଳ ଉପାସନା ଓ ଆରାଧନାର ସମ୍ପର୍କ ନୁହେଁ; ଏହା ହେଉଛି ଆତ୍ମାର ସହ ପରମାତ୍ମାର ସମ୍ପର୍କ । ବଳରାମ ଦାସ ତାଙ୍କ ଜୀବନ ଓ ସାହିତ୍ୟ ମାଧ୍ୟମରେ ପ୍ରମାଣିତ କରିଯାଇଛନ୍ତି ଯେ, ଜଗନ୍ନାଥ ହେଉଛନ୍ତି ଭାବର ଠାକୁର । ଯେଉଁଠି ନିଷ୍କପଟ ପ୍ରେମ ଓ ଆକୁଳତା ଥାଏ, ସେଠାରେ ଭଗବାନ ନିଜର ଆସନ ଛାଡ଼ି ଭକ୍ତ ପାଖକୁ ଧାଇଁ ଆସନ୍ତି । ଓଡ଼ିଆ ଜାତି ଓ ଜଗନ୍ନାଥ ସଂସ୍କୃତିର ଇତିହାସରେ ଭକ୍ତ ବଳରାମ ଦାସଙ୍କ ନାମ ସଦାସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

◆ ହେମନ୍ତ କୁମାର ଗନ୍ତାୟତ
*ବରିଷ୍ଠ ଦର୍ଶନ ଅଧ୍ୟାପକ,ଆସିକା, ଗଞ୍ଜାମ. ମୋ-୯୮୬୧୩୩୪୮୬୮*





# ଫାସଡ଼ରେ ସାଂସ୍କୃତିକ ସଭା : ଜଗନ୍ନାଥଙ୍କ ଯାତ୍ରା ଆମ ଭିତରେ ଏକତା ସୃଷ୍ଟି କରୁ - ନରସିଂହ

ବଲାଙ୍ଗିର : (ହି.ସ.)- ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଫାସଡ ଠାରେ ରଥଯାତ୍ରା ସମ୍ବନ୍ଧୀୟ ଏକ ସାଂସ୍କୃତିକ - ସାମାଜିକ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି । ଏଠାରେ ସୂଚନାଯୋଗ ଯେ, ଗତ ୫ ବର୍ଷ ହେଲା ସକମା ଠାରେ ରଥଯାତ୍ରାର ଆୟୋଜନ ହୋଇଥାଏ । ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ରଥ ଦ୍ୱିତୀୟାର ଦୁଇ ଦିନ ପରେ ସକମା ଠାରେ ରଥାରୂଢ଼ ହୋଇ ଫାସଡ ଗ୍ରାମରେ ଥିବା ମାଉସୀ ମା ମନ୍ଦିରକୁ ବିଜେ କରିଥାନ୍ତି । ପରମ୍ପରା ମୁତାବକ ଫାସଡ ଠାରେ ଖଲିଆପାଲି, ସକମା ଓ ମନହୀରା ପଂଚାୟତର ହଜାର ହଜାର ସଂଖ୍ୟାରେ ପୁରୁଷ ମହିଳା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଫାସଡ ଠାରେ ସ୍ୱାଗତ କରିଥାନ୍ତି । ଏଠାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଏ ଅଂଚଳର ସାଂସ୍କୃତି, ସାମାଜିକ ଓ ଦୈନନ୍ଦିନ ଜୀବନରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥାଏ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀ ମିଶ୍ର ଯୋଗଦେଇ ଏହି ଯାତ୍ରାରେ ସାମିଲ ହୋଇଥିବା ତିନି ଖଣ୍ଡ ପଂଚାୟତର ଆବାଳ, ବୃଦ୍ଧ ବନୀତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ ଏବଂ ଏହା ସହ ଉପସ୍ଥିତ ଲୋକଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ ଆଲୋଚନା କରିଥିଲେ । ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ, ଏହି ମହାନ ଯାତ୍ରା ହେଉଛି ସମତା ଓ ଏକତାର ପ୍ରତୀକ । ଚତୁର୍ଦ୍ଧାମୂର୍ତ୍ତିଙ୍କ ଯାତ୍ରାରେ କେବଳ ଏଠି ନୁହେଁ ସାରା ବିଶ୍ୱରେ ପ୍ରତ୍ୟେକ ଜାତି, ଧର୍ମ, ବର୍ଣ୍ଣର ଲୋକେ ସାମିଲ ହୋଇ ଏକତାର ବାର୍ତ୍ତା ଦେଇଛନ୍ତି । ଏପରି ଏକତା ପ୍ରତ୍ୟେକ କ୍ଷେତ୍ରରେ ଜାରି ରହିଲେ ଅଂଚଳର ବିକାଶକୁ କେହି ରୋକିପାରିବେ ନାହିଁ ବୋଲି ଶ୍ରୀ ମିଶ୍ର କହିଥିଲେ । ସକମା ପଂଚାୟତର ସରପଂଚ ଉଗ୍ରେସନ ବରାଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଥିବା ଏହି ଯାତ୍ରା ତଥା ସାଂସ୍କୃତିକ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରୀୟବ୍ରତ ପଣ୍ଡା, ପ୍ରେମାନନ୍ଦ ବେହେରା, ବେଣୁଧର ନାଏକ, ବୁଡୁ ପ୍ରଧାନ, ହାଡୁ ସ୍ୱାଇଁ, ବିନୋଦ ବରାଡ, ପଦ୍ମନ ବରାଡ, ପର୍ଶୁରାମ ନାଏକ, ଧନୁ ସିଂହ, ଶୁଶିଲ ମହାକୁର, ସମିତି ସଭ୍ୟ ସଂଜିବ ପ୍ରଧାନ ପ୍ରମୁଖ ମଂଚାସିନ ଥିଲେ

# ବାଲିଗୁଡ଼ା ବରିଷ୍ଠ ନାଗରିକ ସଂଘର ନୂତନ ଗୃହ ପ୍ରବେଶ ଉତ୍ସବ

କନ୍ଧମାଳ : (ହି.ସ.) – କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ବରିଷ୍ଠ ନାଗରିକ ସଂଘର ନୂତନ ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବାଲିଗୁଡ଼ା ଉପ ଜିଲ୍ଲାପାଳ ପ୍ରଣୀତା ଦାସ, ସମ୍ମାନୀତ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ସଭାପତି ତଥା ବରିଷ୍ଠ ପୁରୋହିତ ଚିନ୍ତାମଣି ମିଶ୍ର, ସମ୍ପାଦକ ମନ୍ମଥ କୁମାର ରାଉଳ, ଉପଦେଷ୍ଟା ଡ଼ଃ ମଧୁସୂଦନ ମହାପାତ୍ର ପ୍ରମୁଖ ମଂଚାସୀନ ଥିଲେ । ସର୍ବପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଆମନ୍ତ୍ରିତ ଅତିଥିଗଣ, ଜିଲ୍ଲା ସମ୍ପାଦକ ମନ୍ମଥ କୁମାର ରାଉଳ ସଂଘର ବିବରଣୀ ପଠନ କରିଥିଲେ । ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥିଗଣ ନିଜ ବକ୍ତବ୍ୟରେ ବରିଷ୍ଠ ନାଗରିକ ନିଜକୁ ବୟସର ଅପରାହ୍ନ ନଭାବି ଶିକ୍ଷା, ସ୍ୱାସ୍ଥ୍ୟ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ଆଦି ଜନ ସଚେତନତା ଭଳି ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଆଗକ୍ଷମୀ ପିଢ଼ିକୁ ଦିଗ୍‌ଦର୍ଶନ ଦେବାକୁ କହିଥିଲେ । ପ୍ରସାଶନ ସବୁବେଳେ ସବୁ ସମୟରେ ବରିଷ୍ଠ ନାଗରିକଙ୍କୁ ସାହଯ୍ୟ ଓ ସହଯୋଗର ହାତ ବଢ଼େଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ସଂଘର ଆବାହକ ତଥା ବରିଷ୍ଠ ସାମ୍ବାଦିକ ପ୍ରକାଶ ନାୟକ ଆମନ୍ତ୍ରିତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ଅଂଚଳର ବହୁ ବରିଷ୍ଠ ନାଗରିକ ବୁଦ୍ଧିଜିବୀ ସାମ୍ବାଦିକ ଯୋଗ ଦେଇଥିଲେ ।

# ସୋନପୁର ବଡ଼ବଜାର ଗୁଣ୍ଡିଚା ମନ୍ଦିର ଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବରାହ ଓ ନୃସିଂହ ବେଶ

ସୁବର୍ଣ୍ଣପୁର : (ହି.ସ.)- ସୋନପୁର ବଡ଼ବଜାର ଗୁଣ୍ଡିଚା ମନ୍ଦିର ଠାରେ ଚତୁର୍ଦ୍ଧାମୂର୍ତି ଭକ୍ତଙ୍କୁ ଗତକାଲି ବରାହ ଓ ନୃସିଂହ ବେଶରେ ଦର୍ଶନ ଦେଇଛନ୍ତି । କଥାରେ ଅଛି ଆଡପ ମଣ୍ଡପରେ ପ୍ରଭୁଙ୍କୁ ଦର୍ଶନ ମହାପୁଣ୍ୟ ଓ ଫଳ ପ୍ରାପ୍ତି ଅଟେ ୧ ପୌରାଣିକ କଥାନୁସାରେ, ହିରଣ୍ୟାକ୍ଷ ନାମକ ଅସୁର ପୃଥିବୀକୁ ସମୁଦ୍ର ଗର୍ଭକୁ ନେଇଯିବା ପରେ ଭଗବାନ ବିଷ୍ଣୁ ବରାହ ଅବତାର ଧାରଣ କରି ପୃଥିବୀକୁ ଉଦ୍ଧାର କରିଥିଲେ । ଏହି ଅବତାର ସୃଷ୍ଟିରକ୍ଷା ଓ ଧର୍ମ ପ୍ରତିଷ୍ଠାର ପ୍ରତୀକ । ସେହିପରି ହିରଣ୍ୟକଶିପୁଙ୍କ ଅତ୍ୟାଚାରରୁ ଭକ୍ତ ପ୍ରହ୍ଲାଦଙ୍କୁ ରକ୍ଷା କରିବା ପାଇଁ ପ୍ରଭୁ ନୃସିଂହ ଅବତାର ଧାରଣ କରି ଅଧର୍ମର ବିନାଶ ଏବଂ ଭକ୍ତିର ବିଜୟର ବାର୍ତ୍ତା ପ୍ରଦାନ କରିଥିଲେ । ଆଡ଼ପ ମଣ୍ଡପରେ ଏହି ଦୁଇ ଅବତାର ଦର୍ଶନ ଭକ୍ତିମାନଙ୍କୁ ଧର୍ମ, ସତ୍ୟ ଓ ଭକ୍ତିର ପଥରେ ଅଗ୍ରସର ହେବାକୁ ପ୍ରେରଣା ଦେଉଛି । ମାନ୍ୟତା ରହିଛି ଯେ, ଜନ୍ମବେଦୀରେ ପ୍ରଭୁଙ୍କ ଦର୍ଶନ ସହ ବ୍ରାହ୍ମଣଙ୍କୁ ପ୍ରସାଦ ସେବନ କରାଇଲେ ପୁଣ୍ୟଫଳ ଲାଭ ହୋଇଥାଏ । ଏହି ଅବସରରେ ବଡ଼ବଜାର 'ଗୁଣ୍ଡିଚା ରଥଯାତ୍ରା ସାଂସ୍କୃତିକ କମିଟି' ପକ୍ଷରୁ ଗୁଣ୍ଡିଚା ମନ୍ଦିର ଠାରେ ସନ୍ଧ୍ୟା ସମୟରୁ ରାତି ପର୍ଯ୍ୟନ୍ତ ପ୍ରତ୍ୟହ ସୁନ୍ଦର ଓ ଆକର୍ଷଣୀୟ ଭଜନ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନ ସହିତ ଭଜନ କାର୍ଯ୍ୟକ୍ରମର ମଜା ନେଇଥିଲେ । ଗତକାଲିର ସାଂସ୍କୃତିକ କାର୍ଯ୍ୟକ୍ରମ ସୋନପୁରର ପଦ୍ମମାଧବ ଭଜନ ସନ୍ଧ୍ୟା ପକ୍ଷରୁ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅତିଥି ରୂପେ ଉପ ଜିଲ୍ଲାପାଳ ତଥା ଦେବୋତର ଅଧିକାରୀ ଡ. ସୌମ୍ୟାରୂପା ରଥ ଯୋଗ ଦେଇ ଶୁଭ ଉଦ୍ଘାଟନ କରିଥିଲେ । ସେହିପରି ବୃନ୍ଦାବନ ମନ୍ଦିରରେ ମଧ ପ୍ରଭୁ ଜଗନ୍ନାଥ ବରାହ ଅବତାରରେ ଭକ୍ତିମାନଙ୍କୁ ଦର୍ଶନ ଦେଉଥିବା ବେଳେ ବଡ଼ଠାକୁର ପ୍ରଭୁ ଦଧିବାମନ ମଝିପଡା ଠାରେ ବରାହ ଓ ନୃସିଂହ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଓ ଥନାପଡି ପଡାରେ ମଧ ଶ୍ରଦ୍ଧାଳୁ ପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ ଲୀଳା ଦର୍ଶନ ଲାଭ କରୁଛନ୍ତି । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଥିଲା ।

# ଘୋଷରଡା ଗ୍ରାମରେ ସିଡ୍ୱାର ତୃତୀୟ ପର୍ଯ୍ୟାୟ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜୟପୁର : (ହି.ସ.)- ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ଲକ୍ଷ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଡ୍ୱା ପକ୍ଷରୁ ଚାଲିଥିବା ବୃକ୍ଷରୋପଣ ଅଭିଯାନର ତୃତୀୟ ପର୍ଯ୍ୟାୟ ଘୋଷରଡା ଗ୍ରାମରେ ସଫଳତାର ସହ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜାମୁ, ବୋର, ନିମ୍ବ, ସୀତାଫଳ, ଚାକୁଣ୍ଡା, କୃଷ୍ଣଚୂଡ଼ା, ବିଷ୍ଣୁଚୁଡ଼ା, ପଣସ, ଅଁଳା ଓ ବାହାଡ଼ା ମୋଟ ୧୨୦ଟି ଚାରା ରୋପଣ କରାଯାଇଥିଲା । ସିଡ୍ୱାର ସମ୍ପାଦକ ପ୍ରତାପ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ ଶେଖର, ଆନନ୍ଦ ମୁନ୍ଦ୍ରା, କେ. ମୋହନ ରାଓ, ରମେଶ ପଟ୍ଟନାୟକ ଓ ପ୍ରଦୀପ୍ତ ସାହୁ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଜୟପୁର ସିଟି ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ ଏ. ସୁଜାତା ଏବଂ ଜି. କାବ୍ୟାଞ୍ଜଳି ମଧ ଉତ୍ସାହର ସହ ବୃକ୍ଷରୋପଣରେ ସାମିଲ୍ ହୋଇଥିଲେ । କାର୍ଯ୍ୟକ୍ରମରେ ବୃକ୍ଷରୋପଣ ସହ ରୋପଣ କରାଯାଇଥିବା ଚାରାଗୁଡ଼ିକର ଯତ୍ନ ନେବା ଏବଂ ପରିବେଶ ସୁରକ୍ଷା ପାଇଁ ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ କରାଯାଇଥିଲା ।

# ଖରିଫ ଚାଷ ପାଇଁ ଜଳ ସଂରକ୍ଷଣକୁ ପ୍ରାଥମିକତା: ଓଏଚପିସିକୁ ଜଳ ଯୋଗାଣ ବନ୍ଦ

ମାଲକାନଗିରି : (ହି.ସ.)- ବାଲିମେଳା ଜଳଭଣ୍ଡାରରେ ଜଳସ୍ତର ଆଶଙ୍କାଜନକ ଭାବେ ହ୍ରାସ ପାଇଥିବାରୁ ଖରିଫ ଚାଷ ପାଇଁ ଜଳ ସଂରକ୍ଷଣକୁ ଦୃଷ୍ଟିରେ ରଖି ଓଡ଼ିଶା ଜଳସମ୍ପଦ ବିଭାଗ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍ (ଓଏଚପିସି)କୁ ଜଳ ଯୋଗାଣ ବନ୍ଦ କରିଛି । ଏହା ଫଳରେ ଶନିବାର ରାତିଠାରୁ ବାଲିମେଳା ଜଳବିଦ୍ୟୁତ କେନ୍ଦ୍ରରେ ବିଦ୍ୟୁତ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ରହିବ । ପୋଟେରୁ ସେଚ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସୂଚନା ଅନୁସାରେ, ବାଲିମେଳା ଜଳାଶୟର ଜଳସ୍ତର ବର୍ତ୍ତମାନ ୧,୪୫୫.୬୦ ଫୁଟ୍ରେ ପହଂଚିଛି, ଯେଉଁଥିରେ ପୂର୍ଣ୍ଣ ଜଳାଶୟ ସ୍ତର ୧,୫୧୬ ଫୁଟ୍ ରହିଛି । ଲାଇଭ୍ ଷ୍ଟୋରେଜ୍ ୧୩.୧୩ ପ୍ରତିଶତକୁ ଖସିଥିବାବେଳେ ଗତବର୍ଷ ଏହି ସମୟରେ ଏହା ୧୯.୯୪ ପ୍ରତିଶତ ଥିଲା । ଚଳିତ ବର୍ଷ ଜଳାଶୟ କ୍ୟାଚମେଂଟ ଅଂଚଳରେ ମାତ୍ର ୫୧୯ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଗତବର୍ଷ ଏହି ସମୟରେ ୭୭୮ ମିଲିମିଟର ବର୍ଷା ହୋଇଥିବାରୁ ଏବେ ୨୫୯ ମିଲିମିଟର ବର୍ଷା କମ ହୋଇଛି । ଏଲ୍-ନିନୋ ପ୍ରଭାବ ଓ ଦୁର୍ବଳ ମୌସୁମୀ ବର୍ଷା ଏହାର ପ୍ରମୁଖ କାରଣ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଜଳସମ୍ପଦ ବିଭାଗର ନିଷ୍ପତି କ୍ରମେ ଖରିଫ ଚାଷ ପାଇଁ ଜଳ ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଇଛି । ସେଥିପାଇଁ ଓଏଚପିସିକୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ବେଳେ ଏପିଜେନକୋକୁ ମଧ ଜଳ ଯୋଗାଣ ସୀମିତ କରାଯାଇଛି । ଓଏଚପିସିର ସୁପରିଟେଣ୍ଡିଂ ଇଞ୍ଜିନିୟର ଦୁର୍ଗା ପ୍ରସାଦ ପଟ୍ଟନାୟକ କହିଛନ୍ତି, ଜଳାଶୟର ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନ ବନ୍ଦ ରହିବ । ଅନ୍ୟପକ୍ଷରେ ବାଲିମେଳା ଜଳାଶୟର ଜଳସ୍ତର ସ୍ଥିର ରଖିବା ପାଇଁ ଜଳାପୁଟ ଜଳାଶୟରୁ ଅଧିକ ଜଳ ଛାଡ଼ିବାକୁ ଏପିଜେନକୋକୁ ଅନୁରୋଧ କରାଯାଇଛି । ବର୍ତ୍ତମାନ ୬୦୦ କ୍ୟୁସେକ୍ ଜଳ ଛଡ଼ାଯାଉଥିବା ବେଳେ ଏହାକୁ ୨,୦୦୦ କ୍ୟୁସେକ୍ ପର୍ଯ୍ୟନ୍ତ ବଢ଼ାଇବାର ଯୋଜନା ରହିଛି । ଜଳାଶୟର ଜଳସ୍ତର ସନ୍ତୋଷଜନକ ସ୍ଥିତିକୁ ଫେରିଲେ ପୁନର୍ବାର ଓଏଚପିସିରେ ଜଳବିଦ୍ୟୁତ ଉତ୍ପାଦନ ଆରମ୍ଭ ହେବ ବୋଲି ବିଭାଗ ସୂଚନା ଦେଇଛି ।

# ନିଟ୍ ପରୀକ୍ଷାରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅନ୍ୱେଷାଙ୍କ ସଫଳତା

କନ୍ଧମାଳ : (ହି.ସ.)- ଫୁଲବାଣୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅନ୍ୱେଷା ମହାପାତ୍ର ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ପିତା ପ୍ରଶାନ୍ତ ମହାପାତ୍ର ଓ ଜ୍ୟୋତ୍ସ୍ନା ରଥଙ୍କ ଝିଅ ଅନ୍ୱେଷା ଓ ଫୁଲବାଣୀ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଫିସରେ କାର୍ଯ୍ୟରତ ହର ପ୍ରସାଦ ମହାପାତ୍ରଙ୍କ ଝିଆରୀ ମଧ ଅଟନ୍ତି ସେ କ୍ଷ ପୂର୍ବରୁ ହୋଇଥିବା ନିଟ୍ ପରୀକ୍ଷାରେ ସେ ୯ ଶହ ନମ୍ବର ରଖିଥିବା ବେଳେ ନିଟ୍ ପରୀକ୍ଷାରେ ଏଥର ୬୦୪ ନମ୍ବର ରଖିଛନ୍ତି ଅନ୍ୱେଷା । ତେବେ କିଛି ଅସାଧୁ କର୍ମଚାରୀଙ୍କ ଯୋଗୁଁ ଦ୍ୱିତୀୟ ଥର ନିଟ୍ ପରୀକ୍ଷା ଯୋଗୁଁ ଛାତ୍ର ଛାତ୍ରୀ ଓ ପରିବାର କିଭଳି ମାନସିକ ଦୁଶ୍ଚିନ୍ତାରେ ଅଛନ୍ତି ତାହା ଅନ୍ୱେଷାଙ୍କର ନିଟ୍ ପରୀକ୍ଷାରୁ ସ୍ପଷ୍ଟ ଜଣାପଡୁଛି କ୍ଷ ତେବେ ସଫଳତାର ଶ୍ରେୟ ସେ ପିତାମାତା, ସମ୍ପର୍କୀୟ, ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଦେଇଛନ୍ତି । ଭବିଷ୍ୟତରେ ସେ ଜଣେ ଭଲ ଡାକ୍ତର ହୋଇ ରୋଗୀ ସେବାକୁ ବୃତି ନୁହେଁ ସେବା କାର୍ଯ୍ୟ ଭାବରେ ଗ୍ରହଣ କରିବା ନେଇ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି । ଅନ୍ୱେଷା ସଫଳତା ପାଇବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# କୋଶୋଳି ବର୍ଣ୍ଣବୋଧ ପାଣ୍ଡୁଲିପିର ଉନ୍ମୋଚନ

ସୁବର୍ଣ୍ଣପୁର : (ହି.ସ.) – ସୁବର୍ଣ୍ଣପୁର ମହାନଦୀ ଯୋଗ ବିହାର ସ୍ଥିତ ଶ୍ରୀ ଗୋପାଳଜୀ ତମଶ୍ୱା ଯୋଗାଳୟର ସାଧନା କକ୍ଷରେ ଯୋଗାଳୟର ବରିଷ୍ଠ ସଦସ୍ୟ ତଥା ଜଣେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ଯୋଗୀନ୍ଦ୍ର ପ୍ରସାଦ ପଣ୍ଡାଙ୍କର ପଂଚମ ସାରସ୍ୱତ ସୃଷ୍ଟି- 'କୋସଲି ବରନବୋଧ' ପାଣ୍ଡୁଲିପିର ଏକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଡ଼କ୍ଟର ସନ୍ତୋଷ କୁମାର ପାଢ଼ୀ, ସମ୍ମାନୀତ ଅତିଥି ଭାବରେ କବି ଆର୍ତତ୍ରାଣ ବାବୁ, କବି ଯୁଧିଷ୍ଠିର ଖମାରୀ, ଡ଼ ଦେବାଶିଷ ପାଣ୍ଡିଆ ଯୋଗଦେଇ ଲେଖକ ଶ୍ରୀ ପଣ୍ଡାଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ କୋସଲି ବରନବୋଧ ସମଗ୍ର କୋସଲାଂଚଳ ପାଇଁ ଏକ ଅମୂଲ୍ୟ ବସ୍ତାବିତ୍ ହେବା ସହ ଶିକ୍ଷାକ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଉପାଦେୟ ଗ୍ରନ୍ଥ ହେବ ବୋଲି ମତପ୍ରକାଶ କରିଥିଲେ । ଲେଖକ ଶ୍ରୀ ପଣ୍ଡା ପୁସ୍ତକ ରଚନାର ଆବଶ୍ୟକତା ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ପୁସ୍ତକରେ କୌଣସି ତ୍ରୁଟି ବିଚ୍ୟୁତିକୁ ଦର୍ଶାଇ ସଂଶୋଧନ ପୂର୍ବକ ନିର୍ଭୁଲ ତଥା ପରିମାର୍ଜିତ ପୁସ୍ତକ ବାହାର କରିବା ପାଇଁ ସାହାଯ୍ୟ, ପରାମର୍ଶ, ଉପଦେଶ ଯୋଗାଇ ଦେବାକୁ ଦେବାକୁ ଅତିଥି ମାନଙ୍କୁ ଅନୁରୋଧ ଜଣାଇଥିଲେ । ପାଣ୍ଡୁଲିପିକୁ ସମୀକ୍ଷା କରିଥିଲେ ଐତିହାସିକ ସୁଦାମ ନାଏକ । ଶିକ୍ଷାବିତ୍ ପ୍ରଦୀପ ପୁରୋହିତ ସଭାକୁ ସଂଯୋଜନା କରିଥିବା ବେଳେ, ଧନ୍ୟବାଦ ପ୍ରଦାନ କରିଥିଲେ କବି ଅଖୋଜ କୁମାର ଷାଣ୍ଢ । ଏହି ସାରସ୍ୱତ ସଭାରେ ଯୋଗାଳୟ ର ସମସ୍ତ ଯୋଗୀ ମାନଙ୍କ ସହିତ, ସହରର ଅନେକ ବୁଦ୍ଧିଜୀବୀ ଅଂଶଗ୍ରହଣ କରି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଆର୍‌ସିବିଏଲ୍ ହାଇସ୍କୁଲ୍‌ରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ

ଭଦ୍ରକ : (ହି.ସ.) - ଭଦ୍ରକ ବ୍ଲକ୍ ଚରମ୍ପା ସ୍ଥିତ ଆର୍ ସି ବି ଏଲ ହାଇ ସ୍କୁଲରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ ପାଇଁ ସମସ୍ତ ଅଭିଭାବକମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା । ଉକ୍ତ ବୈଠକରେ ତିନିଶହରୁ ଉର୍ଦ୍ଧ୍ୱ ଅଭିଭାବକ, ଅଭିଭାବିକା ଉପସ୍ଥିତ ହୋଇ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରିଥିଲେ । ରାଜ୍ୟ ସରକାରଙ୍କ ନୂତନ ଗାଇଡ ଲାଇନ ଅନୁସାରେ ଊଣେଇଶି ଜଣ ସଭ୍ୟ, ସଭ୍ୟା , ଅଭିଭାବକ, ଅଭିଭାବିକା ମାନଙ୍କ ଦ୍ୱାରା ନିର୍ବାଚିତ ହେଲେ । ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଗୀତାଞ୍ଜଳୀ ନାୟକ, ବରିଷ୍ଠ ଶିକ୍ଷୟତ୍ରୀ ଜିନତ୍ ସୁଲତାନା, ଆଲୁମିନି ସଭାପତି ସଂଗ୍ରାମ କେଶରୀ ଦାସ, କାଉନସିଲର ଦିଲୀପ ନାୟକ, ଅଲୁମିନି ସଦସ୍ୟ ମଦନ ମୋହନ ମହାନ୍ତି, ମେଘମାଳା ପଣ୍ଡା, ଆଶା କର୍ମୀ ରଞ୍ଜୁକ୍ତା ଜେନା ଙ୍କ ନେତୃତ୍ୱରେ ଊଣେଇଶି ଜଣ ସଭ୍ୟ/ ସଭ୍ୟା ନିର୍ବାଚିତ ହୋଇ ଜୟଯୁକ୍ତ ହୋଇଥିଲେ । ସମସ୍ତଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷୟତ୍ରୀ ସଭାପତି ଭାବରେ ବିଶାଖାରାଣୀ ରାଉତ୍ ଓ ଉପ ସଭାପତି ଭାବରେ ରଞ୍ଜିତା ରାଉଳ ଫୁଲମାଳ ପିନ୍ଧାଇ ସମ୍ମାନୀତ କରିଥିଲେ । ସଭାପତି ବିଶାଖାରାଣୀ ରାଉତ୍ ବିଦ୍ୟାଳୟ ପରିଚାଳନା କମିଟି ର ସମସ୍ତଙ୍କ ମତ ନେଇ ବିଦ୍ୟାଳୟର ସମସ୍ତ କାର୍ଯ୍ୟ ସୁଚାରୁ ରୁପେ ତୁଲାଇବେ ବୋଲି ଶପଥ କରିଥିଲେ ।

# ଜିଲ୍ଲା ଲେଖକ ପରିଷଦ ପକ୍ଷରୁ ଭାବର ଭୂଇଁ ଗନ୍ଧମାର୍ଦ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗୀର : (ହି.ସ.) – ଗନ୍ଧମାର୍ଦ୍ଦନ ଜୈବ ବିବିଧତାର ସୁରକ୍ଷା ସମୟର ଆହ୍ୱାନ । ଜନଜୀବନ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଏହି ପର୍ବତମାଳାରୁ ବାହାରି ଥିବା ଶତାଧିକ ଝରଣା ତଥା ଜଳ ଜମି ଜଙ୍ଗଲର ସୁରକ୍ଷା ପାଇଁ ସାମଗ୍ରୀକ ଏକତା ଆବଶ୍ୟକ । ଶିଳ୍ପ ବିକାଶ ଆଳରେ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ସାଂସ୍କୃତିକ ତଥା ଐତିହାସିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ଅଂଚଳରେ ଖଣି ଖନନର ମସୁଧା ଦୁର୍ଭାଗ୍ୟଜନକ ବୋଲି ମତ ପ୍ରକାଶ ପାଇଛି । ଜିଲ୍ଲା ଲେଖକ ପରିଷଦ ବଲାଙ୍ଗିର ଆନୁକୂଲ୍ୟରେ ହରିଶଙ୍କର ପର୍ଯ୍ୟଟନସ୍ଥଳୀ ଠାରେ 'ଭାବର୍ ଭୂଇଁ ଗନ୍ଧମାର୍ଦ୍ଦନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପରିଷଦ ସଭାପତି ଜୟକୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ସମ୍ପାଦକ ତଥା କୋଶଳୀ କବି ସୁଶାନ୍ତ କୁମାର ବାଗ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଉପସଭାପତି ବରିଷ୍ଠ ଅଧିବକ୍ତା ଆଶିଷ ଚନ୍ଦନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଆଲୋଚକ ଭାବେ ଆଦିବାସୀ ସଂସ୍କୃତି ଗବେଷକ ଅଜିତ କୁମାର ଭୋଇ, ଗୋରଖନାଥ ସାହୁ, ଡଃ. ଗୋବର୍ଦ୍ଧନ ନାଏକ, କୋଶଲବାଦୀ ନେତା ସୁଶିଲ ଗୁରୁ ଉପସ୍ଥିତ ଥିବା ବେଳେ ସାମାଜିକ କାର୍ଯ୍ୟକର୍ତା ମୃତ୍ୟୁଞ୍ଜୟ କୁମାର ସଭା ସଂଯୋଜନା କରିଥିଲେ । କବି ହେମନ୍ତ ଦଳପତି ପ୍ରତିରୋଧ କାହିଁକି ଆବଶ୍ୟକ ସେ ବିଷୟରେ କହିଥିଲେ । କବି ଭିକାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ସଂଯୁକ୍ତା ପରିଚ୍ଛାଙ୍କ ଅଧକ୍ଷତାରେ କବିତା ଆସର ଅନୁଷ୍ଠିତ ହୋଇଥିଲା । କବି ଅର୍ଜୁନ କୁମାର ସାହୁ, ସଂଯୁକ୍ତା ଚନ୍ଦନ ଓ ରନ୍ମୟ ତ୍ରିପାଠୀ ସଂଯୋଜନା ଦାୟିତ୍ୱରେ ରହିଥିଲେ । ସୁବର୍ଣ୍ଣା ନାରୀ ଜାଗରଣ ମଂଚ ସୋନପୁରର ଆବାହିକା ମୀନା ମହାରଣା ଧନ୍ୟବାଦ ଦେଇଥିଲେ । ଧରମ ସିଂ ଧରୁଆ, ଗୁପ୍ତେଶ୍ୱର କୁଅଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଂଚଳର ଅନେକ କବି ସ୍ୱରଚିତ କବିତାମାନ ପାଠ କରିଥିଲେ ।

# ମେଧାବୀ+୨ ଓ +୩ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି : (ହି.ସ.) – ଘଡ଼ାଇ ଶିକ୍ଷା ସଂସ୍ଥାନ ଠାରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଜ୍ଞାନ ମହାବିଦ୍ୟାଳୟର କୃତି ଛାତ୍ର ଛାତ୍ରୀଙ୍କୁସମ୍ବର୍ଦ୍ଧିତ କରାଯାଇଛି । କଲେଜ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡଃ ରଞ୍ଜନ କୁମାର ସ୍ୱାଇଁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଲକାନଗିରିର ସଭାପତି ରବୀନ୍ଦ୍ର କୁମାର ମହାରଣା ମୁଖ୍ୟବକ୍ତା, ଡିଡି ଓଡ଼ିଆର ସାମ୍ବାଦିକ ଗୋପାଳ ବିଶ୍ୱାଳ, ଆୟୁର୍ବେଦିକ୍ ଡାକ୍ତର ଦେବବ୍ରତ ସାହୁ, ମାଲକାନଗିରି ବେଙ୍ଗଲୀ ସମାଜର ସଭାପତି ଗୌରାଙ୍ଗ କର୍ମକାର ଓ ଘଡ଼ାଇ ଆବାସିକ ମହାବିଦ୍ୟାଳର ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧକ୍ଷ ସତ୍ୟବ୍ରତ ସାମଲ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ଘଡ଼ାଇ ଶିକ୍ଷା ସଂସ୍ଥାନର ପରିଚାଳନା ନିର୍ଦ୍ଦେଶକ ଡଃ ସୁରେଶ ଚନ୍ଦ୍ର ଘଡ଼ାଇ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯୁକ୍ତ ତିନି ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ସୁଧାକର ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଯୁକ୍ତ ତିନି ବିଜ୍ଞାନ କଲେଜର ପରିକ୍ଷାର୍ଥୀମାନଙ୍କର ପାସ୍‌ହାର ଓ ମେଧାବୀ ଛାତ୍ର ଛାତ୍ରୀମାନଙ୍କ ଶତକଡ଼ା ମାର୍କହାର ଉପସ୍ଥାପନ କରିଥିଲେ । ମଂଚାସୀନ ଅତିଥିମାନେ ବିଶ୍ୱବିଦ୍ୟାଳୟ ସ୍ତରରେ ଯୁକ୍ତ ତିନି ବିଜ୍ଞାନର ପାସ୍‌ହାର ବୃଦ୍ଧି ଓ ଗୁଣାତ୍ମକ ଶିକ୍ଷା ଦୃଷ୍ଟିରୁ ଘଡ଼ାଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ । ମଂଚାସୀନ ଅତିଥିଗଣ କଠିନ ପରିଶ୍ରମ, ନିଷ୍ଠାପର ଉଦ୍ୟମ ଓ ଶୃଙ୍ଖଳା ହିଁ ସଫଳତାର ଚାବିକାଠି ବୋଲି ଉଲ୍ଲେଖ କରିଥିଲେ । ଛାତ୍ରାବସ୍ଥାରୁ ଜୀବନର ଲକ୍ଷ୍ୟ ସ୍ଥିରକରି ନିଜର ରୁଚି, ଦକ୍ଷତା ଓ ସମ୍ଭାବନାକୁ ଚିହ୍ନଟ କରି ନିଷ୍ଠାପର ଅଧ୍ୟବସାୟ ଓ ଉଦ୍ୟମ ଦ୍ୱାରା ସଫଳତା ହାସଲ କରିବା ପାଇଁ ମାର୍ଗଦର୍ଶନ କରିଥିଲେ । ଯୁକ୍ତ ତିନି ବିଜ୍ଞାନ(ରସାୟନ) ବିଭାଗର ଛାତ୍ର ଭୂପେନ ରାୟ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସ୍ତରରେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ଅଭିଭାବକମାନେ କଲେଜର ସଫଳତାରେ ସନ୍ତୋଷ ପ୍ରକାଶ କରିଥିଲେ । ନିଜସ୍ୱ ଓ ଅତ୍ୟାଧୁନିକ ଶ୍ରେଣୀଗୃହ, ସ୍ମାର୍ଟକ୍ଲାସ, ଇ-ଲାଇବ୍ରେରୀ, ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ, ବିଜ୍ଞାନାଗାର, ଶିକ୍ଷଣ ସାମଗ୍ରୀ, ଟ୍ୟୁଟୋରିଆଲ କ୍ଲାସ ଓ ପ୍ରଶିକ୍ଷିତ ଅନୁଭବୀ ଅଧ୍ୟାପକ ଅଧ୍ୟାପିକାଙ୍କ ଚେଷ୍ଟା, ପରିଶ୍ରମ ଓ ପ୍ରେରଣା ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଭୂପେନ ରାୟ ମତବ୍ୟକ୍ତ କରିଥିଲେ । ମହାବୀର ଟେଲି ପ୍ରଡ଼କସନ୍, ଭୁବନେଶ୍ୱରଙ୍କ ଦ୍ୱାରା 'ଆମ ଓଡ଼ିଶା ଆୱାର୍ଡ଼ ୨୦୨୬' ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଜ୍ଞାନ ବିଭାଗର ୪୭ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ସମସ୍ତ ଛାତ୍ର ଛାତ୍ରୀଙ୍କୁ ମଂଚାସୀନ ଅତିଥିମାନେ ଉତରୀୟ ସହ ଉପହାର ଫଳକ ଓ ଟ୍ରଫି ପ୍ରଦାନ କରି ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରିଶେଷରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ଅଧକ୍ଷ ସତ୍ୟବ୍ରତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । କଲେଜର ଓଡ଼ିଆ ଅଧ୍ୟାପିକା ରାଜଶ୍ରୀ ମେହେର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ପ୍ରକୃତି ସଂରକ୍ଷଣ ଦିଗରେ ମାହେଶ୍ୱରୀ ସଂଗଠନର ଅଭିନବ ପଦକ୍ଷେପ

ବଲାଙ୍ଗୀର : (ହି.ସ.) – ପରିବେଶ ସଂରକ୍ଷଣ ଓ ଜୈବ ବିବିଧତା ପ୍ରତି ଯୁବପିଢ଼ୀଙ୍କ ମଧ୍ୟରେ ବ୍ୟବହାରିକ ଜ୍ଞାନ ଓ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ମାହେଶ୍ୱରୀ ସଂଗଠନ ପକ୍ଷରୁ 'ମାହେଶ୍ୱରୀ ଯୁବ ଆହ୍ୱନ ସିରିଜ-୧: ବନ୍ୟଜନ୍ତୁ ଓ ଜୈବ ବିବିଧତା ଅନ୍ୱେଷଣ ଅଭିଯାନ' ତାଳଝରଣ ଜଙ୍ଗଲ ଅଂଚଳରେ ସଫଳତାର ସହ ଆୟୋଜିତ ହୋଇଯାଇଛି । ମାହେଶ୍ୱରୀ ଯୁବ ସମ୍ମିଳନୀ-୨୦୨୬ ସଫଳ ଆୟୋଜନ ପରେ ଯୁବମାନଙ୍କୁ କେବଳ ଆଲୋଚନାରେ ସୀମିତ ନରଖି ସେମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସାମିଲ କରିବା ଉଦ୍ଦେଶ୍ୟରେ ମାହେଶ୍ୱରୀ ଯୁବ ଆହ୍ୱନ ସିରିଜ ଶୁଭାରମ୍ଭ କରାଯାଇଛି । ଏହାର ପ୍ରଥମ ପର୍ଯ୍ୟାୟ ଭାବେ ଏହି ବନ୍ୟଜନ୍ତୁ ସଂରକ୍ଷଣ ଓ ଜୈବ ବିବିଧତା ଅନ୍ୱେଷଣ ଅଭିଯାନ ଆୟୋଜିତ ହୋଇଥିଲା । ବଲାଙ୍ଗୀର ବନ ବିଭାଗର ସହଯୋଗ ଏବଂ ଡିଏଫ୍‌ଓଙ୍କ ପ୍ରୋତ୍ସାହନରେ ଏହି ଅଭିନବ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲେ । ଏହି ଅଭିଯାନରେ ପ୍ରାୟ ବହୁ ସଂଖ୍ୟାରେ ଯୁବ-ଯୁବତୀ ଅଂଶଗ୍ରହଣ କରି ତାଳଝରଣ ଜଙ୍ଗଲରେ ପଦଯାତ୍ରା କରିଥିଲେ । ଅଭିଯାନ ସମୟରେ ବିଭିନ୍ନ ପ୍ରଜାତିର ବୃକ୍ଷ, ଔଷଧୀୟ ଉଦ୍ଭିଦ, ପକ୍ଷୀ ଏବଂ ବନ୍ୟଜନ୍ତୁ ସମ୍ପର୍କରେ ଅବଗତ ହେବା ସହିତ ସ୍ଥାନୀୟ ଜୈବ ବିବିଧତାର ପର୍ଯ୍ୟବେକ୍ଷଣ କରିଥିଲେ । ଜଙ୍ଗଲର ପରିସ୍ଥିତି, ପ୍ରକୃତିର ସନ୍ତୁଳନ ଓ ବନ୍ୟଜନ୍ତୁ ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ସେମାନେ ବ୍ୟବହାରିକ ଜ୍ଞାନ ଲାଭ କରିଥିଲେ । ବନ୍ୟଜୀବ ସଂରକ୍ଷକ ତଥା ଜୀବବିଜ୍ଞାନ ବିଶେଷଜ୍ଞ ଅରିନ୍ଦମ ପରିଚ୍ଛା ଅଭିଯାନର ମାର୍ଗଦର୍ଶନ କରି ଜଙ୍ଗଲର ଜୈବ ବିବିଧତା, ବିଭିନ୍ନ ପ୍ରଜାତିର ଉଦ୍ଭିଦ ଓ ବନ୍ୟଜନ୍ତୁର ପରିବେଶଗତ ଭୂମିକା, ଖାଦ୍ୟ ଶୃଙ୍ଖଳା ଏବଂ ପ୍ରକୃତିର ସନ୍ତୁଳନ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ । ମାହେଶ୍ୱରୀ ସଂଗଠନର ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ କହିଥିଲେ ମାହେଶ୍ୱରୀ ଯୁବ ଆହ୍ୱନ ସିରିଜ ମାଧ୍ୟମରେ ଯୁବପିଢ଼ିଙ୍କୁ ପରିବେଶ, ସମାଜସେବା ଓ ନେତୃତ୍ୱ କ୍ଷେତ୍ରରେ ବ୍ୟବହାରିକ ଅନୁଭୂତି ପ୍ରଦାନ କରାଯିବ । ସଂଗଠନର ସଭାପତି ଶୋଭନ କୁମାର ଅଗ୍ରୱାଲ, ସଦର ବ୍ଲକ ସଭାପତି ଦେବାଶିଷ ପାଣ୍ଡିଆ, ପ୍ରିତିଶ କୁମାର ସାହୁ, ସ୍ୱନ୍ଦନ ପ୍ରଧାନ, ଅମନ ଖାନ, ହରେନ୍ଦ୍ର ଜେନା, ସୁଷମା ବହିଦାର, ସୁପ୍ରମା ବହିଦାର, ଶ୍ୱେତା ବାରିକ, ପଦ୍ମାଳୟା ବାରିକ, ଦୀପକ ତ୍ରିପାଠୀ ଏହି ପ୍ରୟାସକୁ ସଫଳ କରିବାରେ ସହଯୋଗ କରିଥିଲେ ।






# ସୋନମ ୱାଙ୍ଗଚୁକଙ୍କ ଆନ୍ଦୋଳନକୁ ସମର୍ଥନ କରି ବ୍ରହ୍ମପୁରରେ ଶାନ୍ତିପୂର୍ଣ୍ଣ ଧାରଣା

ବ୍ରହ୍ମପୁର(ନି.ପ୍ର.): ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ଦେଶର ଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ଅବ୍ୟବସ୍ଥାକୁ ନେଇ ଦେଶର ପ୍ରଖ୍ୟାତ ବୈଜ୍ଞାନିକ ଓ ପରିବେଶବିତ୍ ସୋନମ ୱାଙ୍ଗଚୁକ ଚଳାଇଥିବା ନ୍ୟାୟିକ ଲଢେଇକୁ ସମର୍ଥନ ଜଣାଇ ଆଜି ବ୍ରହ୍ମପୁର ସଚେତନ ନାଗରିକ ମଂଚ ପକ୍ଷରୁ ସ୍ଥାନୀୟ ଗାନ୍ଧୀନଗରର ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତି ଠାରେ ଏକ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଧାରଣା ଅନୁଷ୍ଠିତ ହୋଇଯାଇଛି । ଧାରଣାରେ ବୁଦ୍ଧିଜୀବୀ, ଶିକ୍ଷାବିତ୍, ପରିବେଶବିତ୍, ଛାତ୍ରଛାତ୍ରୀ, ଅଭିଭାବକ, ଯୁବସମାଜ ଏବଂ ବିଭିନ୍ନ ସାମାଜିକ ସଂଗଠନର ଶତାଧିକ ସଚେତନ ନାଗରିକ ସାମିଲ ହୋଇଥିଲେ । ନିଟ୍ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଅନେକ ଛାତ୍ରଛାତ୍ରୀ ମାନସିକ ଚାପରେ ଆତ୍ମହତ୍ୟା କରିବା ଭଳି ଦୁଃଖଦ ଘଟଣା




ଘଟିଛି । ଏହା ଦେଶର ଶିକ୍ଷା ବ୍ୟବସ୍ଥାର ବିଫଳତାକୁ ଦର୍ଶାଉଛି । ସୋନମ ୱାଙ୍ଗଚୁକ ଏହି ବିଷୟକୁ ନେଇ ଦୀର୍ଘ ୨୦ ଦିନ ଆମରଣ ଅନଶନରେ ବସିବା ପରେ ମଧ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଇନାହାନ୍ତି । ତାଙ୍କ ସ୍ୱାସ୍ଥ୍ୟ ଅବନତି ହେବା ପରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଜୋରଜବରଦସ୍ତ ଭାଙ୍ଗିଦେବା ଗଣତନ୍ତ୍ର ଉପରେ ଆକ୍ରମଣ । ନିଟ୍ ସମେତ ସମସ୍ତ ପ୍ରତିଯୋଗିତା ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ କଠୋର ଆଇନ ପ୍ରଣୟନ କରାଯାଉ , ପ୍ରଶ୍ନପତ୍ର ଲିକ୍ ଘଟଣାର ସ୍ୱାଧୀନ ତଦନ୍ତ କରାଯାଇ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ,ଛାତ୍ର ଅନୁକୂଳ ଶିକ୍ଷା ନୀତି ପ୍ରଣୟନ କରି ସୋନମ ୱାଙ୍ଗଚୁକଙ୍କ ଦାବି ଗୁଡିକୁ ତୁରନ୍ତ ବିଚାର କରାଯାଉ । ଧାରଣାକାରୀ ମାନେ କହିଛନ୍ତି, 'ଶିକ୍ଷା ବଂଚିଲେ ଦେଶ ବଂଚିବ' । ନିଟ ତଥା ବିଭିନ୍ନ ପରୀକ୍ଷାରେ ଦୁର୍ନୀତି ରୋକିବାରେ ବିଫଳ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ।ଓଡ଼ିଶାର ତ୍ରୁଟି ପୂର୍ଣ୍ଣ ପାଠ୍ୟ ପୁସ୍ତକର ପ୍ରକାଶ କରିବା ପାଇଁ ଦାୟୀ ଓଡିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର ଇସ୍ତଫା ଦାବି କରାଯାଇଥିଲା । ସରକାର ଯଦି ତୁରନ୍ତ ଉକ୍ତ ଦାବି ନମାନନ୍ତି ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଧାରଣାରେ ମତ ପ୍ରକାଶ ପାଇଛି । ଆଜିର ଧାରଣା କାର୍ଯ୍ୟକ୍ରମକୁ 'ଆପ୍' ନେତା ଆଦିତ୍ୟ ନାରାୟଣ ରଥ ସଂଯୋଜନା କରିଥିବା ବେଳେ ଶିକ୍ଷାବିତ ସୁଧୀର ରାଉତ,ମାନବ ଅଧିକାର ସୁରକ୍ଷା ମଂଚ ଆବାହକ ଅବନୀ ଗୟା,ସିପିଏମ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ସିପିଆଇ ରାଜ୍ୟ ନେତା ପ୍ରକାଶ ପାତ୍ର,ଏସ.ୟୁ.ସି.ଆଇ ଜିଲ୍ଲା ସମ୍ପାଦକ ସୋମନାଥ ବେହେରା, ସିପିଆଇ ରେଡ ଷ୍ଟାର ରାଜ୍ୟ ସମ୍ପାଦକ ଶଙ୍କର ଇନିକଲାବ,ବାମପନ୍ଥୀ ଶ୍ରମିକ ନେତା ପ୍ରତାପ ପ୍ରଧାନ, ଫୋରୱାର୍ଡ ବ୍ଲକ ଜିଲ୍ଲା ସଭାପତି ବିଭୁ ପାଢ଼ୀ,ଶିକ୍ଷକ ନେତା ଶ୍ୟାମସୁନ୍ଦର ଖାଡ଼ଙ୍ଗା,ସାମ୍ବାଦିକ ରବି ରଥ,ଅଶୋକ ଦଳାଇ, କିଶୋର ଚନ୍ଦ୍ର ପାତ୍ର, ଗଗନ ମଲ୍ଲିକ, ଲୋକନାଥ ପରିଡ଼ା, ହେତୁବାଦୀ ସଂଗଠନ ସଭାପତି ନନ୍ଦେଶୁ ସେନାପତି, ସାମାଜିକ କର୍ମୀ ପ୍ରିତିଶ ପାଣିଗ୍ରାହୀ,ହିମାଂଶୁ ଶେଖର ସାହୁ, ମନୋଜ କୁମାର ତରାଇ,ସମାଜସେବୀ ସରିତା ପଣ୍ଡା,ଶ୍ରମିକ ନେତା ପି.ପାର୍ବତୀ, ବାମପନ୍ଥୀ ନେତା କୈଳାଶ ଷଡ଼ଙ୍ଗୀ, ନୀଳକଣ୍ଠ ଦାସ, ଅଳକା ମିଶ୍ର, ନିମାଇଁ ଚରଣ ସାହୁ, ଗୋକୁଳାନନ୍ଦ ତ୍ରିପାଠୀ,ଅଭିମନ୍ୟୁ ଦଳାଇ, କୈଳାଶ ସେଠୀ ପ୍ରମୁଖ ଶତାଧିକ ବିଭିନ୍ନ ସଂଗଠନର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଜାଭିୟର୍ସ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନବଜୀବନ ସେବାଶ୍ରମରେ ବସ୍ତ୍ର ବଂଟନ

ବ୍ରହ୍ମପୁର (ନି.ପ୍ର.): ମିନାକ୍ଷୀ ନଗର ସ୍ଥିତ ସେଂଟ୍ ଜାଭି ୟର୍ସ ହାଇସ୍କୁଲର ସ୍କାଉଟ , ଗାଇଡ ,ଏନସିସି ଏବଂ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନଙ୍କ ତରଫରୁ କନିଷୀ ନିକଟସ୍ଥ ନବ ଜୀବନ ସେବାଶ୍ରମ ର ଅନ୍ତେବାସୀଙ୍କୁ ବସ୍ତ୍ର ସହ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା ।ଛାତ୍ରଛାତ୍ରୀ ମାନେ ଆଶ୍ରମ ପରିସର ବୁଲି ଦେଖିବା ସହ ପରିବେଶର ସୁରକ୍ଷା ଓ ସ୍ୱାସ୍ଥ୍ୟ ର ଯତ୍ନ ନେଇ ସଚେତନ କରିଥିଲେ । ଛାତ୍ରଛାତ୍ରୀମାନେ ଆଶ୍ରମରେ ଏପରି ଗୋପାଳନ, ଶିକ୍ଷା ଓ ଆନୁସଙ୍ଗିକ ବ୍ୟବସ୍ଥା ନେଇ ଖୁସି ଅନୁଭବ କରିଥିଲେ । ଆଶ୍ରମ ର ମୁଖ୍ୟ ପରିଚାଳକ ସୁଶାନ୍ତ



ମହାରଣା ଏହି ଅବସରରେ ଉପସ୍ଥିତ ରହି ଆଶ୍ରମ ର ବିଭିନ୍ନ କାର୍ଯ୍ୟପନ୍ଥା ନେଇ ସୂଚନା ଦେଇଥିଲେ । ଗାଇଡ୍ ଶିକ୍ଷୟିତ୍ରୀ ରଶ୍ମିତା ଦଳେଇ ,ଶିକ୍ଷକ ଅଭିଳାଶ ଶିକା , ଏନସିସି ଶିକ୍ଷକ ଦୀପକ, ସ୍ୱପ୍ନା ରାଣୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ । ଛାତ୍ରଛାତ୍ରୀଙ୍କ ଏପରି ସେବା ମୂଳକ କାର୍ଯ୍ୟ ନେଇ ସ୍କୁଲର ନିର୍ଦ୍ଦେଶକ କୁନାଲ୍ କୌଶିକ ପଣ୍ଡା, ରାହୁଲ୍ ରାଜ ପଣ୍ଡା , ଅଧକ୍ଷ କାହ୍ନୁ ଚରଣ ପଣ୍ଡା ,ଉପାଧ୍ୟକ୍ଷ ପ୍ରକାଶ ପଲାଇ, ଅନୁପମା ପ୍ରଧାନ ସଭିଙ୍କୁ ସାଧୁବାଦ୍ ଜଣାଇଥିଲେ ।ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଏଥିରେ ସହ ଯୋଗ କରିଥିଲେ ।

# ନୀଳଗିରି ବୋହୂ ଡ଼ଃ ରଞ୍ଜନା ଭଣ୍ଡାରୀ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ପ୍ରତିରକ୍ଷା ମନ୍ତ୍ରୀଙ୍କ ଠାରୁ ସମ୍ମାନିତ

ନୀଳଗିରି,(ନି.ପ୍ର),ଗ୍ରାମାଂଚଳ ମାନଙ୍କରେ ବିପଦପୂର୍ଣ୍ଣ ଗର୍ଭାବସ୍ଥା ପରୀକ୍ଷା ସହିତ ଏଚ ପି ଭି ସଚେତନତା ପାଇଁ କାର୍ଯ୍ୟକରି ଗତ ଜୁଲାଇ ୧୮ତାରିଖରେ ଦିଲ୍ଲୀଠାରେ ଭାରତୀୟ ଡାକ୍ତରୀ ସଂଘପକ୍ଷରୁ ପ୍ରଦତ ବିଶିଷ୍ଟ ଡାକ୍ତର ସମ୍ମାନରେ କେନ୍ଦ୍ରପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଠାରୁ ସମ୍ମାନିତ ହୋଇଛନ୍ତି ନୀଳଗିରି ବୋହୂ ଡ଼ଃ ରଞ୍ଜନା ଭଣ୍ଡାରୀ । ଓଡ଼ିଶାର ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ତଥା ବାଲେଶ୍ୱର ମେଡିକାଲର କଲେଜର ପୂର୍ବତନ ଡିନ ପ୍ରଫେସର ପ୍ରତାପ ରଥଙ୍କ ସହଧର୍ମିଣୀ ହେଉଛନ୍ତି ଡଃ ଭଣ୍ଡାରୀ । ସେ ବର୍ତମାନ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ




ଅତିରିକ୍ତ ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ ଅଛନ୍ତି । ଗ୍ରାମାଂଚଳରେ ପହଂଚି ମହିଳାମାନଙ୍କର ଗର୍ଭାବସ୍ଥା ପରୀକ୍ଷାକରିବା ସହିତ ସଚେତନ କରାଇବା ସହିତ ଶିଶୁମନ୍ଦିର, ଡିଏଭି ସ୍କୁଲ, ଜାଭିୟର, ବାକଲିସ୍, ଷ୍ଟିୱାର୍ଟ ସ୍କୁଲ, ଉର୍ଦ୍ଧ୍ୱ ସ୍କୁଲ, ରେଭେନ୍ସା କଲେଜିଏଟ୍ ସ୍କୁଲ ଭଳି ବିଭିନ୍ନ ବିଦ୍ୟାଳୟର ପିଲାମାନଙ୍କୁ ଏଚ୍ ପି ଭି ଭଳି ମାରାତ୍ମକ ରୋଗ ବିଷୟରେ ସଚେତନ କରିଥିବା ଜଣାଯାଇଛି । ଏଭଳି ସମ୍ମାନ ପାଇଥିବାରୁ ନୀଳଗିରି ତଥା ସମଗ୍ର ଓଡ଼ିଶାରୁ ପ୍ରଶଂସାର ସୁଅ ଛୁଟିଛି ।

# ବାୟୁ ପ୍ରଦୂଷଣ ନିୟନ୍ତ୍ରଣରେ ପ୍ରଶାସନର କଡ଼ା ପଦକ୍ଷେପ ପ୍ରଦୂଷଣକାରୀ ଟ୍ରକ୍‌କୁ ୧୦,୫୦୦ ଟଙ୍କା ଜରିମାନା

ଝାରସୁଗୁଡା,(ନି.ପ୍ର.) ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ଝାରସୁଗୁଡା ଶ୍ରୀ କୁଣକ୍ଷଲ ମୋତିରାମ ଚହ୍ୱାଣ ଙ୍କ ନିର୍ଦ୍ଦେଶକ୍ରମେ ଆଜି ଯାନବାହନରୁ ନିର୍ଗତ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଯାଂଚ କରାଯାଇଥିଲା ।ଏହି ଯାଂଚ ସମୟରେ ଙଜ୨୩ଉ-୫୪୫୮ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ?ରୁ ଅତ୍ୟଧିକ ପରିମାଣର ବାୟୁ ପ୍ରଦୂଷଣକାରୀ ଧୂଆଁ ନିର୍ଗମନ ହେଉଥିବା ଦେଖାଯାଇଥିଲା । ଫଳରେ ମୋଟର ଯାନ ଆଇନ, ୧୯୮୮ର ଧାରା ୧୭୭ (ସାଧାରଣ ଅପରାଧ) ଏବଂ ଧାରା ୧୯୦(୨) ଅନୁଯାୟୀ ପ୍ରଦୂଷଣ ମାନଦଣ୍ଡ ଉଲ୍ଲଂଘନ ପାଇଁ ଉକ୍ତ ଯାନ ବିରୋଧରେ ଇ-ଚାଲାଣ ନଂ. ଙଜ୩୦୦୮୧୫୨୬୦୭୨୦୧୫୧୩୦୬, ତାରିଖ ୨୦.୦୭.୨୦୨୬ ଜାରି କରାଯାଇଛି । ଉକ୍ତ ଉଲ୍ଲଂଘନ ପାଇଁ ସମ୍ପୃକ୍ତ ଯାନ ଉପରେ ୧୦,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ସମସ୍ତ ଯାନବାହାନ ର ମାଲିକ ଓ ଚାଳକମାନଙ୍କୁ ନିଜ ଯାନର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ଚଟଉ) ବୈଧ ରଖିବା ସହ ନିର୍ଦ୍ଧାରିତ ବାୟୁ ପ୍ରଦୂଷଣ ମାନଦଣ୍ଡ ପାଳନ କରିବାକୁ ଆଂଚଳିକ ପରିବହନ ଅଧିକାରୀ ଙ୍କୁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ଏଥିସହ ପରିବେଶ ସୁରକ୍ଷା ଓ ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏଭଳି ଯାଂଚ ଓ ପ୍ରବର୍ତନ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ଝାରସୁଗୁଡ଼ା ଡିଏଭି ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ନିଟ୍ ସଫଳତା

ଝାରସୁଗୁଡ଼ା(ନି.ପ୍ର.) ସର୍ବ ଭାରତୀୟ ସ୍ତରରେ ଅନୁଷ୍ଠିତ ନିଟ ପରୀକ୍ଷାରେ ଝାରସୁଗୁଡ଼ାର ୫ ଜଣ ଛାତ୍ରଛାତ୍ରୀ ଅପୂର୍ବ ସଫଳତା ହାସଲ କରିଛନ୍ତି । ସି.ବି.ଏସ.ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ବିଶେଷ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଅଦିତି ୟାଦବ ୯୯.୭୯ ପର୍ସେ[ାଇଲ୍, ସିଦ୍ଧାନ୍ୱୀ ମିଶ୍ର ୯୯.୫୨ ପର୍ସେ[ାଇଲ୍, ଓମ୍ ସୌମ୍ୟ ପ୍ରକାଶ ସାହୁ ୯୫.୭୮ ପର୍ସେ[ାଇଲ୍, ଶୁଭମ କୁମାର ମୌର୍ଯ୍ୟ ୯୮.୯୮ ପର୍ସେ[ାଇଲ୍ ଓ ଅଭିନନ୍ଦନ ଗୁପ୍ତା ୯୮.୫୨ ପର୍ସେ[ାଇଲ୍ ରଖି ସରକାରୀ ମେଡ଼ିକାଲ ସିଟ ପ୍ରାପ୍ତ ହେବାର ସୁନିଶ୍ଚିତତା ହାସଲ କରିଛନ୍ତି । ସେମାନଙ୍କ ସଫଳତା ବିଦ୍ୟାଳୟ ଲାଗି ଗର୍ବ ଓ ଗୌରବ ଆଣି ଦେଇଛି । ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତା, ସୁପରଭାଇଜର ନୀଳିମା ପଟେଲଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ଅପୂର୍ବ ସଫଳତା ପାଇଁ ଖୁସି ବ୍ୟକ୍ତ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଛାତ୍ରଛାତ୍ରୀଙ୍କ ଉତ୍କୃଷ୍ଟ ସଫଳତା ଲାଗି ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି ।

# ମିଳିତ ଜନ ଅଭିଯୋଗ ଶୁଣାଣିରେ ୭୪ଟି ଅଭିଯୋଗ

ସିମୁଳିଆ(ନି.ପ୍ର.)-ଜନ ସାଧାରଣ ସମସ୍ୟାର ସମାଧାନ ନିମନ୍ତେ ଆଜି ସିମୁଳିଆ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ୭୪ଟି ଅଭିଯୋଗର ସମାଧାନ କରିଥିଲେ । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସିମୁଳିଆ ଥାନା ଅଧୀନରେ ମାର୍କୋଣା ଷ୍ଟେସନ ବଜାରରେ ବିଭିନ୍ନ ପାନ ଦୋକାନ, ଷ୍ଟେସନାରୀ ଓ ଜଳଖିଆ ଦୋକାନ ମାନଙ୍କରେ ଦେଶୀ ବିଦେଶୀ ମଦ ବିକ୍ରୀ ହେଉଥିବା ନେଇ ସମାଜସେବୀ ଗୌରାଙ୍ଗ ନାୟକ ଅଭିଯୋଗ ଆଣିଥିଲେ କ୍ଷ ସେହିପରି ସିମୁଳିଆ ଥାନା ଅଧୀନରେ ୨୨ଗୋଟି ପଂଚାୟତ ଓ ଖଇରା ବ୍ଲକର ୯ଟି ପଂଚାୟତ ଥିବାରୁ ଅନ୍ୟପଟେ ଷ୍ଟେସନରେ କର୍ମଚାରୀ ଅଭାବ, ଏହାକୁ ଆଖି



ଆଗରେ ରଖି ଅବକୁଣା ପଂଚାୟତ ସରପଂଚ ଲକ୍ଷ୍ମୀଧର ବଳ ସମେତ ଅଂଚଳବାସୀ ପୁରୁଷୋତମପୁର ପଂଚାୟତ ବାଲିଖଣ୍ଡ ଠାରେ ଏକ ଫାଣ୍ଡି ନିମନ୍ତେ ଅଭିଯୋଗ କରିଥିଲେ କ୍ଷ ଏହି ଅବସରରେ ଦୁଇ ଜଣ ଦିବ୍ୟାଙ୍ଗ ଅବାକୁଣା ଗ୍ରାମର କ୍ରିଷ୍ଣାକାନ୍ତ ବେହେରା ଓ ବଙ୍ଗାଳପୁର ପଂଚାୟତ ଡିହପଡା ଗ୍ରାମର କମଳାକାନ୍ତ ନାୟକ ୯୦ଶତକଡା ଭିନ୍ନକ୍ଷମ ଥାଇ ବହୁବାର ଭତା ଓ ଆବାସ ଘର ନିମନ୍ତେ ଆବେଦନ କରିଥିଲେ ବି ସେମାନଙ୍କୁ ବ୍ଲକ ପକ୍ଷରୁ ଉପେକ୍ଷା କରାଯାଇଥିଲା କ୍ଷ ଦିବ୍ୟାଙ୍ଗ ଦୁଇଜଣଙ୍କୁ ଦେଖି ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ କୁମାର ରାଉତ ଅଭିଯୋଗ ଶୁଣାଣୀ ବସିଥିବା ସ୍ଥାନରୁ ଉଠି ଆସି କ୍ରିଷ୍ଣାକାନ୍ତକୁ ଏକ ମାସର ଭତା ଦେବା ସହ ଦୁଇ ଜଣଙ୍କୁ ତୁରନ୍ତ ଅନ୍ତଦ୍ୟୟ ଯୋଜନାରେ ଆବାସ ଯୋଗାଇ ଦେବା ନିମନ୍ତେ ତାଗିଦ କରିଥିଲେ କ୍ଷ ଏତଦବ୍ୟତୀତ ଖାଉଟି କାର୍ଡ଼ ସମସ୍ୟା,ରାସ୍ତା ମରାମତି, ଆବାସ ଯୋଜନା ଇତ୍ୟାଦି ଅଭିଯୋଗର ସମାଧାନ ହୋଇଥିଲା କ୍ଷ ଏହି ଜନ ଅଭିଯୋଗ ଶୁଣାଣୀରେ ଉପଜିଲ୍ଲାପାଳ ଶିବ ମାଳବ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିବେକ କୁମାର ଜେନା ,ସିମୁଳିଆ ବିଡିଓ ସୁନିଲ କୁମାର ଟୁଡୁ , ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର ,ସିମୁଳିଆ ଥାନାଅଧିକାରୀ ଦେବରାଜ ଜେନା ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ସିମୁଳିଆ ବ୍ଲକ ସମସ୍ତ କର୍ମୀମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,(ନି,ପ୍ର ) ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗ ର ଶୁଣାଣି କରିଥିଲେ । ଆଜି ମୋଟ ୧୭୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୭୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୪ ଟି, ଆବାସ ଯୋଜନା ସମ୍ପର୍କୀୟ ୬୭ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୫ ଟି, ପୋଲିସ ସହାୟତା ପାଇବା ପାଇଁ ୭ ଟି, ଭତା ପାଇବା ପାଇଁ ୧୩ ଟି ଏବଂ ଅନ୍ୟାନ୍ୟ ୨୮ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୨୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା ସ୍ତରୀୟ ଅଧିକାରୀ,କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ଶୁଣାଣି କରିଥିଲେ ।

# ରଥଯାତ୍ରା ଉପଲକ୍ଷେ ରାଧାମାଧବ ଟ୍ରାଭେଲସ୍ ତରଫରୁ ୨ଦିନ ଧରି ଦହି ସରବତ ଏବଂ ଥଣ୍ଡା ପାନୀୟ ବଂଟନ

ନୀଳଗିରି,(ନି.ପ୍ର.)ପବିତ୍ର ରଥଯାତ୍ରା ଅବସର ରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଚଳଚଂଚଳ । ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତମାନଙ୍କ ସମାଗମ ହୋଇଥିଲା । ଏହି ଅବସରରେ ରାଧାମାଧବ ଟ୍ରାଭେଲସ୍ ? ପକ୍ଷରୁ ୧୫ ହଜାର ଭକ୍ତ ଙ୍କ ପାଇଁ ଦହି ସରବତ ଏବଂ ଥଣ୍ଡା ପାଣି ର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି । ଟ୍ରାଭେଲସ୍‌ର ମୁଖ୍ୟ କୌଶିକ ମହାନ୍ତି ଓ ପ୍ରମୋଦ ପାତ୍ର ଉପସ୍ଥିତିରେ ସଦସ୍ୟ ପ୍ରମଦ



ବାରିକ,ମନୋଜ କୁମାର ସ, ବିଶ୍ୱଜିତ୍ ଦାସ, ଗିରିଜା ମହାଳିକ, ଦିବାକର ବାରିକ, ଶୁଭାଶିଶ୍ ଜେନା, ଭଗବାନ ବେହେରା, ପରେଶ ମହାଳିକ, ପ୍ରଶାନ୍ତ ମହାଳିକ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏଭଳି ମହାନ କାର୍ଯ୍ୟ ପାଇଁ ବିଭିନ୍ନ ମାହଲରୁ ପ୍ରଶଂସା କରାଯାଇଛି ।

# ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗଶୁଣାଣି ଶିବିର

ନୟାଗଡ (ନି.ପ୍ର.) ଦଶପଲ୍ଲା ବ୍ଲକ ମୁଖ୍ୟାଳୟ ଠାରେ ସୋମବାର ଜନସାଧାରଣଙ୍କ ସମସ୍ୟାର ଶୁଣାଣି ଓ ସମାଧାନ ଉଦ୍ଦେଶ୍ୟରେ ନୟାଗଡ଼ ଜିଲୁପାଳ ଏବଂଉଚ୍ଚପଦସ୍ତ ଅଧିକାରୀ ଉପସ୍ଥିତ ରେଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୯୦ଟି ଆବେଦନ ଗ୍ରହଣ କରାଯାଇଥି । ମୋଟ ଅଭିଯୋଗ ମଧ୍ୟରୁ ୧୨ଗ୍ରାମ୍ୟ ସମସ୍ୟା, ବ୍ୟକ୍ତି ଗତ ସମସ୍ୟା



୬୫ଏବଂ ୨୪ଟି ମୁଖ୍ୟମନ୍ତ୍ରୀ ରିଲିଫ ଫ[ (ଉଗଜର) ସହାୟତା ପାଇଁ ଆବେଦନ ରହିଥିଲା । ଶୁଣାଣି ସମୟରେ ଜିଲ୍ଲାରସମସ୍ତ ଅଧୁକାରୀମାନେ ବିଭିନ୍ନ ଅଭିଯୋଗର ତଦନ୍ତ କରି ୨୮ଟି ମାମଲାର ଚୂଳକ ସମାଧାନ କରିଥିଲେ ।ଅବଶିଷ୍ଟ ଆବେଦନଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପଠାଯାଇ ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ପିଜି ସେଲ୍ ମାଧ୍ୟମରେ ସାଧାରଣ ଲୋକମାନେ ସିଧାସଳଖ ପ୍ରଶାସନ ନିକଟରେ ନିଜର ଜନସାଧାରଣଙ୍କ ମଧ୍ୟରେ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ଏପରି ଶୁଣାଣି ଶିବିର ନିୟମିତ କରାଯାଉଛି ।

# ବୋଲବମ୍ ଭକ୍ତଙ୍କ ଶିବ ପଂଚାକ୍ଷରରେ ପ୍ରକମ୍ପିତ ହେଲା ସିଦ୍ଧେଶ୍ୱର ଶୈବ ପୀଠ

ବାଲିଆପାଳ (ନି.ପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ମଧୁପୁରା ଗ୍ରାମ ପଂଚାୟତ ଅନ୍ତର୍ଗତ ଚରବସ୍ତକାଳରୁଇ ଓ ଚୌଧୁରୀକୁଦ ଗ୍ରାମର ବୋଲବମ୍ଭ ଭକ୍ତ ମାନେ ଆଜି ଶ୍ରାବଣ ମାସର ପ୍ରଥମ ସୋମବାରରେ ଚୌଧୁରୀକୁଦ ବାବା ସିଦ୍ଧେଶ୍ୱର ଶୈବ ପୀଠରେ ଜଳାଭିଷେକ କରିଛନ୍ତି । ଶହ ଶହ ମହିଳା ପୁରୁଷ ବୋଲବମ୍ଭ ଭକ୍ତ ମାନେ ସୋମବାର ସକାଳେ ସୁବର୍ଣ୍ଣରେଖା ନଦୀ ପାରୁଲିଆ ଘାଟରୁ ମାନସିକ କରିବା ଓ ମାନସିକ ପୂରଣ ହୋଇଥିବାରୁ ନିଷ୍ଠାର ସହିତ ନଦୀରୁ ଜଳ ଆଣି ବାବା ସିଦ୍ଧେଶ୍ୱରଙ୍କ ଉପରେ ଜଳାଭିଶେକ କରିଥିଲେ ।ବୋଲବମ ଯାତ୍ରା ସମୟରେ ଭକ୍ତଙ୍କ ବୋଲବମ ଧ୍ୱନି ସହିତ ଶିବଙ୍କ ପଂଚାକ୍ଷର ନାମର ଧ୍ୱନିରେ ବାଲିଆପାଳ ଅଂଚଳ ପ୍ରକମ୍ପିତ ହେଉଥିଲା । ଭକ୍ତ ମାନେ ଏକ ଭକ୍ତିମୟ ପରିବେଶ ମଧ୍ୟରେ ଲମ୍ବା ପଟୁଆରରେ ଶାନ୍ତି ପୂର୍ଣ୍ଣ ଭାବରେ ନଦୀରୁ ମାନସିକ ଧାରୀ ଓ ମାନସିକ ପୂରଣ ହୋଇଥିବା ଭକ୍ତ ମାନେ ଜଳ ଆଣି ବାବାଙ୍କ ଉପରେ ଜଳ ଲାଗି କରିଥିଲେ । ଚରବସ୍ତକାଳରୁଇ ଓ ଚୌଧୁରୀକୁଦ ଗ୍ରାମର ସମସ୍ତ ସକ୍ରିୟ ଯୁବକ ଓ ବୋଲବମ କମିଟିର ସଦସ୍ୟଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା । ଯୁବକ ମାନଙ୍କର ଏତାଦୃଶ କାର୍ଯ୍ୟକୁ ଉଭୟ ଗ୍ରାମ ସହିତ ସ୍ଥାନୀୟ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବି ମାନେ ପ୍ରଶଂସା କରିଥିଲେ ।

# ଅଧରାତିରେ ଶୋଇଥିବା ବେଳେ ମାରିଲା ଘଡ଼ଘଡ଼ି ବଜ୍ରାଘାତରେ ଗୋଟିଏ ପରିବାରର ୪ଗୁରୁତର, ୪ ଆହତ


ନୀଳଗିରି,(ନିପ୍ର) : ଘରେ ପରିବାର ସହ ଶୋଇଥିବା ଅଧରାତିରେ ହେଲା ପରିବାରକୁ ମାରିଥିଲା ବଜ୍ରାଘାତ ଗୋଟିଏ ପରିବାରର ୪ ସଦସ୍ୟ ଗୁରୁତର ହୋଇଥିବା ଅନ୍ୟ ୪ଜଣଆହତ ହୋଇଛନ୍ତି । ନୀଳଗିରି ବ୍ଲକ କେସିପୁର ପଂଚାୟତର ୫ନମ୍ବର ୱାର୍ଡ ବାହ୍ମନାଳ ଗ୍ରାମରେ ୧୯ ତାରିଖ ରେ ଘଟିଥିଲା ଦୁର୍ଘଟଣା । ୩ ଜଣ ଶିଶୁ ,୧ନାବାଳ,୪ ଜଣ ଆହତ । ଏପରିକି ୩ଟି ଛେଳି ଓ୪ଟି କୁକୁଡ଼ା ମରି ଯାଇଥିବା ଜଣାପଡିଛି ।ସମସ୍ତ ଗୁରୁତର ଓ ଆହତଙ୍କୁ ପ୍ରଥମେ ବରମଗୋଷ୍ଠୀ ସ୍ୱାସ୍ଥ୍ୟ ନେଇ ପ୍ରାଥମିକ ଚିକିତ୍ସା ପରେ ରାତି୧.୨୦ମିନିଟ ରେ ନୀଳଗିରିଉପଖଣ୍ଡ ହସ୍ପିଟାଲରେ ଭର୍ତି କରାଯାଇଥିଲା ।ସେମାନଙ୍କ ମଧ୍ୟରୁ ୭ମାସର ଛୁଆ ଭୂମିକା ସିଂ,ନିନି ସିଂ(୩) ମରିଅ ସିଂ(୫)ଓ ଗୁରୁବାରୀ ସିଂ(୧୯) ୪ ଜଣ ଗୁରୁତର ଥିବା ରୁ ସେମାନଙ୍କୁ ଫକୀର ମୋହନ ମେଡିକାଲ କଲେଜ,ରେମୁଣା ସ୍ଥାନାନ୍ତର କରାଯାଇଥିଲା । ଗୁରୁବାରୀ ସିଂ ର ଅବସ୍ଥା ସଂକଟା ପନ୍ନ ହେବାରୁ ଆଜି କଟକ ବଡ଼ ହସ୍ପିଟାଲ କୁ ସ୍ଥାନାନ୍ତ ରିତ କରାଯାଇଛି ।ଗତକାଲି ରାତିପ୍ରାୟ ୧୨.୨୫ମିନିଟ ସମୟରେ ରଘୁ ସିଂଙ୍କ ପରିବାର ଲୋକେ ଖାଇପିଇ ଶୋଇଥିବା ବେଳେ ହଠାତ ଘର ଉପରକୁ ବଜ୍ରାଘାତ ହୋଇଥିଲା । ଫଳରେ ରଘୁ ସିଂ(୪୫), ସ୍ତ୍ରୀ ରଇବାରି ସିଂ(୩୫) ଝିଆରୀ ଗୁରୁବାରୀ ସିଂ(୧୯)ଭଉଣୀମିଞ୍ଜି ସିଂ(୪୦) , ଭାଣିଜକ୍ଷ ସୁମନ ଓରଫସଂଜିତ (୩)ଭାଣିଜୀ ରଂଜିତା (୫), ରବିଶି ସିଂଙ୍କ ଝିଅ ଭୂମିକାସିଂ(୭)ମାସ , ପୁଅ ବୁଦ୍ଧିଆ ସିଂ ମଧ ଗୁରୁତରଆହତ ହୋଇଥିଲେ । ରଘୁ ସିଂଙ୍କ ପରିବାର ଆଂଶିକ ପୋଡି ଯାଇଥିବା ବେଳେ ଝାଟି ମାଟି କାନ୍ଥ ଫାଟି ଆଁ କରିଛି ।ବ୍ରଜ ଘାତ ଫଳରେ କିଛି ଲୋକଙ୍କର କାନକୁ ଶୁଭୁ ନଥିବା ଜଣାପଡିଛି ।ଖବର ପାଇ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ପୂର୍ବତନ ଏସ ଏସ ଡି ଅଧକ୍ଷ ମଦନମାଝୀ, ସ୍ଥାନୀୟ ସରପଂଚବାସନ୍ତୀ ହେମ୍ବ୍ରମ୍, ନାଏବେ ସରପଂଚ ରାମଚନ୍ଦ୍ର ମାଝୀ,ସୁବଳ ହେମ୍ବ୍ରମ୍, ରୋହିତ ମୁର୍ମୁ,ସମାଜ ସେବୀ ଶ୍ରୀନିବାସ ବାଗ, ଗଙ୍ଗାଧର ମିଶ୍ର ପ୍ରମୁଖ ନୀଳଗିରି ହସ୍ପିଟାଲ ଓ ଫକିରୀ ମୋହନ ମେଡ଼ିକାଲ କଲେଜ ଭେଟି ସାନ୍ତନାଦେବା ସହ ତୁରନ୍ତ ତାଙ୍କ ପରିବାର କୁ ସରକାରୀ ସହାୟତା ଯୋଗାଇଦେବାକୁ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ନାୟକ ପ୍ରଶାସନ ନିକଟରେ ଦାବୀ କରିଛନ୍ତି ।

# ପୁରୀ ରଥଯାତ୍ରାରେ ୨ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଚଳିତ ରଥଯାତ୍ରା ଦିନ ପୁରୀରେ ଅସୁସ୍ଥତା କାରଣରୁ ଦୁଇ ଜଣଙ୍କ ମୃତ୍ୟୁ ଘଟଣା । ମୃତକଙ୍କ ପରିବାର ପାଇଁ ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ । ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଜନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଏହି ରାଶି ପ୍ରଦାନ କରାଯିବ । କହି ରଖୁଛୁ କି, ଚଳିତବର୍ଷ ରଥଯାତ୍ରା ଦିନ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା । ଭିଡ଼ ଭିତରେ ଅଣନିଶ୍ୱାସୀ ହୋଇଥିଲେ ଅନେକ ଶ୍ରଦ୍ଧାଳୁ । ଚିକିତ୍ସା ପାଇଁ ଅନେକ ଭକ୍ତ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଏମାନଙ୍କ ମଧ୍ୟରେ ଥିବା କଟକର ଅନୀଲ ଦାସ ଏବଂ ମୁମ୍ବାଇର ଅଶୋକ ସୁବାଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ତେବେ ଉଭୟଙ୍କ ପରିବାର ପାଇଁ ଅନୁକମ୍ପା ରାଶି ୧୦ ଲକ୍ଷ ଟଙ୍କା ଲେଖାଏଁ ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଘୋଷଣା କରିଛନ୍ତି ।

# ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା: ୨୨ରେ ଘୂର୍ଣ୍ଣିବଳୟ ଓ ୨୪ରେ ଲଘୁଚାପ



ଭୁବନେଶ୍ୱର: ପବିତ୍ର ବହୁଡ଼ା ଯାତ୍ରାରେ ଭିଜିବ ଶ୍ରୀକ୍ଷେତ୍ର । ରାଜ୍ୟରେ ମୌସୁମୀ ସକ୍ରିୟ ଥିବା ବେଳେ ଆଗାମୀ ଦିନରେ ବର୍ଷାର ପରିମାଣ ଆହୁରି ବୃଦ୍ଧି ପାଇବାକୁ ଯାଉଛି । ବିଶେଷ କରି ଆସନ୍ତା ୨୨ ତାରିଖରେ ଏକ ଘୂର୍ଣ୍ଣିବଳୟ ଏବଂ ୨୪ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ବିଶିଷ୍ଟ ପାଣିପାଗ ବିଶେଷଜ୍ଞ ଶରତ ସାହୁଙ୍କ ପୂର୍ବାନୁମାନ ଅନୁଯାୟୀ, ବହୁଡ଼ା ଯାତ୍ରା ସମୟରେ ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ଶରତ ସାହୁଙ୍କ ସୂଚନା ମୁତାବକ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ସୀମାବର୍ତ୍ତୀ ଅଂଚଳରେ ୨୨ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଅନୁକୂଳ ପରିବେଶ ରହିଛି । ଏହାର ପ୍ରଭାବରେ ୨୪ ତାରିଖରେ ଏକ ଲଘୁଚାପ କ୍ଷେତ୍ର ତିଆରି ହେବ । ଫଳରେ ୨୨ ତାରିଖ ପରଠାରୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ ଏବଂ ଏହା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଅବ୍ୟାହତ ରହିବ । ଆଗାମୀ ଲଘୁଚାପ ପ୍ରଭାବରେ ରାଜ୍ୟର ପ୍ରାୟ ସମସ୍ତ ଅଂଚଳ ପ୍ରଭାବିତ ହେବ । ଉତର ଓଡ଼ିଶାରେ ବର୍ଷାର ପରିମାଣ ସର୍ବାଧିକ ରହିବାକୁ ଥିବା ବେଳେ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାରେ ମଧ୍ୟ ମଧ୍ୟମରୁ ପ୍ରବଳ ଧରଣର ବର୍ଷା ଅନୁଭୂତ ହେବ । ବର୍ତ୍ତମାନ ରାଜ୍ୟ ଉପରେ ଏକ ମୌସୁମୀ ଟ୍ରଫ୍ ଲାଇନ୍ ସକ୍ରିୟ ରହିଛି । ଏହି କାରଣରୁ ଆଗାମୀ ଦୁଇ ଦିନ ଧରି ରାଜ୍ୟର କିଛି ସ୍ଥାନରେ ଘଡ଼ଘଡ଼ି, ବିଜୁଳି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । କେତେକ ଜିଲ୍ଲାରେ ପ୍ରାୟ ୧୦୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ରେକର୍ଡ କରାଯାଇପାରେ । ପାଣିପାଗ ବିଶେଷଜ୍ଞଙ୍କ ମତରେ, ଚଳିତ ଜୁଲାଇ ମାସ ତମାମ ପ୍ରାୟତଃ ପ୍ରତିଦିନ ରାଜ୍ୟରେ ବର୍ଷା ଲାଗିରହିବ ।



# ରାଷ୍ଟ୍ରପତିଙ୍କୁ ସ୍ୱାଗତ କଲେ ମାଲଦୋଭାର ଉପ-ପ୍ରଧାନମନ୍ତ୍ରୀ ମିହାଇ ପୋପଶୋଇ



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ତିନି ରାଷ୍ଟ୍ର ଗସ୍ତର ପ୍ରଥମ ପର୍ଯ୍ୟାୟରେ ସୋମବାର ଦିନ ମାଲଦୋଭାର ରାଜଧାନୀ ଚିସିନାଉରେ ପହଂଚିଛନ୍ତି । ଚିସିନାଉରେ ପହଂଚିବା ପରେ, ତାଙ୍କୁ ଅନ୍ତର୍ଜାତୀୟ ବିମାନବନ୍ଦରରେ ମାଲଦୋଭାର ଉପପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ମିହାଇ ପୋପଶୋଇ ସ୍ୱାଗତ କରିଥିଲେ । ଏହା ଜଣେ ଭାରତୀୟ ରାଷ୍ଟ୍ରପତିଙ୍କ ଦ୍ୱାରା ମାଲଦୋଭାକୁ ପ୍ରଥମ ଗସ୍ତ । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ରାଷ୍ଟ୍ରପତି ମୁର୍ମୁଙ୍କ ମାଲଦୋଭାରେ ପହଂଚିବା ବିଷୟରେ ଅବଗତ କରିଥିଲେ । ରାଷ୍ଟ୍ରପତିଙ୍କ ସରକାରୀ ଇନଷ୍ଟାଗ୍ରାମ ଆକାଉଂଟରେ କୁହାଯାଇଛି ଯେ ରାଷ୍ଟ୍ରପତି ମୁର୍ମୁଙ୍କୁ ମାଲଦୋଭା, ମେସେଡୋନିଆ ଏବଂ ରୋମାନିଆର ତାଙ୍କର ରାଜ୍ୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ମାଲଦୋଭାର ରାଜଧାନୀ ଚିସିନାଉରେ ପହଂଚିବା ପରେ ମାଲଦୋଭାର ଉପପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ମିହାଇ ପୋପଶୋଇ ତାଙ୍କୁ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ମୁର୍ମୁ ସୋମବାର ଦିନ ମାଲଦୋଭାର ରାଷ୍ଟ୍ରପତି ମାୟା ସେଣ୍ଡୁଙ୍କ ସହିତ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା କରିବେ । ଏହା ସହିତ, ସେ ମାଲଦୋଭା ସଂସଦର ଅଧ୍ୟକ୍ଷ ଇଗୋର ଗ୍ରୋସୁଙ୍କୁ ଭେଟିବେ ଏବଂ ମାଲଦୋଭା-ଭାରତ ସଂସଦୀୟ ବନ୍ଧୁତା ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଆଲୋଚନା କରିବେ । ସେ ଏକ ବ୍ୟବସାୟିକ ମଂଚକୁ ସମ୍ବୋଧିତ କରିବା ଏବଂ ମାଲଦୋଭାରେ ରହୁଥିବା ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ସାକ୍ଷାତ କରିବାର ମଧ୍ୟ କାର୍ଯ୍ୟକ୍ରମ ଅଛି ।

# ଯୁବପିଢ଼ିଙ୍କ ସାହସ ଏବଂ କଠିନ ପରିଶ୍ରମ ଏକ ବିକଶିତ ଭାରତର ସବୁଠାରୁ ବଡ଼ ଶକ୍ତି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଏକ ସଂସ୍କୃତ ସୁଭାଷିତ ଶେୟାର କରିଛନ୍ତି, ଯେଉଁଥିରେ ଭାରତର ଯୁବପିଢ଼ିଙ୍କ ସାହସ, ଆତ୍ମବିଶ୍ୱାସ ଏବଂ ଦୃଢ଼ତାର ପ୍ରଶଂସା କରାଯାଇଛି । ସେ କହିଛନ୍ତି ଯେ ଆଜି, ସେମାନଙ୍କର ସାହସ, ସଙ୍କଳ୍ପର ପ୍ରଭାବଶାଳୀ ବ୍ୟବହାର ଏବଂ ଅକ୍ଲାନ୍ତ କଠିନ ପରିଶ୍ରମ ମାଧ୍ୟମରେ, ଦେଶର ଯୁବପିଢ଼ି ଐତିହାସିକ ସଫଳତା ହାସଲ କରୁଛନ୍ତି, ଏକ ବିକଶିତ ଭାରତର ସର୍ବବୃହତ ଶକ୍ତି ଭାବରେ ଉଭା ହେଉଛନ୍ତି । ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, 'ପ୍ରପ୍ୟପଦମ୍ ନ ବ୍ୟଥତେ କଦାଚିଦୁଦ୍ୟୋଗମନବିଚତି ଚାପ୍ରମତଃ । ଦୁଃଖମ୍ ଚ କାଲେ ସହତେ ମହାତ୍ମା ଧୂରନ୍ଧରସ୍ତସ୍ୟ ଜିତାଃ ସପନ୍ତିଃ । ଅର୍ଥ: 'ଯେଉଁ ମହାନ ବ୍ୟକ୍ତି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଅବିଚଳିତ ରୁହନ୍ତି, ଅତ୍ୟନ୍ତ ସତର୍କତା ଏବଂ ସତର୍କତାର ସହିତ ନିରନ୍ତର ନିଜ କାର୍ଯ୍ୟରେ ନିୟୋଜିତ ରୁହନ୍ତି ଏବଂ ଧର୍ଯ୍ୟର ସହିତ କଠିନ ସମୟର ସମ୍ମୁଖୀନ ହୁଅନ୍ତି, ତାଙ୍କ ଶତ୍ରୁମାନଙ୍କୁ ପୂର୍ବରୁ ପରାଜିତ ବୋଲି ବିବେଚନା କରାଯାଏ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜି, ଭାରତର ଯୁବପିଢ଼ି ସେମାନଙ୍କର ସାହସ, ଆତ୍ମବିଶ୍ୱାସ ଏବଂ କଠିନ ପରିଶ୍ରମ ମାଧ୍ୟମରେ ନୂତନ ସଫଳତା ହାସଲ କରୁଛନ୍ତି । ସେ ବିଶ୍ୱାସ ପ୍ରକାଶ କରିଛନ୍ତି ଯେ ଯୁବକମାନଙ୍କର ଏହି ଶକ୍ତି, ଦୃଢ଼ ନିଷ୍ଠା ଏବଂ କଠିନ ପରିଶ୍ରମ ଏକ ବିକଶିତ ଭାରତ ଗଠନରେ ସବୁଠାରୁ ବଡ଼ ଶକ୍ତି ।



# ଜୁଲାଇ ୨୭ରେ ଜନ ଅଭିଯୋଗ ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଲୋକଙ୍କ ଅଭିଯୋଗ ଶୁଣିବେ ଲୋକଙ୍କ ମୁଖ୍ୟମନ୍ତ୍ରୀ । ଆଗାମୀ ଜୁଲାଇ ୨୭ ତାରିଖରେ ସୋମାବର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି । ୟୁନିଟ୍-୨ ଅଶୋକନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେସକାଳ ୮ଟାରୁ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ।ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣଜୁଲାଇ୨୨ ତାରିଖଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନ ଶୁଣାଣି ପୋର୍ଟାଲ (https://janasunani.odisha.gov.in/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# କ୍ୟାଚ୍ ଦ ରେନ୍ ଅଭିଯାନ ଅଧୀନରେ ୭୫ଟି ଅମୃତ ସାମ୍ ସହର ସହିତ ଜାତୀୟ ମତବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆଦିଲ୍ଲୀ : ଦେଶବ୍ୟାପୀ 'କ୍ୟାଚ୍ ଦ ରେନ୍' ଅଭିଯାନର ଅଂଶବିଶେଷ ସ୍ୱରୂପ, ଅମୃତ ଶାଲୋ ୱାଟର ମ୍ୟାନେଜମେଂଟ (ସାମ୍) କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଥିବା ୭୫ଟି ସହରକୁ ନେଇ ଏକ ଜାତୀୟ ସ୍ତରର ମତବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆବାସ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟ (ଏମଓଏଚୟୁଏ), ଜାତୀୟ ସହରାଂଚଳ ବ୍ୟାପାର ପ୍ରତିଷ୍ଠାନ (ଏନଆଇୟୁଏ) ସହଯୋଗରେ ଏହି ଆଲୋଚନା ଆୟୋଜନ କରିଥିଲା । ଏହା ଅଂଶଗ୍ରହଣକାରୀ ସହରଗୁଡ଼ିକୁ ଅଭିଯାନର କାର୍ଯ୍ୟକାରିତା ସମ୍ପର୍କରେ ନିଜର ଅଭିଜ୍ଞତା ବାଂଟିବା ଲାଗି ଏକ ମଂଚ ପ୍ରଦାନ କରିଥିଲା । ଏଥିରେ ସହରଗୁଡ଼ିକ ସର୍ବୋତମ ଅଭ୍ୟାସ ବିନିମୟ ଏବଂ ସହରାଂଚଳ ଜଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସମ୍ପୂର୍ଣ୍ଣ ହୋଇଥିବା ଭୂତଳ ଜଳ ରିଚାର୍ଜ ହସ୍ତକ୍ଷେପ ପ୍ରଦର୍ଶନ କରିବା ଲାଗି ମଧ୍ୟ ସୁଯୋଗ ପାଇଥିଲେ । ସାମ୍ କାର୍ଯ୍ୟକ୍ରମ ବୈଜ୍ଞାନିକ ଯୋଜନା ଏବଂ ବୈଷୟିକ ହସ୍ତକ୍ଷେପ ମାଧ୍ୟମରେ ଭୂତଳ ଜଳ ରିଚାର୍ଜ ବୃଦ୍ଧି କରିବାରେ ସହରଗୁଡ଼ିକୁ ସମର୍ଥନ କରେ । ଏହି କାର୍ଯ୍ୟକ୍ରମ ଅଧୀନରେ, ୭୫ଟି ସହର ରିଚାର୍ଜ ଶାଫ୍ଟ, ଇଞ୍ଜେକ୍ସନ କୂପ, ଚେକ୍ ଡ୍ୟାମ୍, ଗାବିଅନ୍ ୱାଲ୍, ବୃତାକାର ଖାଲ ଏବଂ ମଡ୍ୟୁଲାର୍ ରିଚାର୍ଜ ପିଟ୍ ସମେତ ବିଭିନ୍ନ ରିଚାର୍ଜ ହସ୍ତକ୍ଷେପ କାର୍ଯ୍ୟକାରୀ କରୁଛନ୍ତି । ଏହା ଦୀର୍ଘ ସ୍ଥାୟୀ ବର୍ଷାଜଳ ଅମଳ, ଜଳଭଣ୍ଡାର ରିଚାର୍ଜ ଏବଂ ଉନ୍ନତ ଜଳବାୟୁ ସ୍ଥିରତା କ୍ଷେତ୍ରରେ ଯୋଗଦାନ ଦେଉଛି । ଏହି ଆଲୋଚନାରେ ଏମଓଏଚୟୁଏର ଅତିରିକ୍ତ ସଚିବ ଡି. ତାରା ଅଧ୍ୟକ୍ଷତା କରିଥିଲେ ଏବଂ ଯୁଗ୍ମ ସଚିବ ଇଶା କାଲିଆ ଏହାକୁ ପରିଚାଳନା କରିଥିଲେ । ଯେଉଁଥିରେ ୭୫ଟି ସହରାଂଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି)ର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ସହରଗୁଡ଼ିକ ସେମାନଙ୍କର କାର୍ଯ୍ୟକାରିତା ଅଭିଜ୍ଞତା, ପ୍ରମୁଖ ଫଳାଫଳ, ଆହ୍ୱାନ ଏବଂ ଭୂତଳ ଜଳ ରିଚାର୍ଜ ହସ୍ତକ୍ଷେପକୁ ବୃଦ୍ଧି କରିବା ପାଇଁ ଭବିଷ୍ୟତ ଯୋଜନା ବିଷୟରେ ସୂଚନା ଦେଇଥିଲେ । ଅନେକ ସହର ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଉତ୍ସାହଜନକ ଫଳାଫଳ ଉପରେ ଆଲୋକପାତ କରିଥିଲେ । କୋର୍ବା ଏହାର ସାମ୍ ହସ୍ତକ୍ଷେପର ସଫଳତା ପରେ ୯୫ଟି ଅତିରିକ୍ତ ଅଚଳ ବୋରୱେଲକୁ ପୁନରୁଦ୍ଧାର କରିବା ପାଇଁ ଯୋଜନା ଘୋଷଣା କରିଥିଲେ । ବିଜୟନଗରମ୍ ଭୂତଳ ଜଳସ୍ତରରେ ଉନ୍ନତି ସମ୍ପର୍କରେ ସୂଚନା ଦେଇଥିବା ବେଳେ ନାଗପୁର ଚଳିତ ମୌସୁମୀ ସମୟରେ ୧୦୦ଟି ଅତିରିକ୍ତ ରିଚାର୍ଜ ଢାଂଚା ନିର୍ମାଣ କରିବାକୁ ପ୍ରତିଶ୍ରୁତିବଦ୍ଧ ଥିବା କହିଛି । ସାମ୍ ହସ୍ତକ୍ଷେପ କେବଳ ଭୂତଳ ଜଳ ରିଚାର୍ଜ ବୃଦ୍ଧି କରି ନାହିଁ ବରଂ ଉନ୍ନତ ବର୍ଷା ଜଳ ପ୍ରବେଶ ମାଧ୍ୟମରେ ସହରାଂଚଳ ବନ୍ୟାକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଛି ବୋଲି ଭୁବନେଶ୍ୱର ପକ୍ଷରୁ ବୈଠକରେ ସୂଚନା ଦିଆଯାଇଥିଲା । ଭୂତଳ ଜଳ ରିଚାର୍ଜ ପଦକ୍ଷେପଗୁଡ଼ିକର ଦୀର୍ଘକାଳୀନ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ଭୂତଳ ଜଳ ବିଶେଷଜ୍ଞମାନେ ଜନ ଭାଗିଦାରୀ ଏବଂ ସ୍ଥାନୀୟ ପରିଚାଳନାର ଉପରେ ଗୁରୁତ୍ୱାରୋପ କରିଥିଲେ ।

# ଭକ୍ତି ସୁଧା ପକ୍ଷରୁ ଯୁଗେ ଯୁଗେ ଜଗନ୍ନାଥ



ବାଲେଶ୍ୱର : ମହାପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ନବଦିନାତ୍ମକ ରଥଯାତ୍ରା ଅବସରରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ଉଦ୍ଦେଶ୍ୟରେ ବାଲେଶ୍ୱର ସହର ଆଇଟିଆଇ ଛକ ନିକଟସ୍ଥ ଓଡେଶା ଭବନ ପରିସରରେ ଆଧ୍ୟାତ୍ମିକ ଅନୁଷ୍ଠାନ ଭକ୍ତି ସୁଧା ଦ୍ୱାରା ଯୁଗେ ଯୁଗେ ଜଗନ୍ନାଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ବସ୍ତାର ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଜଗନ୍ନାଥ ସଂସ୍କୃତିର ପ୍ରଚାର ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ . ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଭକ୍ତି ସୁଧାର ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ ଦାସ, ଇଂ ହୃଷିକେଶ ସାହୁ , ବ୍ୟବସାୟୀ ତଥା ସମାଜସେବୀ ଲକ୍ଷ୍ମୀନାରାୟଣ ମହାନ୍ତି, ଚାଟାର୍ଡ ଆକାଉଟାଂଟ ସମାଜସେବୀ ସଞ୍ଜିବ କୁମାର ନାୟକ ଯୋଗଦାନ କରି ନିଜର ବକ୍ତବ୍ୟ ରଖିଥିଲେ ।ଏହି ଅବସରରେ ପ୍ରଭୁ ଜାଗନ୍ନାଥଙ୍କୁ ସମର୍ପିତ ଚିତ୍ରାଙ୍କନ,ନୃତ୍ୟ ଏବଂ କଣ୍ଠ ସଂଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟକରୁଥିବା ବାଲେଶ୍ୱର ମାଟିର ମହାନ ବ୍ୟକ୍ତି ବିଶେଷ ତଥା ଆଜିମାବାଦ ରଥଯାତ୍ରାର ଆୟୋଜକ ଶିବ ଶଙ୍କର ଭୋଇ, କବି ରବୀନ୍ଦ୍ର ବିଶ୍ୱାଳ,ଓଡିଶୀ ନୃତ୍ୟଗୁରୁ ବସନ୍ତ ଭୋଇ , ଜଗନ୍ନାଥ ପ୍ରେମୀ ଅଶ୍ୱିନୀ ଦାଶଙ୍କୁ କରୁଣା କୈବଲ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ଭକ୍ତି ସୁଧାର ସଂପାଦିକା ପ୍ରଣତିଲତା ପ୍ରଧାନ ମଂଚ ଆବାହନ, ସାଂସ୍କୃତିକ ସଂପାଦିକା ଗୀତାଞ୍ଜଳି ପତି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଉପ ସଭାପତି ଜୟନ୍ତୀ ରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଗଠନର ଉପଦେଷ୍ଟା ବିଶ୍ୱଜିତ ମହାନ୍ତି,ଗୌରହରି ଦାଶ, ସହ ସଂପାଦିକା ଅନୁପମା ଜେନା , ସହ ସଂପାଦକ ସୁଶାନ୍ତ ସିଂ, କୋଷାଧ୍ୟକ୍ଷ ସାଗର ମଳିକ,ଗାୟତ୍ରୀ ବେହେରା,ରମେଶ ବେହେରା , ରାଜା ମଳିକ ପ୍ରମୁଖ ପରିଚାଳନା କରିଥିଲେ ।

# ଦେଶର ଡେଙ୍ଗୁ ଟୀକାକୁ ସ୍ୱୀକୃତି ପ୍ରଦାନ




ନୂଆଦିଲ୍ଲୀ: ପ୍ରତିବର୍ଷ ଡେଙ୍ଗୁ ଦେଶରେ ବ୍ୟାପକ କ୍ଷୟକ୍ଷତି ଘଟିଥାଏ । ବର୍ଷା ପରେ, ଡେଙ୍ଗୁ ଦେଶର ଅନେକ ଅଂଚଳରେ ବ୍ୟାପିଥାଏ ଏବଂ ପ୍ରତିବର୍ଷ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥାଏ । କିନ୍ତୁ ଏବେ ଏହାକୁ ଏବେ ରୋକାଯାଇ ପାରିବ । ଡେଙ୍ଗୁକୁ ଦୂର କରିବା ପାଇଁ ସରକାର ଏକ ଟିକାକୁ ମଞ୍ଜୁରୀ ଦେଇଛନ୍ତି । ଔଷଧ ନିୟାମକ ସଂସ୍ଥା, କେନ୍ଦ୍ରୀୟ ଔଷଧ ମାନକ ଏବଂ ଔଷଧ ପ୍ରଶାସନ (ସିଡିଏସସିଓ), ଜାପାନୀ ଟିକା କ୍ୟୁଡେଙ୍ଗାକୁ ଅନୁମୋଦନ କରିଛି । କ୍ୟୁଡେଙ୍ଗା ଜାପାନୀ ଔଷଧ କମ୍ପାନି ତାକେଡା ଫାର୍ମାସ୍ୟୁଟିକାଲ ଦ୍ୱାରା ବିକଶିତ ହୋଇଛି । ଏହି ଟିକା ଟେଟ୍ରାଭାଲେଂଟ ଲାଇଭ୍ ଆଟେନୁଏଟେଡ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବିକଶିତ ହୋଇଛି । ଏହା ଡେଙ୍ଗୁ ଭାଇରସର ସମସ୍ତ ଚାରୋଟି ସେରୋଟାଇପ୍ ବିରୋଧରେ ସୁରକ୍ଷା ପ୍ରଦାନ କରିପାରିବ । ଜାପାନୀ କମ୍ପାନି ଅନୁଯାୟୀ, ଏହି ଟିକା ସେମାନଙ୍କୁ ମଧ୍ୟ ଦିଆଯାଇପାରିବ ଯେଉଁମାନେ ପୂର୍ବରୁ ଡେଙ୍ଗୁରେ ପୀଡିତ ହୋଇସାରିଛନ୍ତି । ଅନ୍ୟପକ୍ଷରେ, ଯେଉଁମାନେ ଏପର୍ଯ୍ୟନ୍ତ ଡେଙ୍ଗୁରେ ପୀଡିତ ହୋଇନାହାନ୍ତି ସେମାନେ ମଧ୍ୟ ଏହା ନେଇପାରିବେ । ଏହି ଟିକା ଦେବା ପୂର୍ବରୁ ଡେଙ୍ଗୁ ପରୀକ୍ଷା କରିବାର କୌଣସି ଆବଶ୍ୟକତା ନାହିଁ । କମ୍ପାନି କହିଛି ଯେ ଏହି ଅନୁମୋଦନ ଏପରି ସମୟରେ ଆସିଛି ଯେତେବେଳେ ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ଡେଙ୍ଗୁ ମାମଲା ୧୧ ଗୁଣ ବୃଦ୍ଧି ପାଇଛି । ଏହି ଟିକା ବିକଶିତ କରିବା ପାଇଁ, ଜାପାନୀ କମ୍ପାନି ତାକେଡା ଫାର୍ମାସ୍ୟୁଟିକାଲ୍ ୨୦୨୪ ମସିହାରେ ଭାରତୀୟ ଟିକା କମ୍ପାନି ବାୟୋଲୋଜିକାଲ୍-ଇ ସହ ଚୁକ୍ତି କରିଥିଲା । ଏହି ଚୁକ୍ତି ଅନୁଯାୟୀ, ବାୟୋଲୋଜିକାଲ୍-ଇ ପ୍ରତିବର୍ଷ ୫ କୋଟି ଡୋଜ୍ ଉତ୍ପାଦନ କରିବାର କ୍ଷମତା ବିକଶିତ କରିବ । ଏହା ତାକେଡାକୁ ଦଶନ୍ଧି ଶେଷ ସୁଦ୍ଧା ବିଶ୍ୱବ୍ୟାପୀ ପ୍ରତିବର୍ଷ ୧୦ କୋଟି ଡୋଜ୍ ଉତ୍ପାଦନ କରିବାର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ । ବିଶ୍ୱସ୍ତରରେ ଡେଙ୍ଗୁ ମାମଲା ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ ଭାରତରେ ଘଟିଥାଏ ।

# ଅବସର ଖବରକୁ ଖଣ୍ଡନ କଲେ ରୋହିତ




ନୂଆଦିଲ୍ଲୀ: ଇଂଲଣ୍ଡ ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚରେ ଆକର୍ଷଣୀୟ ଶତକ ହାସଲ କରି ଭାରତର ଷ୍ଟାର ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ସମାଲୋଚକଙ୍କ ମୁହଁ ବନ୍ଦ କରିଛନ୍ତି । ମ୍ୟାଚ ପରେ ସେ ଅବସର ନେଉ ନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି । ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, ପଦାର୍ପଣ ପରଠାରୁ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ବ୍ୟତୀତ ଅନ୍ୟ କିଛି ଚିନ୍ତା କରିନି । ଶେଷ ପର୍ଯ୍ୟନ୍ତ ଏହା ଜାରୀ ରହିବ । ଆଉ ପଡିଆରେ ଥିବା ବେଳେ ଯଦି ଷ୍ଟାଡିୟମରେ ହୋ ହଲ୍ଲା ନ ଆସେ ତେବେ ମଜା ଲାଗେନି । ଯେଉଁଦିନ ଏହା ବନ୍ଦ ହୋଇଯିବ ସେଦିନ କ୍ରିକେଟ ଛାଡିଦେବି । ଲର୍ଡସରେ ରୋହିତ ତାଙ୍କ କ୍ୟାରିୟରର ଶେଷ ମ୍ୟାଚ ଖେଳିବାକୁ ଯାଉଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଥିଲା । ସେ ସମ୍ପୂର୍ଣ୍ଣ ଭାବେ ଏହାକୁ ଆଗ୍ରାହ୍ୟ କରିଛନ୍ତି । ଅଧିନାୟକ ଶୁଭମନ ଗିଲ ମଧ୍ୟ କହିଛନ୍ତି ରୋହିତ ଭାଇଙ୍କ ଅବସର ସମ୍ପର୍କରେ କୌଣସି ପ୍ରକାରର ଆଲୋଚନା ହୋଇ ନ ଥିଲା । ଏହା କେବଳ ଏକ ଗୁଜବ । ରୋହିତ ସାଥୀ ଖେଳାଳି ବିରାଟ କୋହଲିଙ୍କ ସହ ୪୦୦ ଆନ୍ତର୍ଜାତୀୟ ମ୍ୟାଚ ଖେଳିବା ଗୌରବ ଅର୍ଜନ କରିଛନ୍ତି ।

# ଫିଫା ବିଶ୍ୱକପ୍‌ରେ ସ୍ପେନ୍ ବିଜୟୀ, ତୃତୀୟ ସ୍ଥାନରେ ଇଂଲଣ୍ଡ



ନୂଆଦିଲ୍ଲୀ: ଚଳିତ ଫିଫା ବିଶ୍ୱକପ୍ ୨୦୨୬ ଟୁର୍ଣ୍ଣାମେଂଟର ଶେଷ ପର୍ଯ୍ୟାୟରେ ଏକ ରୋମାଂଚକର ସ୍ଥିତି ଦେଖିବାକୁ ମିଳିଛି । ତୃତୀୟ ସ୍ଥାନ ପାଇଁ ଖେଳାଯାଇଥିବା ହାଇଭୋଲଟେଜ୍ ପ୍ଲେ-ଅଫ୍ ମ୍ୟାଚରେ ଏକ ବଡ଼ ବିଜୟ ହାସଲ କରିଛି ଇଂଲଣ୍ଡ ଦଳ । ଗୋଲ୍ ବର୍ଷା ହୋଇଥିବା ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଇଂଲଣ୍ଡ ଶକ୍ତିଶାଳୀ ଫ୍ରାନ୍ସକୁ ୬-୪ ଗୋଲ୍ ବ୍ୟବଧାନରେ ପରାସ୍ତ କରି ବ୍ରୋଞ୍ଜ ପଦକ ନିଜ ନାମରେ କରିଛି । ତୃତୀୟ ସ୍ଥାନ ହାସଲ କରିବା ନେଇ ଉଭୟ ଇଂଲଣ୍ଡ ଏବଂ ଫ୍ରାନ୍ସ ମଧ୍ୟରେ ଫିଲ୍ଡରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା । ଆରମ୍ଭରୁ ହିଁ ଉଭୟ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ, ଯାହାର ଫଳସ୍ୱରୂପ ମ୍ୟାଚରେ ମୋଟ ୧୦ଟି ଗୋଲ୍ ଦେଖିବାକୁ ମିଳିଥିଲା । ଫ୍ରାନ୍ସ ଖେଳାଳିମାନେ ବାରମ୍ବାର ଇଂଲଣ୍ଡର ଗୋଲ୍ ପୋଷ୍ଟ ଉପରେ ଆକ୍ରମଣ କରି ୪ଟି ଗୋଲ୍ ସ୍କୋର କରିବାରେ ସଫଳ ହୋଇଥିଲେ ମଧ୍ୟ ଇଂଲଣ୍ଡର ଶକ୍ତିଶାଳୀ ଫରୱାର୍ଡ ଲାଇନ୍ ଆଗରେ ଏହା ଫିକା ପଡ଼ିଯାଇଥିଲା । ମ୍ୟାଚର ବିଭିନ୍ନ ପର୍ଯ୍ୟାୟରେ ଇଂଲଣ୍ଡ ନିଜର ଉନ୍ନତ ପାସିଂ, ରଣନୀତି ଏବଂ ଚମତ୍କାର ଫିନିଶିଂର ନମୁନା ଦେଖାଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ଇଂଲଣ୍ଡର ଷ୍ଟ୍ରାଇକରମାନେ ଫ୍ରାନ୍ସର ଡିଫେନ୍ସକୁ ଭେଦ କରି ୬ଟି ଗୋଲ୍ ଦେବାରେ ସକ୍ଷମ ହୋଇଥିଲେ । ଏହି ଐତିହାସିକ ବିଜୟ ସହ ଇଂଲଣ୍ଡ ୨୦୨୬ ବିଶ୍ୱକପ୍‌ରେ ତୃତୀୟ ସ୍ଥାନ ଅଧିକାର କରିବା ସହ ବ୍ରୋଞ୍ଜ ପଦକ ହାତେଇଛି । ଅନ୍ୟପକ୍ଷରେ, ଉତମ ଖେଳ ପ୍ରଦର୍ଶନ କରିଥିଲେ ସୁଦ୍ଧା ଫ୍ରାନ୍ସକୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**